
୨୦୨୭ରେ ଭାରତରେ ଗଡ଼ିବ ବୁଲେଟ ଟ୍ରେନ୍ ପୃଷ୍ଠା ୪

# ସଂଚାର THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 169 ଭାଗ ୩୪ | ସଂଖ୍ୟା ୧୬୯ | Wednesday 9 September 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୯ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା







### ଆବୁଧାବିରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଓଡ଼ିଶାର ୟୁଏଇ ନିବେଶ ଅଭିଯାନ ଆରମ୍ଭ

**ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ବୃଦ୍ଧି ଆଧାରିତ ଭାଗିଦାରୀ ଲକ୍ଷ୍ୟ**

**ପ୍ରବାସୀ ଓଡ଼ିଆଙ୍କ ଇଜ୍ ଅଫ୍ ଲିଭିଂ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ**

**ଉଚ୍ଚସ୍ତରୀୟ ନିବେଶକ ଆଲୋଚନା ପ୍ରସ୍ତୁତି ସମୀକ୍ଷା**



ଆବୁଧାବି/ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆବୁଧାବିରେ ପହଞ୍ଚିଛନ୍ତି। ଏଥିସହ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଓଡ଼ିଶାର ଉଚ୍ଚସ୍ତରୀୟ ନିବେଶ ଅଭିଯାନର ଶୁଭାରମ୍ଭ ହୋଇଛି। ଆସନ୍ତାକାଲିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓ ସେପ୍ଟେମ୍ବର ୧୨ରେ ସେ ଭାରତ ଫେରିବାର କାର୍ଯ୍ୟକ୍ରମ ରହିଛି। ୟୁଏଇ ସହ ଓଡ଼ିଶାର ଆର୍ଥିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିବେଶ, ମାନୁଫ୍ୟାକଚରିଂ, ଭିତ୍ତିଭୂମି, ଶକ୍ତି ଓ ଏମର୍ଜିଂ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଭାଗିଦାରୀ ଗଢ଼ି ତୋଳିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଏହି ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗ ଓ ଇପିକଲର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। ଆବୁଧାବିରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ୟୁଏଇରେ ଥିବା ଅଧିକାରୀ ଏବଂ ପ୍ରତିନିଧିମାନେ ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। ୟୁଏଇରେ ଥିବା ଭାରତୀୟ ଦୂତାବାସର ପ୍ରତିନିଧିମାନେ ମଧ୍ୟ ପ୍ରତିନିଧି ଦଳକୁ ସ୍ୱାଗତ ଜଣାଇଥିଲେ। ସେଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଆବୁଧାବି ଗସ୍ତ ସମୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଓ ନିବେଶକ ଆଲୋଚନାର ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ୟୁଏଇର ନିବେଶକ, ଅନୁଷ୍ଠାନ ଓ ଶିଳ୍ପପତିଙ୍କ ସହ ହେବାକୁ ଥିବା ବୈଠକଗୁଡ଼ିକ ଯେପରି ଫଳପ୍ରଦ ହେବ, ସେଥିପାଇଁ ସେ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ।

ଏହି ସମୟରେ ମୁଖ୍ୟମନ୍ତ୍ରୀ ୟୁଏଇରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ପୃଷ୍ଠା-୬

# ପିଏମ୍‌ଙ୍କୁ ଟାର୍ଗେଟ୍ ୩ ସନ୍ଦିଗ୍ଧ ଗିରଫ



**ବନ୍ଧୁକ ସହ ନକଲି ପିଏମଓ ପରିଚୟ ପତ୍ର ଜବତ**

ମୁମ୍ବାଇ,୮।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁମ୍ବାଇ ଗସ୍ତ ପୂର୍ବରୁ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ ଅଞ୍ଚଳରେ ଏକ ବଡ଼ ଧରଣର ସୁରକ୍ଷା ସମସ୍ୟା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀଙ୍କ ଆଗମନର ଦିନକ ପୂର୍ବରୁ ଅର୍ଥାତ ସୋମବାର ସନ୍ଧ୍ୟାରେ ଜିଓ ୱାର୍ଲଡ ପ୍ଲାଜା ନିକଟରେ ଜାଲ୍ ପିଏମଓ (ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ) ପରିଚୟପତ୍ର ଓ ବନ୍ଧୁକ ଦେଖାଇ ଜବରଦସ୍ତ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ତିନି ଜଣ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ଶପିଙ୍ଗ୍ ମଲ୍ ଗେଟ୍‌ରେ ସୁରକ୍ଷା ଯାଞ୍ଚ ସମୟରେ ଜଣେ ଯୁବକ ନିଜକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅଧିକାରୀ ଭାବେ ପରିଚୟ ଦେଇଥିବା ବେଳେ ତାଙ୍କ ସହ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ନିକଟରେ ବନ୍ଧୁକ ରହିଥିଲା। ପରିଚୟପତ୍ରକୁ ନେଇ ସନ୍ଦେହ ହେବାରୁ ମଲ୍ ସୁରକ୍ଷା କର୍ମୀ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ବିକେସି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତିନି ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ମୁମ୍ବାଇ ପୁଲିସ ପକ୍ଷରୁ ଆଜି ସ୍ପଷ୍ଟୀକରଣ ଦିଆଯାଇଛି।

## ଶ୍ରୀଜଗନ୍ନାଥ ମନ୍ଦିରର ଆଉ ୩ ପରିଚୟକୁ ଟ୍ରେଡମାର୍କ ସୁରକ୍ଷା

ପୁରୀ,୮।୯(ସଂଚାର ବ୍ୟୁରୋ): ଶ୍ରୀଜଗନ୍ନାଥ ମନ୍ଦିର ସହ ଜଡ଼ିତ ଆଉ ତିନିଟି ଐତିହାସିକ ଓ ସ୍ୱତନ୍ତ୍ର ପରିଚୟକୁ ବୌଦ୍ଧିକ ସମ୍ପତ୍ତି ସୁରକ୍ଷା ଦେବା ଦିଗରେ ବଡ଼ ପଦକ୍ଷେପ ନେଇଛି ଶ୍ରୀମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)। 'ଶ୍ରୀମନ୍ଦିର', 'ରତ୍ନଭଣ୍ଡାର' ଓ 'ଶ୍ରୀ ନହର' ନାମରେ ଦାଖଲ ହୋଇଥିବା ଟ୍ରେଡମାର୍କ ଆବେଦନକୁ ଟ୍ରେଡ୍‌ମାର୍କ ରେଜିଷ୍ଟ୍ରି ପକ୍ଷରୁ ପ୍ରକାଶନ ପାଇଁ ଗ୍ରହଣ କରାଯାଇଛି। 'ଶ୍ରୀମନ୍ଦିର' ପାଇଁ କ୍ଲାସ୍ ୧୯ ଓ ୪୫, 'ରତ୍ନଭଣ୍ଡାର' ପାଇଁ କ୍ଲାସ୍ ୧୪ ଓ ୪୫ ଏବଂ 'ଶ୍ରୀ ନହର' ପାଇଁ କ୍ଲାସ୍ ୧୯ରେ ଟ୍ରେଡମାର୍କ ସୁରକ୍ଷା ପ୍ରକ୍ରିୟା ଆଗକୁ ବଢ଼ିଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ 'ଆନନ୍ଦ ବଜାର', 'ପତିତପାବନ' ଓ 'ନୀଳଚକ୍ର' ଲୋଗୋକୁ ଟ୍ରେଡମାର୍କ ପୃଷ୍ଠା-୬

### ସୁପ୍ରିମକୋର୍ଟରେ ଦାରା ସିଂ ମୁକ୍ତି ଆବେଦନ ମାମଲା

# ରାଜ୍ୟ ସରକାରଙ୍କୁ ଚେତାବନୀ



**ନିଷ୍ପତ୍ତି ନିଅ ନଚେତ ସଚିବଙ୍କୁ ଡକାଇବୁ**

ନୂଆଦିଲ୍ଲୀ,୮।୯(ସଂଚାର ବ୍ୟୁରୋ): ଦାରା ସିଂଙ୍କ ମୁକ୍ତି ଆବେଦନ ପ୍ରସଙ୍ଗରେ ଶିଥିଳତାକୁ ନେଇ ଓଡ଼ିଶା ସରକାରଙ୍କୁ ଆଜି ସୁପ୍ରିମକୋର୍ଟ କଡ଼ା ତାଗିଦ କରିଛନ୍ତି। ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲଙ୍କ ଆଗୁଆ ମୁକ୍ତି ଉପରେ ରାଜ୍ୟର 'ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ' ତୁରନ୍ତ ଫଇସଲା ନ କଲେ ସମ୍ପୃକ୍ତ ସଚିବ ବା ଦାୟିତ୍ୱରେ ଥିବା ବରିଷ୍ଠ ଅଫିସରଙ୍କୁ କୋର୍ଟକୁ ତଲବ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଦୁଇ ବର୍ଷ ଧରି ଏହି ପ୍ରସଙ୍ଗରେ କୌଣସି ଫଇସଲା ନ କରି ମାମଲାକୁ ଝୁଲାଇ ରଖାଯାଇଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ମନୋଜ ମିଶ୍ର ଓ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଆବେଦନର ଶୁଣାଣି ଚାଲିଥିବା ବେଳେ ରାଜ୍ୟ ସରକାରଙ୍କ ଆଡଭୋକେଟ୍-ଅନ୍-ରେକର୍ଡ ଅସୁସ୍ଥ ଥିବା ଦର୍ଶାଇ ସରକାରୀ ଓକିଲ ସମୟ ଲୋଡ଼ିଥିଲେ। ଏହା ଉପରେ କ୍ଷୁବ୍ଧ ହୋଇ ପୃଷ୍ଠା-୬

### ବିକାଶ ଓ ମୌଳିକ ସୁବିଧା ପାଇଁ ଦିଶା ଓ ଆରପିଡିଏସି ବୈଠକରେ ଧର୍ମେନ୍ଦ୍ର

# ସମ୍ବଲପୁରରେ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

**ପଞ୍ଚାୟତିରାଜ ମନ୍ତ୍ରୀ, ସମ୍ବଲପୁର ଓ ରେଙ୍ଗାଲି ବିଧାୟକ ଉପସ୍ଥିତ**

**'ଡିଷ୍ଟ୍ରିକ୍ଟ ହାଇଡ୍ରୋଲୋଜି ମ୍ୟାପିଙ୍ଗ୍' ଓ 'ପିଏମ୍ କୁସୁମ' ନେଇ ଆଲୋଚନା**




ସମ୍ବଲପୁର,୮।୯(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲାର ବିକାଶ ଓ ଜନସାଧାରଣଙ୍କ ମୌଳିକ ସୁବିଧା ସୁଯୋଗକୁ ଅଗ୍ରାଧିକାର ଦେବା ତଥା ସ୍ଥାନୀୟ ବିସ୍ଥାପିତ ଓ ପ୍ରଭାବିତ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଲକ୍ଷ୍ୟରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପୃଥକ ଭାବେ ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି (ଦିଶା) ଓ ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ରିହାବିଲିଟେସନ୍ ଆଡଭାଇଜରୀ କମିଟି (ଆର୍‌ପିଡିଏସି) ବୈଠକ ଅନୁଷ୍ଠିତ ହୋଇଛି। ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଶା ବୈଠକରେ ଜିଲ୍ଲାର ଜଳସେଚନ, ରେଳବାଇ, ଟେଲିକମ୍ୟୁନିକେସନ ଓ ବିଦ୍ୟୁତ ଭିତ୍ତିଭୂମି ତଥା ଏହି ୪ଟି ପ୍ରମୁଖ ବିଭାଗର ପ୍ରକଳ୍ପଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସେହିପରି ଆରପିଡିଏସି ବୈଠକରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ତଲାବିରା କୋଇଲା ଖଣି ଓ ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକଙ୍କ ଜମି ଅଧିଗ୍ରହଣ, ଉଚିତ୍ କ୍ଷତିପୂରଣ, ଥଇଥାନ, ନିଯୁକ୍ତି ଓ ପୃଷ୍ଠା-୬

**ଦୁଗ୍ଧ ଚାଷୀଙ୍କ ପାଇଁ ଖୁସି ଖବର**

# ବଢ଼ିଲା କ୍ଷୀର ସଂଗ୍ରହ ମୂଲ୍ୟ



**ଲିଟର ପିଛା ୨ ଟଙ୍କା ଅଧିକ ପାଇବେ ଚାଷୀ**

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧ ଚାଷୀଙ୍କ ପାଇଁ ଏକ ବଡ଼ ତଥା ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ରାଜ୍ୟର ଅଗ୍ରଣୀ ତଥା ସର୍ବବୃହତ ସମବାୟ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା 'ଓମଫେଡ' ପକ୍ଷରୁ କ୍ଷୀର ସଂଗ୍ରହ ବା କ୍ରୟ ମୂଲ୍ୟରେ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘୋଷଣା କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଓମଫେଡ ଏବେ ଚାଷୀଙ୍କଠାରୁ କିଣୁଥିବା କ୍ଷୀର ଉପରେ ଲିଟର ପିଛା ଅତିରିକ୍ତ ୨ ଟଙ୍କା ପ୍ରଦାନ କରିବ। ଆସନ୍ତା ସେପ୍ଟେମ୍ବର ୧୧ ତାରିଖରୁ ଏହି ବର୍ଦ୍ଧିତ ମୂଲ୍ୟ ରାଜ୍ୟବ୍ୟାପୀ ଲାଗୁ ହେବ ବୋଲି ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି।

ବର୍ତ୍ତମାନ ସମୟରେ ଗୋ-ଖାଦ୍ୟ, ଦାନା, ଘାସ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଦର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହାବ୍ୟତୀତ ପରିବହନ ଖର୍ଚ୍ଚ ଓ ଗାଈଗୋରୁଙ୍କ ଦୈନନ୍ଦିନ ରକ୍ଷଣାବେକ୍ଷଣ ବାବଦରେ ମଧ୍ୟ ଚାଷୀମାନଙ୍କୁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡୁଛି। ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ଦିନକୁ ଦିନ ବଢୁଥିବାରୁ ଚାଷୀମାନେ ନିଜର ଉଚିତ୍ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିଲେ ଓ କ୍ଷତି ସହୁଥିଲେ। ତେଣୁ ଦୀର୍ଘ ଦିନ ଧରି କ୍ଷୀରର ପୃଷ୍ଠା-୬

### ବିପଦପୂର୍ଣ୍ଣ କୋଠା ବିରୋଧରେ ସରକାରଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ



# ଚିହ୍ନଟ ହେବ ଅସୁରକ୍ଷିତ କୋଠା

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ସହରାଞ୍ଚଳରେ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିପଦପୂର୍ଣ୍ଣ ଓ ଅସୁରକ୍ଷିତ କୋଠାଗୁଡ଼ିକ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସରକାରୀ ଓ ଘରୋଇ କୋଠାଗୁଡ଼ିକୁ ଚିହ୍ନଟ କରି ଯାଞ୍ଚ, ମୂଲ୍ୟାଙ୍କନ ଓ ଆଇନାନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ବିପଦପୂର୍ଣ୍ଣ ସରକାରୀ କୋଠାଗୁଡ଼ିକର ମୂଲ୍ୟାଙ୍କନ ପୂର୍ବରୁ କରାଯାଇଛି ଓ ଆବଶ୍ୟକ ସ୍ଥଳେ ନୋଟିସ୍ ମଧ୍ୟ ଜାରି ହୋଇଛି। ଏହି ପ୍ରସଙ୍ଗରେ ଗତକାଲି ବିଭାଗ ସହ ଆଉ ଏକ ସମୀକ୍ଷା ବୈଠକ କରାଯାଇଥିବା ସେ ସୂଚନା ଦେଇଛନ୍ତି। ମୂଲ୍ୟାଙ୍କନ ଆଧାରରେ ବିପଦସଙ୍କୁଳ ଭାବେ ଚିହ୍ନଟ ସମସ୍ତ ସରକାରୀ କୋଠା ଯାଞ୍ଚ କରାଯାଇଛି ଓ ନୋଟିସ୍ ମଧ୍ୟ ପଠାଯାଇଛି। ଗତକାଲି ସେ ବିଭାଗ ସହ ଆଉ ଏକ ସମୀକ୍ଷା କରିଛି। ଖୁବ୍‌ଶୀଘ୍ର ବିପଦପୂର୍ଣ୍ଣ ପ୍ରମାଣିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯିବ ବୋଲି ଡଃ ମହାପାତ୍ର କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ତାଙ୍କ ବିଭାଗ ଅଧୀନରେ ଥିବା ବିପଦପୂର୍ଣ୍ଣ ପୃଷ୍ଠା-୬



## କାନ ଡେରିଥା

ସବୁ ସରକାର ରାଇଜ ଲୁଟନ୍ତି
ବିଭିନ୍ନ ଯୋଜନା ଦେଇ
ପ୍ରଶାସନ ଏଠି ଉନ୍ନତି ନାମରେ
ବାଲି ଗୋଡ଼ି ଯାଏ ଖାଇ
ପିସିକୁ ପ୍ରଶ୍ରୟ ନାହିଁ...
ନେତା ପ୍ରଶାସନ ମିଳିଭଗତରେ
ରାତିରେ ଦେଖାନ୍ତି ଛାଇ ।

■ ଦେବାଶିଷ

**ଏମ୍‌ଏମ୍‌ଡିଆର୍ ବିଲ୍ ପ୍ରସଙ୍ଗ**

# ସରକାରୀ ଦଳ ନାକେଦମ

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ସଂସଦରେ ପାରିତ ହୋଇଥିବା ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନ୍‌କୁ ନେଇ ଏବେ ସରକାରୀ ଦଳ ନାକେଦମ ହେବାରେ ଲାଗିଛି। ରାଜ୍ୟର ବିରୋଧୀ ଦଳଗୁଡ଼ିକ ଯେଭଳି ସବୁ ପ୍ରସଙ୍ଗକୁ ପଛରେ ପକାଇ ଏମ୍‌ଏମ୍‌ଡିଆର୍‌କୁ ଏକ ନମ୍ବର ମୁଦ୍ଦା କରି ଜାବୁଡ଼ି ଧରିଛନ୍ତି, ତାହାକୁ ମୁକାବିଲା ପାଇଁ ଏବେ ଶାସକ ଦଳର ସାଂସଦ, ବିଧାୟକମାନେ ଆଗକୁ ଆସିଥିବା ଲକ୍ଷ୍ୟ କରାଯାଇଛି।

ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ୍ ଦ୍ୱାରା ଓଡିଶା କିଭଳି କ୍ଷତିଗ୍ରସ୍ତ ହେବ, ବିରୋଧୀ ବିଜେଡି ଓ କଂଗ୍ରେସ ନିୟମିତ ଭାବେ ଲୋକଙ୍କୁ ବୁଝାଇବାରେ ଲାଗିଛନ୍ତି। ପ୍ରତିଦିନ ନୂଆ ନୂଆ ତଥ୍ୟ ରଖି ସାମ୍ବାଦିକ ସମ୍ମିଳନୀ ବି କରୁଛନ୍ତି। ସିଧାସଳଖ ଶାସକ ଦଳର ସାଂସଦମାନଙ୍କ ଉପରେ ଆକ୍ରମଣ କରୁଛନ୍ତି। ତେବେ ବିରୋଧୀ ଦଳକୁ ମୁକାବିଲା କରିବା ପାଇଁ ଶାସକ ଦଳ ମଧ୍ୟ କାଉଣ୍ଟର ଅଭିଯାନ ଆରମ୍ଭ କରିଛି। ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରାଯାଇଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ଲିଖିତ ଭାବେ ଏହାକୁ ଖଣ୍ଡନ କରିଛନ୍ତି। ଏତେସବୁ ପରେ ବି ବିରୋଧୀ ଏହି ପ୍ରସଙ୍ଗକୁ ଛାଡ଼ିବାକୁ ନାରାଜ। ଏମ୍‌ଏମ୍‌ଡିଆର୍ ଆଇନରେ




**ଦଳୀୟ ଅଫିସରୁ ଆସି ପ୍ରସଙ୍ଗ ଏବେ ରାଜରାସ୍ତାରେ**

**ବିଲ୍ ସପକ୍ଷରେ ସାଂସଦ, ବିଧାୟକଙ୍କ ନିବନ୍ଧ**

**ସାଧାରଣ ଲୋକେ ବି ଆରମ୍ଭ କଲେଣି ଆଇନର ତର୍ଜମା**

ସଂଶୋଧନ ଦ୍ୱାରା ଓଡ଼ିଶା କିଭଳି ତାହାର ବକେୟା ୧ ଲକ୍ଷ କୋଟି ଟଙ୍କା ହରାଇଲା ଓ ପ୍ରତିବର୍ଷ ୧୨ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ ବୋଲି ହିସାବ ଦେଇ ପୃଷ୍ଠା-୬

**ଚଳିତ ଖରିଫ ଋତୁରେ ପଞ୍ଜୀକରଣରେ ସର୍ବକାଳୀନ ରେକର୍ଡ**

# ପଞ୍ଜୀକରଣ କରିଛନ୍ତି ୨୧.୪୨ ଲକ୍ଷ ଚାଷୀ



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଓଡ଼ିଶାରେ ଚଳିତ ଖରିଫ ଋତୁ (୨୦୨୬-୨୭) ପାଇଁ ଧାନ କିଣାରେ ରେକର୍ଡ ସୃଷ୍ଟି ହୋଇଛି। ୨୧.୪୨ ଲକ୍ଷ ଚାଷୀଙ୍କ ପଞ୍ଜୀକରଣ ହୋଇସାରିଥିବା ବେଳେ ଯେଉଁମାନେ ପଞ୍ଜୀକରଣ କରି ନ ଥିଲେ, ସେମାନଙ୍କ ପାଇଁ ଗତକାଲି ରାତି ଯାଏଁ ଶେଷ ସୁଯୋଗ ଥିଲା। ହେଲେ ଆଉ ଅବଧି ବଢ଼ିବ ନାହିଁ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସେହିପରି ରାଜ୍ୟରେ ଏଥର ସର୍ବକାଳୀନ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ମୋଟ ୨୨ ଲକ୍ଷ ପୃଷ୍ଠା-୬

# ନାବାଳିକା ଅନ୍ତେବାସୀ ଅନ୍ତସତ୍ତ୍ୱା, ନାବାଳକ ଓ ସିକ୍ୟୁରିଟି ଗାର୍ଡ ଗିରଫ

କେନ୍ଦ୍ରାପଡ଼ା,୮।୯ (ସଂଚାର ବ୍ୟୁରୋ)ଃ ଗତ କିଛିବର୍ଷ ତଳେ ଜଣେ ନାବାଳିକାକୁ ରାସ୍ତାକଡ଼ରରୁ ଉଦ୍ଧାର କରାଯାଇ ସହର ଉପକଣ୍ଠରେ ଥିବା ଏକ ସର୍ଟ ଷ୍ଟେ ହୋମରେ ରଖା ଯାଇଥିଲା। ଏହି ସମୟରେ ନାବାଳିକା ଜଣଙ୍କ ସ୍ଥାନୀୟ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ନାବାଳିକା ଜଣଙ୍କ ନିଜ ପରିବାର ସମ୍ପର୍କରେ କିଛି କହୁନଥିଲା ବେଳେ ତିନିବର୍ଷର ରହଣି ଭିତରେ ନିଜ ଘର ଛତିଶଗଡ ଓ ତାର ବାପା ମା' ନାହାନ୍ତି ବୋଲି କହି ଆସୁଥିଲେ। ତେବେ ଚଳିତବର୍ଷ ଅଷ୍ଟମ ଶ୍ରେଣୀରେ ଆଡ଼ମିଶନ ପାଇଁ ଆଧାର କାର୍ଡ ଆବଶ୍ୟକ ହେବା କାରଣରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନାବାଳିକା ଜଣଙ୍କୁ ନେଇ ଏକ ଟିମ୍ ଝାଡ଼ଖଣ୍ଡ ସମ୍ପର୍କୀୟ ମାନଙ୍କୁ ଖୋଜାଖୋଜି କରିବା ପାଇଁ ଯାଇଥିବା ବେଳେ ସେଠାରେ ନାବାଳିକାଙ୍କ ବାପା ମା' ସମସ୍ତେ ଥିବା ଜାଣିବାକୁ ପାଇଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଜଣଙ୍କର ପରିବାର ସନ୍ଧାନ ମିଳିଯିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇ ଜୁନ୍ ମାସ ୨୫ ତାରିଖରେ ତାଙ୍କୁ ଝାଡ଼ଖଣ୍ଡ ଛଡା ଯାଇଥିଲା। ତେବେ ଘରେ ରହଣି ସମୟରେ ନାବାଳିକା ଜଣଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନ୍ନତି ଦେଖାଯିବାରୁ ତାଙ୍କୁ ହସ୍ପିଟାଲ ନେବା ପରେ ସେ ପାଞ୍ଚ ମାସର ଗର୍ଭବତୀ ବୋଲି ଜାଣିବାକୁ ପାଇଥିଲା ପରିବାର। ଏହାପରେ ଝାଡ଼ଖଣ୍ଡ ଏନେଇ ଏକ ଲିଖିତ ଏତଲା ହେବା ପରେ ଏହି ଏତଲା କେନ୍ଦ୍ରାପଡ଼ା ସଦର ଥାନାକୁ ଆସିଥିଲା। କେନ୍ଦ୍ରାପଡ଼ା ସଦର ପୁଲିସ୍ ଟିମ୍ ଝାଡ଼ଖଣ୍ଡ ଯାଇ ସେଠାରୁ ପୀଡ଼ିତା ନାବାଳିକାଙ୍କୁ କେନ୍ଦ୍ରାପଡ଼ା ଆଣି ଏଠାରେ ତଦନ୍ତ କରିବା ସହ ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବା ସର୍ଟ ଷ୍ଟେ ହୋମର ଜଣେ ନାବାଳକ ଓ ଜଣେ ବୟସ୍କ ସିକ୍ୟୁରିଟିକୁ ଗତକାଲି ଗିରଫ କରାଯାଇଥିଲା। ନାବାଳକ ଅପରାଧୀ ଜଣଙ୍କୁ ଜୁଭେନାଇଲ କୋର୍ଟ ଚାଲାଣ କରାଯାଇଥିବା ବେଳେ ବୟସ୍କ ସିକ୍ୟୁରିଟି ଗାର୍ଡ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

ଡେରାବିଶ,୮।୯ (ସଂଚାର ବ୍ୟୁରୋ)ଃ କଟକ-ଚାନ୍ଦବାଲି ରାଜରାସ୍ତାର ସଲାର ମଠ ଛକ ନିକଟରେ ଗତକାଲି ରାତିରେ ଏକ ଅଜଣାଗାଡ଼ି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ଅନୁଯାୟୀ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା କଟରପଡ଼ା ପଞ୍ଚାୟତ ଅନ୍ତର୍ଗତ ସାଙ୍କିଲୋ ଗ୍ରାମର ବିନୋଦ ମଳିକଙ୍କ ପୁଅ ରାହୁଲ ମଳିକ (୧୮) ଗତକାଲି ତାଙ୍କ ମାମୁଘର କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମକୁ ଯାଇଥିଲେ। ରାହୁଲ ତାଙ୍କ ସହିତ ଗ୍ରାମର ତାଙ୍କ ସାଙ୍ଗ କୃଷ୍ଣଚନ୍ଦ୍ର ମଳିକ (୧୮)ଙ୍କୁ ମଧ୍ୟ ସାଥିରେ ନେଇଥିଲେ। ଉଭୟ ମାମୁଘରୁ ରାତିରେ ଏକ ବାଇକ୍‌ରେ ଫେରୁଥିବା ବେଳେ କଟକ-ଚାନ୍ଦବାଲି ରାଜରାସ୍ତାର ସଲାର ମଠ ଛକ ନିକଟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣା ସ୍ଥଳରେ ଉଭୟ ରାହୁଲ ଓ କୃଷ୍ଣଚନ୍ଦ୍ର ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ୧୦୮ ଯୋଗେ କେନ୍ଦ୍ରାପଡ଼ା ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ର ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଆଜି ତାଙ୍କ ରାହୁଲଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଡେରାବିଶ ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ୍‌ଟିକୁ ଜବତ କରିବା ସହିତ ଥାନାରେ ୨୨୨/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଜଗନ୍ନାଥ ମନ୍ଦିର ଚୋରି ଘଟଣାର ପର୍ଦ୍ଦାଫାସ

# ୩ ଗିରଫ, ଚୋରି ସାମଗ୍ରୀ ଉଦ୍ଧାର




ପାରାଦୀପ,୮।୯ (ସଂଚାର ବ୍ୟୁରୋ)ଃ ପାରାଦୀପ ଲକ୍ ଥାନା ଅଞ୍ଚଳର ନିମିଢ଼ିସ୍ଥିତ ଜଗନ୍ନାଥ ମନ୍ଦିର ଚୋରି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଘଟଣାରେ ୩ ଅଭିଯୁକ୍ତ ପ୍ରମୋଦ ନାୟକ (୩୫), ରଞ୍ଜନ ସ୍ୱାଇଁ (୪୬) ଓ କୃଷ୍ଣ ରାଓ (୫୨)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଶ୍ରୀକୃଷ୍ଣ, ରାଧା, ନାରାୟଣ ଓ ମା' ଲକ୍ଷ୍ମୀଙ୍କ ପିତ୍ତଳ ମୂର୍ତ୍ତି, ରୂପା ମୁକୁଟ, ରୂପା ବଂଶୀ ସମେତ ଚୋରି ସାମଗ୍ରୀ ଓ ଲୁହା ରଡ୍ ଜବତ ହୋଇଛି।

୬ ତାରିଖ ରାତିରେ ମନ୍ଦିରର ତାଲା ଭାଙ୍ଗି ପ୍ରାୟ ୪ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଲକ୍ ଥାନାରେ କେସ୍ ନମ୍ବର ୨୯୯/୦୭.୦୯.୨୦୨୬ ରୁଜୁ ହୋଇଥିଲା। ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ଙ୍କ ନିର୍ଦ୍ଦେଶକ୍ରମେ ପାରାଦୀପ ଏଏସ୍‌ପି ମାନେ ଅଜିଙ୍କ୍ୟ ମାନେ ଙ୍କ ତତ୍ତ୍ୱାବଧାନରେ ଲକ୍ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାଶ ଓ ତାଙ୍କ ଟିମ୍ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ, ପୁଲିସ ତଦନ୍ତ ଜାରି ରଖିଛି।

### ୨୪ ଘଣ୍ଟାରେ ପୁଲିସର ବଡ଼ ଆକ୍ସନ

# ୪ ଜଣ ଚୋର ଗିରଫ, କୋର୍ଟ ଚାଲାଣ



କୋରାପୁଟ,୮।୯ (ସଂଚାର ବ୍ୟୁରୋ)ଃ ଏତଲା ରୁଜୁ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଚୋରି ଘଟଣାର ପର୍ଦ୍ଦାଫାସ କରିଛି କୋରାପୁଟ ଟାଉନ ପୋଲିସ। ଚୋରି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବନଭାରତୀ କଲୋନୀର ମଣ୍ଟୁ ଡଙ୍ଗ୍ରି, ଏଲଆଇସି କଲୋନୀର ସୁରେଶ ବାଗରିଆ, ହାତୀଲାଇନର ବିନାୟକ ତୁରୁକ ଏବଂ ମିଶନ କମ୍ପାଉଣ୍ଡର ନିହାଲ ବାଗ। ପୋଲିସ ସେମାନଙ୍କ ନିକଟରୁ ଦୁଇଟି ସୁନା କାନଫୁଲ, ଦୁଇଟି ରୂପା ଆଙ୍ଗୁଠି, ଗୋଟିଏ ଲୁହା ଖଣ୍ଡା ଏବଂ ଗୋଟିଏ ଲୁହା କରତ ଜବତ କରିଛି।

ପୁଲିସ ସୂଚନା ଅନୁସାରେ, ମାଇନିଙ୍ଗ କଲୋନୀର କୃଷ୍ଣ ମାଝୀ ଗତ ୭ ତାରିଖରେ ତାଙ୍କ ଘରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ କୋରାପୁଟ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ସମୟରେ କୃଷ୍ଣ ମାଝୀ ମସ୍ତିପୁଟ ଗ୍ରାମରେ ରହୁଥିଲେ। ପଡ଼ୋଶୀଙ୍କ ଫୋନ ଯୋଗେ ଘରେ ଚୋରି ହୋଇଥିବା ଖବର ପାଇ ସେ ଘରକୁ ଆସି ଦେଖିବା ବେଳେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ୬ ହଜାର ଟଙ୍କା ସହ ସୁନା ଅଳଙ୍କାର ନେଇଯାଇଥିବା ଜଣାପଡ଼ିଥିଲା। ଅଭିଯୋଗ ପରେ ଟାଉନ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତମାନେ ମିଶନ କମ୍ପାଉଣ୍ଡ ନିକଟରେ ଏକାଠି ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ତଦନ୍ତକୁ ଆଗକୁ ବଢ଼ାଇ ପୋଲିସ ୪ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସର ଦ୍ରୁତ ତଦନ୍ତ ଓ ୨୪ ଘଣ୍ଟା ମଧ୍ୟରେ ଚୋରି ଘଟଣାରେ ସଫଳତାକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି।

### ରେବତୀଙ୍କ ପାଇଁ ସାତସପନ ପାଲଟିଛି ଆବାସ ଯୋଜନା

# ଚିରା ପାଲ ତଳେ ବିତୁଛି ଜୀବନ



ଡେରାବିଶ,୮।୯ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମରେ ଜରିପାଲ ଘେରା କୁଡ଼ିଆ ତଳେ ରହୁଥିବା ଗରିବ ବିଧବା ରେବତୀ ଯେନାଙ୍କ ପାଇଁ ସାତସପନ ପାଲଟିଛି ସରକାରଙ୍କ ଆବାସ ଯୋଜନା।

ସୂଚନାଯୋଗ୍ୟ ଚାନ୍ଦୋଳ ଗ୍ରାମର ରେବତୀ ଯେନାଙ୍କ ସ୍ୱାମୀ କୁଞ୍ଜବିହାରୀଙ୍କ ଗତ ୩୦ ବର୍ଷ ତଳେ ମୃତ୍ୟୁ ହୋଇଯାଇଛି। କୁଞ୍ଜବିହାରୀଙ୍କ ମୃତ୍ୟୁପରେ ଭୂମିହୀନ ରେବତୀ ମୂଲପାତି ଲାଗି ବହୁ କଷ୍ଟରେ ତାଙ୍କର ପ୍ରତିପୋଷଣ କରୁଥିଲେ। ଏବେ ସେ ବୃଦ୍ଧା ହୋଇଯିବା ସହିତ ଦୂରୋରୋଗ୍ୟ କର୍କଟ ରୋଗରେ ପିଡ଼ୀତ ହୋଇ ଆଉ କାମ କରିପାରୁନାହାଁନ୍ତି। ଏଥିସହିତ ଅର୍ଥକ ଅନାଟନ ଯୋଗୁଁ ତାଙ୍କର ଚାଳଛପର ଘର ମରାମତି ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରେବତୀ ମାଗିଯାଚି ତାଙ୍କ ଭଙ୍ଗା କୁଡ଼ିଆ ଉପରେ ପାଲ ପକାଇ ଯେନେତେନ ପ୍ରକାର ଖରା ବର୍ଷାରୁ ରକ୍ଷାପାଇବା ପାଇଁ ଚେଷ୍ଟା କରୁଛନ୍ତି। ହେଲେ ଗତ ଲଗାଣ ବର୍ଷାରେ ତାଙ୍କ କୁଡ଼ିଆ ଉପରେ ପଡ଼ିଥିବା ଜରିପାଲ ମଧ୍ୟ ନଷ୍ଟ ହୋଇଗଲାଣି। ଯେଉଁଥିପାଇଁ ଏହି ପାଲତଳେ ରହିବା କଷ୍ଟସାଧ୍ୟ ହୋଇପଡ଼ିଛି।

ରେବତୀ ପକ୍କାଗୃହଟିଏ ପାଇଁ ପ୍ରଶାସନ ନିକଟରେ ଯେତେ କାକୁତି ମିନତୀ ହେଲେ ମଧ୍ୟ କେହି ତାଙ୍କ କଥା ଶୁଣୁନାହାଁନ୍ତି। ସୂଚନାଯୋଗ୍ୟ ସରକାରଙ୍କ ପକ୍ଷରୁ ଗରିବ, ବିଧବା, ଭିନ୍ନକ୍ଷମ ଓ ଦୂରାରୋଗ୍ୟ ରୋଗୀଙ୍କ ଭଳି ହିତାଧିକାରୀଙ୍କ ନିମନ୍ତେ ଅନ୍ତୋଦୟ ଗୃହ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଗରିବ ବୃଦ୍ଧା ରେବତୀଙ୍କ ଉପରେ କିପରି ପ୍ରଶାସନର ନଜର ପଡ଼ିଲା ନାହିଁ। ତୁରନ୍ତ ରେବତୀଙ୍କୁ ପକ୍କାଗୃହ ଯୋଗାଇ ଦେବାକୁ ଜନସାଧାରଣ ଦାବି କରିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୮।୯(ସଂଚାର ବ୍ୟୁରୋ)ଃକେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଫକିରାବାଦ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ଏକ ଉତ୍ସବ ସମିନା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ବିଆରସିସି ତଥା ଏବିଇଓ ବଳଦେବପ୍ରସାଦ ଜେନା, ଅବସରପ୍ରାପ୍ତ ଶିକ୍ଷକ କାଶିନାଥ ରାଉତରାୟ, ସେଖ ମନସୁର ଅଲ୍ଲୀ, କ୍ଷେତ୍ରବାସୀ ସାହୁ, ରାଜେନ୍ଦ୍ର ପ୍ରସାଦ ରାଉତ ଓ ସାବିତ୍ରୀ ନାୟକ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁପ୍ରଭା ନାୟକ, ଗାଙ୍ଗେୟ ବିଶ୍ୱାଳ, ମୀର ରଫିକ ପ୍ରମୁଖ ପରିଚାଳନା କରିଥିଲେ ।

### କୁଦାନଗରୀରେ ବାଲି ଚୋରାଚାଲାଣକୁ ନେଇ ଚଢ଼ାଉ

# ୩ ଟ୍ରାକ୍ଟର, ହାଇୱା ଓ ଜେସିବି ଜବତ

### *ଅଧିକାଂଶ ଗାଡ଼ିରେ ନାହିଁ ନମ୍ବର ପ୍ଲେଟ୍*



କେନ୍ଦ୍ରାପଡ଼ା, ୮।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଞ୍ଚଳରେ ବେଆଇନ ବାଲି ଚାଲାଣକୁ ନେଇ ପୁଲିସ ଓ ମାଇନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ କୁଦାନଗରୀ-କୋରୁଆ ରାସ୍ତାରୁ ୩ଟି ବାଲି ବୋଝେଇ ଟ୍ରାକ୍ଟର, ଗୋଟିଏ ହାଇୱା ଓ ଗୋଟିଏ ଜେସିବି ମେସିନ ଜବତ କରାଯାଇଥିବା ଜଣାପଡ଼ିଛି।

କୌଣସି ସୂତ୍ରରୁ ବାଲି ଚାଲାଣ ସମ୍ପର୍କରେ ସୂଚନା ପାଇ କୁଦାନଗରୀ ଥାନା ଅଧିକାରୀ ଓ ମାଇନ୍ସ ବିଭାଗର କର୍ମଚାରୀମାନେ ମିଳିତ ଭାବେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଉକ୍ତ ଗାଡ଼ିଗୁଡ଼ିକ ଜବତ କରାଯାଇଥିବା ବେଳେ ସେଗୁଡ଼ିକୁ କୁଦାନଗରୀ ଥାନା ପରିସରରେ ରଖାଯାଇଛି। ତେବେ ଜବତ ହୋଇଥିବା ଅଧିକାଂଶ ଗାଡ଼ିରେ ନମ୍ବର ପ୍ଲେଟ୍ ନଥିବା ନେଇ ଆଲୋଚନା ଜୋର ଧରିଛି। ନମ୍ବରବିହୀନ ଗାଡ଼ିରେ ବାଲି ପରିବହନ କିପରି ହେଉଥିଲା ଏବଂ ଏହା ସମ୍ପର୍କରେ ସମ୍ପୃକ୍ତ ବିଭାଗ ଅବଗତ ଥିଲା କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଜବତ ହୋଇଥିବା ଗାଡ଼ିଗୁଡ଼ିକର ମାଲିକ କିଏ, ସେଗୁଡ଼ିକ ବାଲି ପରିବହନ ପାଇଁ ବୈଧ ଅନୁମତି ପାଇଥିଲେ କି ନାହିଁ ଏବଂ ବାଲି ଚାଲାଣ ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି— ଏସବୁ ଦିଗରେ ତଦନ୍ତ ହେବା ଆବଶ୍ୟକ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇଛି।

# ଚୋରାମଦ ବ୍ୟବସାୟୀଙ୍କ ଘରେ ମହିଳାଙ୍କ ଚଢ଼ାଉ

### ପୁଲିସର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ

### ଆଉ ବ୍ୟବସାୟ ନକରିବାକୁ ଚେତାବନୀ



ମହାକାଳପଡ଼ା, ୮/୯ (ସଂଚାର ବ୍ୟୁରୋ)ଃ ଚୋରାମଦ କାରବାରକୁ ନେଇ ଅତିଷ୍ଠ ହୋଇ ଶେଷରେ ଏକାଠି ହେଲେ ଗ୍ରାମର ଶତାଧିକ ମହିଳା। ମହାକାଳପଡ଼ା ବ୍ଲକ୍ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମରେ ଦୀର୍ଘଦିନ ଧରି ଚାଲିଥିବା ଚୋରାମଦ କାରବାରକୁ ବିରୋଧ କରି ଆଜି ସନ୍ଧ୍ୟାରେ ଶତାଧିକ ମହିଳା ଦୁଇଜଣ କଥିତ ଚୋରାମଦ ବ୍ୟବସାୟୀଙ୍କ ଘରେ ପହଞ୍ଚି ହୋହାଲ୍ଲା କରିବା ସହ ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗ୍ରାମର ରଞ୍ଜନ ବେହେରା ଓ ଫଗୁ ବେହେରା ଦୀର୍ଘଦିନ ଧରି ଚୋରାମଦ ବ୍ୟବସାୟ କରୁଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଏହା ଯୋଗୁଁ ଗ୍ରାମରେ ବିଭିନ୍ନ ସମୟରେ ଗଣ୍ଡଗୋଳ ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ବଢ଼ୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

ଘଟଣାକୁ ନେଇ ପୁଲିସର ଭୂମିକା ଉପରେ ମଧ୍ୟ ମହିଳାମାନେ ପ୍ରଶ୍ନ ଉଠାଇଛନ୍ତି। ଥାନା ନିକଟରେ ଏଭଳି କାରବାର ଚାଲୁଥିବା ସତ୍ତ୍ୱେ ପୁଲିସ କାହିଁକି ପଦକ୍ଷେପ ନେଉନାହିଁ ବୋଲି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ପୁଲିସର କିଛି କର୍ମଚାରୀଙ୍କ ସହ ସମ୍ପର୍କ ରଖି ଚୋରାମଦ କାରବାର ଚାଲୁଥିବା ନେଇ ମଧ୍ୟ ଲୋକେ ଅଭିଯୋଗ କରିଆସୁଥିଲେ।

ଆଜି ସନ୍ଧ୍ୟାରେ ପ୍ରଥମେ ମହିଳାମାନେ ଫଗୁ ବେହେରାଙ୍କ ଘରେ ପହଞ୍ଚି ଚୋରାମଦ ବ୍ୟବସାୟ ବନ୍ଦ କରିବାକୁ ଦାବି କରିଥିଲେ। ଏହାପରେ ଫଗୁ ଆଉ ଏଭଳି କାରବାର କରିବେ ନାହିଁ ବୋଲି କହିଥିବା ଜଣାପଡ଼ିଛି। ପରେ ମହିଳାମାନେ ରଞ୍ଜନ ବେହେରାଙ୍କ ଘରେ ପହଞ୍ଚିଥିଲେ। ତେବେ ମହିଳାମାନେ ଆସୁଥିବା ଜାଣି ରଞ୍ଜନ ଘରେ ତାଲା ପକାଇ କୁଆଡ଼େ ଚାଲିଯାଇଥିବା ଅଭିଯୋଗ ହୋଇଛି। କିଛି ସମୟ ଧରି ମହିଳାମାନେ ଘର ସମ୍ମୁଖରେ ହୋହାଲ୍ଲା କରିବା ପରେ ରଞ୍ଜନଙ୍କ ପୁଅ ସେଠାରେ ପହଞ୍ଚି ଆଗକୁ ଆଉ ମଦ ବ୍ୟବସାୟ ହେବ ନାହିଁ ବୋଲି କହିଥିଲେ। ଏହାପରେ ମହିଳାମାନେ ଚେତାବନୀ ଦେଇ ସେଠାରୁ ଫେରିଥିଲେ।

ଭବିଷ୍ୟତରେ ପୁଣି ଗ୍ରାମରେ ଚୋରାମଦ କାରବାର ହେଲେ ମହିଳାମାନେ ପୁନର୍ବାର ଏକତ୍ରିତ ହୋଇ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନିଶା ଓ ମାଦକଦ୍ରବ୍ୟ ସେବନ ଉପରେ ସଚେତନତା




କେନ୍ଦ୍ରାପଡ଼ା, ୮।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର 'ଶକ୍ତିଶ୍ରୀ ସଶକ୍ତୀକରଣ ପ୍ରକୋଷ୍ଠ' ପକ୍ଷରୁ ମଙ୍ଗଳବାର "ନିଶା ଓ ମାଦକ ଦ୍ରବ୍ୟ ସେବନ ଉପରେ ସଚେତନତା, ନିରାକରଣ ଏବଂ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କୁ ନିଶା ଓ ମାଦକ ଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ବିଷୟରେ ଅବଗତ କରାଇବା ଏବଂ ଏହାର ପ୍ରତିଷେଧମୂଳକ ପଦକ୍ଷେପ ଗୁଡ଼ିକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ଏବଂ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅଧ୍ୟକ୍ଷ ପ୍ରଫେସର ଚରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ମାଦକ ଦ୍ରବ୍ୟ ସେବନ ଦ୍ୱାରା ହେଉଥିବା ଶାରୀରିକ, ମାନସିକ ତଥା ସାମାଜିକ ଦୁଷ୍ପରିଣାମ ବିଷୟରେ ଯୁବପିଢ଼ିଙ୍କୁ ସଚେତନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।

'ଶକ୍ତିଶ୍ରୀ'ର ସଂଯୋଜିକା ପ୍ରଫେସର ଡ. ପୂର୍ବାଶା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ ସହ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା, ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ମାଦକ ଦ୍ରବ୍ୟ ସେବନ ରୋକିବା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡା. ମିର୍ଜା ବାବର ବେଗ୍ (ଭାରପ୍ରାପ୍ତ ଏଏମ୍, କେନ୍ଦ୍ରାପଡ଼ା) ନିଶା ଓ ମାଦକ ଦ୍ରବ୍ୟ ସେବନର ବିପଦ, ପ୍ରତିରୋଧକ କୌଶଳ ଏବଂ ଉପଯୁକ୍ତ ସମୟରେ ସାହାଯ୍ୟ ନେବାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଏହା ପରେ ଛାତ୍ରଛାତ୍ରୀମାନଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଂଶଗ୍ରହଣକାରୀମାନେ ନିଜର ଆଶଙ୍କା ଏବଂ ସନ୍ଦେହ ଦୂର କରିବାର ସୁଯୋଗ ପାଇଥିଲେ । 'ଶକ୍ତିଶ୍ରୀ' ସାଥୀ କୁମାରୀ ବୈଶାଖୀ ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଚେତନତା ସୃଷ୍ଟି କରିବା, ପ୍ରତିରୋଧମୂଳକ ପଦକ୍ଷେପକୁ ସୁଦୃଢ଼ କରିବା ଏବଂ ଏକ ସୁସ୍ଥ ତଥା ନିରାପଦ ସମାଜ ଗଠନରେ ଯୋଗଦାନ ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ।

# ସ୍କୁଟି ଧକ୍କାରେ ପାନ ବେପାରୀ ଗୁରୁତର

ଡେରାବିଶ, ୮/୯ (ସଂଚାର ବ୍ୟୁରୋ)ଃ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ କଲେଜ ଛକ ନିକଟରେ ଏକ ସ୍କୁଟି ଧକ୍କାରେ ଜଣେ ପାନ ବ୍ୟବସାୟୀ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର (ଢ଼ିଅସାହି) ଗ୍ରାମର ବିଜୟ ମଳିକଙ୍କ ପୁଅ ଶାରଦା (୪୦) ଗତକାଲି ରାତିରେ ନିଜ ବ୍ୟବସାୟ ସାରି ସାଇକେଲ୍ ଯୋଗେ ଚାନ୍ଦୋଳ କଲେଜ ଛକରୁ ଘରକୁ ଫେରୁଥିବା ସମୟରେ କଲେଜଛକ ନିକଟରେ ଜଣେ ସ୍କୁଟି ଚାଳକ ତାଙ୍କୁ ସାମନା ପଟୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଓ ପରେ କଟକ ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଇଓଙ୍କ ହସ୍ତକ୍ଷେପ ପରେ କାମକୁ ଫେରିଲେ ସଫେଇ କର୍ମଚାରୀ



ଛତ୍ରପୁର, ୮।୯ (ସଂଚାର ବ୍ୟୁରୋ)ଃ ତିନି ଦିନ ଧରି ଗଞ୍ଜାମ ସହରରେ ବନ୍ଦ ରହିଥିବା ସଫେଇ କାର୍ଯ୍ୟରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏନ୍‌ଏସି ଇଓ ଅର୍ପନା ଡାଙ୍ଗୁଆଙ୍କ ସହ ସଫେଇ କର୍ମଚାରୀଙ୍କ ଦୀର୍ଘ ଆଲୋଚନା ପରେ କର୍ମଚାରୀମାନେ କାର୍ଯ୍ୟବିରତିରୁ ଓହରି କାମକୁ ଫେରିଛନ୍ତି। ଫଳରେ ତିନି ଦିନ ଧରି ପ୍ରଭାବିତ ହୋଇଥିବା ସହରର ପରିମଳ ବ୍ୟବସ୍ଥା ପୁଣି ସ୍ୱାଭାବିକ ହୋଇଛି।

ସୂଚନା ଅନୁସାରେ, ସଫେଇ କର୍ମଚାରୀଙ୍କ ସୁପରଭାଇଜର ଜଣକ ମେଡିକାଲ ଭଙ୍ଗା ରୁଜା ଘଟଣାରେ ଗିରଫ ହୋଇ ଜେଲ ଯିବା ପରେ ତାଙ୍କ ବିରୋଧରେ ଏନଏସି କାର୍ଯ୍ୟାଳୟ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହାକୁ ବିରୋଧ କରି ସଫେଇ କର୍ମଚାରୀମାନେ କାମ ବନ୍ଦ କରିଥିଲେ। ଫଳରେ ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ଜମି ରହିବା ସହ ପରିମଳ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ପରିସ୍ଥିତିକୁ ନେଇ ଗତକାଲି ଇଓ ଅର୍ପନା ଡାଙ୍ଗୁଆ ସଫେଇ କର୍ମଚାରୀମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଏଥିସହ କାର୍ଯ୍ୟରେ ଯୋଗ ନଦେଲେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ।

ଏହାପରେ ଆଜି ସଫେଇ କର୍ମଚାରୀମାନେ ଏନ୍‌ଏସି କାର୍ଯ୍ୟାଳୟକୁ ଆସି ଇଓଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟର ଆଲୋଚନା ପରେ କର୍ମଚାରୀମାନେ କାର୍ଯ୍ୟବିରତି ପ୍ରତ୍ୟାହାର କରି ପୁଣି ସଫେଇ କାର୍ଯ୍ୟରେ ଯୋଗଦେଇଥିଲେ।

# ଗୋଟିଏ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୨ଟି ଫଳକ



ନୀଳଗିରି, ୮।୯ (ସଂଚାର ବ୍ୟୁରୋ)ଃ ଏକ ଗ୍ରାମରେ ଗୋଟିଏ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁବିଭାଗ ପକ୍ଷରୁ ସ୍ଥାନ ନିର୍ଧାରଣ ହୋଇ କାର୍ଯ୍ୟାଦେଶ ସାରିଥିବା ବେଳେ ଏହାକୁ ବେଖାତିର କରି କିଛି କୂଚକ୍ରୀ ଗୋଷ୍ଠୀ ଅନ୍ୟ ଏକ ସ୍ଥାନରେ ଆଉ ଗୋଟିଏ ସୂଚନା ଫଳକ ନିର୍ମାଣ କୁ ନେଇ ଦ୍ୱନ୍ଦ ଉପୁଜିଛି। ତେଣୁ ସ୍ଥାନୀୟ ସରପଞ୍ଚ ଙ୍କ ସହିତ କିଛି ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ପାଖରେ ଫେରାଦ ହୋଇ ପୂର୍ବରୁ ନିର୍ଧାରଣ ସ୍ଥାନ ରେ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଦାବୀ କରିଛନ୍ତି।

ସୂଚନା ଯୋଗ୍ୟ ନୀଳଗିରି ପଞ୍ଚାୟତ ସମିତି ଅଧିନସ୍ଥ ଭଉଁରିଆବାଡ଼ ପଞ୍ଚାୟତ କମାର ଖାଲିଆ ଗ୍ରାମର ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୨୦୨୬-୨୭ମସିହା ଆର୍ଥିକ ବର୍ଷ ରେ ୫ଲକ୍ଷ ଟଙ୍କା ଅନୁଦାନରେ ବନମାଳୀ ସିଂ ଘର ପାଖରେ ଏକ ନୂତନ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ସ୍ଥାନ ସ୍ଥିର ହୋଇ ବିଭାଗୀୟ ଯନ୍ତ୍ରୀ ଙ୍କ ନାମରେ କାର୍ଯ୍ୟାଦେଶ ପରେ ସୂଚନା ଫଳକ ତିଆରି ସାରିଛି। ହେଲେ ଗ୍ରାମର କିଛି କୂଚକ୍ରୀ ଗୋଷ୍ଠୀ ଅନତି ଦୂରରେ ଥିବା ଅଙ୍ଗନବାଡି ସେଣ୍ଟର ସ୍ଥିତ ପୋଖରୀ ହିଡାରେ ସମାନ ସୂଚନା ଫଳକ ନିର୍ମାଣ କରି ସେଥିରେ ମଧ୍ୟ ବନମାଳୀ ସିଂ ଘର ପାଖରେ ନୂତନ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଏକା ପ୍ରକାରର ସୂଚନା ଫଳକ ଲଗାଇଥିବା ଦେଖିବାକୁ ମିଳିଛି ।

ଏନେଇ ଗ୍ରାମର ବନମାଳୀ ସିଂ, ବୁଦ୍ଧିରାମ ସିଂ,ଚୌଧୁରୀ ସିଂ, ସିଂରାୟ ସିଂ, ଶଙ୍କର ସିଂ, ବାମଦେବ ସିଂ, ସୁରେଶ ସିଂ, ପଣ୍ଡା ସିଂ, ସୀତାରାମ ସିଂ,ସନ୍ତୋଷ ସିଂ, କାର୍ତ୍ତିକ ସିଂ,ମଦନ ସିଂ ଙ୍କ ପୁଅ ରାଜେଶ ସିଂ ସମେତ ବହୁ ଗ୍ରାମ ବାସୀ ସମେତ ସ୍ଥାନୀୟ ସରପଞ୍ଚସଞ୍ଜୟ କୁମାର ସିଂ ଆଜି ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ଙ୍କୁ ସାକ୍ଷାତ କରି ପୂର୍ବ ନିଧାର୍ଯ୍ୟ ସ୍ଥାନରେ ହେବା ନେଇ ଦାବୀ କରିଛନ୍ତି। ଘଟଣା ସମ୍ପର୍କରେ ବିଡ଼ିଓ ବିକ୍ରମ କେଶରୀ ପରିଡା ଙ୍କୁ ପଚାରିବାରୁତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# କେୟାରଟେକର ଘରୁ ୫୪.୮୦ ଲକ୍ଷ ଟଙ୍କା ଜବତ



### ଥ୍ରୀଲର ଷ୍ଟାଇଲରେ ଚୋରି

### ମାଷ୍ଟରମାଇଣ୍ଡ ବିକାଶ ଏବେ ବି ଫେରାର

କାକଟପୁର/ଅସ୍ତରଙ୍ଗ,୮।୯ (ସଂଚାର ବ୍ୟୁରୋ)ଃ ରିଲ୍ ନୁହେଁ ରିଅଲ୍, ଏ ହେଉଛି ପୁରା ବ୍ଲକବଷ୍ଟର ଫିଲ୍ମର କାହାଣୀ। ଥ୍ରୀଲର ଷ୍ଟାଇଲରେ ଘଟିଲା ୬୫.୮୦ ଲକ୍ଷର ମହାଲୁଟ୍। ଆଉ ଶେଷରେ ପିପିଲି ଟୋଲ ଗେଟ୍ ର ଗୋଟିଏ ସିସିଟିଭି ଫୁଟେଜ ହିଁ ଖୋଲିଦେଲା ପୁରା ଗୁମର। ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବାହୁଡିହ ଗ୍ରାମରୁ ଆରମ୍ଭ କରି ରାଜଧାନୀ ଯାଏଁ ଏହି ଲୁଟ୍ କାହାଣୀ ଚର୍ଚ୍ଚାର ବିଷୟ ପାଲଟିଛି।

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଧିନ ଜଗନ୍ନାଥନଗର ଲେନ୍-୪ ରେ ରହୁଥିବା ଅବସରପ୍ରାପ୍ତ ଯନ୍ତ୍ରୀ ଅଶୋକ କୁମାର ସାହୁଙ୍କ ଘରେ ଗତ ଦୁଇ ବର୍ଷ ହେଲା କେୟାରଟେକର ଭାବେ ରହୁଥିଲା ବାହୁଡିହର ବିକାଶ ବିଶ୍ୱାଳ। ସେ ଘର ଜଗିବା ସହ ମାଲିକଙ୍କ ଟ୍ୟାକ୍ସି ମଧ୍ୟ ଚଳାଉଥିଲା। ଅଶୋକ ବାବୁ ତାକୁ ନିଜ ପୁଅ ଭଳି ବିଶ୍ୱାସ କରୁଥିଲେ। ଘରର ସବୁ ଚାବି କାଠି ଠାରୁ ଆରମ୍ଭ କରି ଟଙ୍କା ପଇସା ରଖିବା ସ୍ଥାନ ଯାଏଁ ସବୁ ତା ହାତରେ ଥିଲା। ମାଲିକ ନିଜର ସାରା ଜୀବନର ସଞ୍ଚୟ ଇପିଏଫ ରୁ ୬୫ ଲକ୍ଷ ୮୦ ହଜାର ଟଙ୍କା ଉଠାଇ ଆଣି ଜମି କିଣିବା ପାଇଁ ଏକ କଳା ବ୍ୟାଗରେ ଘରେ ରଖିଥିଲେ। ରବିବାର ସକାଳ ଠିକ୍ ୯ଟା ୨୬ ମିନିଟରେ ସେହି ବିଶ୍ୱାସରେ ବିଷ ଦେଲା ବିକାଶ।

ସୂଚନା ଅନୁସାରେ, ଘରେ କେହି ନଥିବାର ସୁଯୋଗ ନେଇ ପ୍ରଥମେ ଘରୁ ବାଇକରେ ଟଙ୍କା ଭର୍ତ୍ତି ବ୍ୟାଗ ନେଇ ବାହାରିଥିଲା ବିକାଶ। ପରେ କେଉଁ ସ୍ଥାନରେ ବାଇକରୁ ଟ୍ୟାକ୍ସିକୁ ପରିବର୍ତ୍ତନ କଲା କି ନା, ସେ ନେଇ ଏଯାଏଁ ସ୍ପଷ୍ଟ ସୂଚନା ମିଳିନାହିଁ। ଏହା ମାଲିକଙ୍କର ନିଜସ୍ୱ ଟ୍ୟାକ୍ସି ଥିଲା ନା ଭଡା ଟ୍ୟାକ୍ସିରେ ସେ ଫେରାର ହେଲା ତାହା ମଧ୍ୟ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। କିନ୍ତୁ ପୋଲିସ ଯାଞ୍ଚରୁ ଜଣାପଡିଲା କଳା ହୁଣ୍ଡାଇ ଅରା (ଆଉରା )କାର୍ ଓଡି ୦୨ ଡିବି ୯୮୧୩ ପିପିଲି ଟୋଲ ଗେଟ୍ ଦେଇ ବାହୁଡିହ ଆଡକୁ ଯାଇଛି। ଏନେଇ ପୂର୍ବରୁ ଅଶୋକ ବାବୁ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ।

ପୋଲିସ ଫିଲ୍ମ ଷ୍ଟାଇଲରେ ପିଛା କଲା। ପିପିଲି ଟୋଲ ଓ ନିମାପଡା ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଗଲା। ଫୁଟେଜରୁ କାର୍ ଅସ୍ତରଙ୍ଗ ବାହୁଡିହ ଯାଇଥିବା ସ୍ପଷ୍ଟ ହେବା ପରେ ମଙ୍ଗଳବାର ସକାଳୁ ଲକ୍ଷ୍ମୀସାଗର ଥାନାର ଜଣେ ଏସଆଇ,ଦୁଇ ଜଣ ଏଏସଆଇ ଏବଂ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ମିଳିତ ଟିମ୍ ବାହୁଡିହରେ ଚଢାଉ କଲେ।

ଚଢାଉ ବେଳେ ଥିଲା ପୁରା ଫିଲ୍ମୀ କ୍ଲାଇମାକ୍ସ। ବିକାଶ ଘରେ ନଥିଲା, ହେଲେ ହାଇ ଡ୍ରାମା ହେଲା। ତା ମାଆ ନିଜେ କଳା ବ୍ୟାଗଟି ଆଣି ପୋଲିସ ହାତରେ ଦେଇଦେଲେ। ସେ କହିଲେ ମଙ୍ଗଳବାର ଭୋର ୪ଟାରେ ପୁଅ ଆସି କାର ଥୋଇ ଓ ବ୍ୟାଗ ଘରେ ଫିଙ୍ଗି ପଳାଇଛି। ଏନେଇ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀ କହିଛନ୍ତି, ଘଟଣାସ୍ଥଳରୁ ୫୪ ଲକ୍ଷ ୮୦ ହଜାର ଟଙ୍କା ଓ କାର୍ ଜବତ ହୋଇଛି। ବାକି ୧୧ ଲକ୍ଷ କୁଆଡେ ଗଲା ତାହା ଏବେ ବଡ ପ୍ରଶ୍ନ। ସେପଟେ ମାଆ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି, ମାଲିକ ପୁଅକୁ ଦରମା ଦେଉ ନଥିଲେ, ଘରକୁ ଛାଡୁ ନଥିଲେ। ତେବେ ଏହା ଲୋଭ ନା ଶୋଷଣର ପ୍ରତିଶୋଧ ? ତଦନ୍ତ ଜାରି ରହିଛି, ମାଷ୍ଟରମାଇଣ୍ଡ ବିକାଶ ଏବେ ବି ଫେରାର।

### 'ସୁରକ୍ଷା ସେତୁ' ମାର୍ଗଦର୍ଶିକା ଉନ୍ମୋଚିତ

# ଓଡ଼ିଶାରେ ଶିଳ୍ପ ସୁରକ୍ଷାକୁ ସୁଦୃଢ଼ କରିବ




ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଓଡ଼ିଶାର ବିଭିନ୍ନ କାରଖାନାରେ ଶିଳ୍ପ ସୁରକ୍ଷାକୁ ସୁଦୃଢ଼ କରିବା ଓ ଦୁର୍ଘଟଣା ନିବାରଣ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ସୁରକ୍ଷା ସେତୁ: ଇଣ୍ଡଷ୍ଟ୍ରିଆଲ୍ ସେଫ୍ଟି ଆଣ୍ଡ୍ ରିସ୍କ୍ ମ୍ୟାନେଜମେଣ୍ଟ ମାନୁଆଲ୍' ଉନ୍ମୋଚିତ ହୋଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହି ମାର୍ଗଦର୍ଶିକାକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ସୁରକ୍ଷା ସମ୍ପର୍କିତ ଜ୍ଞାନ ଓ ସଚେତନତାର ବ୍ୟାପକ ପ୍ରସାର ଦ୍ୱାରା ଶିଳ୍ପ ପ୍ରତିଷ୍ଠାନ, ଶ୍ରମିକ ଓ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ କାର୍ଯ୍ୟ ଓ ପରିସ୍ଥିତିଗୁଡ଼ିକୁ ଦୂର କରିପାରିବେ। ରାଜ୍ୟରେ ଶୂନ୍ୟ ଶିଳ୍ପ ଦୁର୍ଘଟଣା ଲକ୍ଷ୍ୟ ହାସଲ କରିବାରେ ସମସ୍ତ ଅଂଶୀଦାରଙ୍କ ସକ୍ରିୟ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ହେବ। ରାଜ୍ୟର ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ଏହି ମାର୍ଗଦର୍ଶିକାରୁ ନିଶ୍ଚିତ ଭାବେ ଲାଭାନ୍ୱିତ ହେବା ସହ ଏଥିରେ ଉଲ୍ଲିଖିତ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରି ନିଜ କାର୍ଯ୍ୟସ୍ଥଳର ସୁରକ୍ଷାରେ ଉନ୍ନତି ଆଣିବେ ବୋଲି ସେ ଆଶା କରିଛନ୍ତି।

ଶିଳ୍ପ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ପର୍ଯ୍ୟବେକ୍ଷକ, ସୁରକ୍ଷା ବିଶେଷଜ୍ଞ, ପରିଚାଳକ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ପାଇଁ ଏହି ପ୍ରକାଶନକୁ ଏକ ବ୍ୟବହାରିକ, ସରଳ ଓ ସହଜବୋଧ୍ୟ ସନ୍ଦର୍ଭ ମାର୍ଗଦର୍ଶିକା ଭାବେ ପ୍ରସ୍ତୁତ କରାଯାଇଛି। କାର୍ଯ୍ୟସ୍ଥଳର ସୁରକ୍ଷା ଓ ବିପଦ ପରିଚାଳନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଏଥିରେ ସହଜରେ ଉପଲବ୍ଧ ମାର୍ଗଦର୍ଶନ ପ୍ରଦାନ କରାଯାଇଛି। 'ସୁରକ୍ଷା ସେତୁ' ମାର୍ଗଦର୍ଶିକାରେ କାର୍ଯ୍ୟସ୍ଥଳ ସୁରକ୍ଷା, ବିପଦ ଚିହ୍ନଟ, ବିପଦ ଆକଳନ, ସୁରକ୍ଷିତ କାର୍ଯ୍ୟପଦ୍ଧତି, ଦୁର୍ଘଟଣା ନିବାରଣ ଏବଂ ଜରୁରିକାଳୀନ ପ୍ରସ୍ତୁତି ସମ୍ପର୍କିତ ପ୍ରମୁଖ ନୀତି ଓ ପ୍ରଚଳିତ ପଦ୍ଧତିଗୁଡ଼ିକୁ ସରଳ ଏବଂ ସହଜବୋଧ୍ୟ ଭାବେ ସ୍ଥାନିତ କରାଯାଇଛି। ଏହି ମାର୍ଗଦର୍ଶିକା ଶ୍ରମିକ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବୃଦ୍ଧି ଏବଂ ସୁରକ୍ଷିତ କାର୍ଯ୍ୟପଦ୍ଧତିର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଉନ୍ମୋଚନ ସମାରୋହରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଡୋଲ୍ଲା ଭେଙ୍କଟ ସ୍ୱାମୀ, ଶ୍ରମ ଆୟୁକ୍ତ, ଓଡ଼ିଶା ତଥା କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଓ ଉପନିର୍ଦ୍ଦେଶକ (ସୁରକ୍ଷା) ମଳୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଅଧିକ ଅମଳକ୍ଷମ ଆଖୁ ଚାଷ ସମ୍ପର୍କୀତ କର୍ମଶାଳା

# ଆଖୁ ଉତ୍ପାଦନରେ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟ କରିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର ୮।୯ (ସଂଚାର ବ୍ୟୁରୋ): ମଙ୍ଗଳବାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'ଅଧିକ ଅମଳ ପାଇଁ ଆଧୁନିକ ପ୍ରଣାଳୀରେ ଆଖୁଚାଷ' ଶୀର୍ଷକ ଏକ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। 'ଆଖୁ ବିକାଶ ଉପରେ ପ୍ରଯୁକ୍ତିବିଦ୍ୟା ମିଶନ୍' ରାଜ୍ୟ ଯୋଜନା ଅଧୀନରେ କୃଷି ଭବନଠାରେ ଆୟୋଜିତ ଏହି କର୍ମଶାଳାରେ କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର ଓ କଳାହାଣ୍ଡି ଭଳି ପ୍ରମୁଖ ଆଖୁ ଚାଷ କରାଯାଉଥିବା ଜିଲ୍ଲାଗୁଡ଼ିକରେ ପ୍ରଯୁକ୍ତିବିଦ୍ୟା ପ୍ରସାରକୁ ତ୍ୱରାନ୍ୱିତ କରିବା, କୃଷକ ଉତ୍ପାଦକ ସଂଗଠନ-ଭିତ୍ତିକ ବଜାର ସଂଯୋଗକୁ ସୁଦୃଢ଼ କରିବା ଓ କୃଷି ଉତ୍ପାଦକତାକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ଆଖୁର ମୂଲ୍ୟବୃଦ୍ଧି ଓ ଚାଷ ଖର୍ଚ୍ଚ ହ୍ରାସ ନେଇ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ, କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ।

କର୍ମଶାଳାରେ କୃଷକମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଲେ ଯେ ଓଡ଼ିଶାରେ ଆଖୁଚାଷର ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ଆଧୁନିକ କୃଷି ପଦ୍ଧତି, ସଠିକ ଜଳସେଚନ ଓ ଉଚ୍ଚ-ଅମଳକ୍ଷମ କିସମ ବିହନ ଉପଯୋଗ କରି ହାରାହାରି ଉତ୍ପାଦକତାକୁ ବୃଦ୍ଧି କରିବା ଆମର ଲକ୍ଷ୍ୟ। କମ୍ ଖର୍ଚ୍ଚରେ କିପରି ଅଧିକ ଚାଷ ହୋଇପାରିବ ସେଥିଲାଗି ଆମେ ଆଖୁ ଚାଷ ନେଇ ଗବେଷଣାଲବ୍ଧ ଜ୍ଞାନକୁ ସିଧାସଳଖ ଖେତକୁ ଆଣୁଛୁ। ଆମକୁ ପୁଣି ଥରେ ଆଖୁ ଉତ୍ପାଦନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ କରିବାକୁ ପଡ଼ିବ। ସମବାୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ ପ୍ରତ୍ୟକ୍ଷ ବଜାର ସଂଯୋଗ, ସମବାୟ ମଡେଲ ଉପରେ ଗୁରୁତ୍ୱାରୋପ କରିଥିଲେ।

### କେନ୍ଦ୍ରାଞ୍ଚଳ ରେଞ୍ଜର ଆଇନ-ଶୃଙ୍ଖଳା ଓ ଅପରାଧ ସ୍ଥିତି ସମୀକ୍ଷା

# ଆଗୁଆ ସୁରକ୍ଷା ପ୍ରସ୍ତୁତି ଉପରେ ଡିଜିପିଙ୍କ ଗୁରୁତ୍ୱ




କଟକ,୮।୯(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାଗୁଡ଼ିକର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୁଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାଗୁଡ଼ିକର ସାମଗ୍ରିକ ଆଇନଶୃଙ୍ଖଳା ସ୍ଥିତି ସହ ହତ୍ୟା, ଚୋରି, ଡକାୟତି ଓ ଲୁଣ୍ଠନ ଭଳି ଗୁରୁତର ଅପରାଧର ନିୟନ୍ତ୍ରଣ, ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ, ଅବକାରୀ ଅପରାଧ ଦମନ, 'ନିଶାମୁକ୍ତ ଓଡ଼ିଶା' ଗଠନ ଦିଗରେ ପଦକ୍ଷେପ, ସାଇବର ଅପରାଧ, ମାମଲାର ତଦନ୍ତ ତ୍ୱରାନ୍ୱିତ କରି ସଠିକ୍ ସମୟରେ ଚାର୍ଜସିଟ୍ ଦାଖଲ ଓ ଦଣ୍ଡାଦେଶ ହାର ବୃଦ୍ଧି ଆଦି ବିଷୟରେ ଡିଜିପି ଜିଲ୍ଲା ଏସ୍‌ପିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନରେ ଥିବାରୁ ଏହି ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତିର ବିଶେଷ ଗୁରୁତ୍ୱ ରହିଛି। ଆଗାମୀ ଦିନରେ ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳି/କାଳୀପୂଜା, ଅଁଳା ନବମୀ, ପଞ୍ଚୁକ ଓ ବାଲିଯାତ୍ରା ଭଳି ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହେବାକୁ ଥିବାରୁ ସେଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ଯୋଜନା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପାର୍ବଣ ସମୟରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ଓ ସୁଚାରୁ ଟ୍ରାଫିକ ପରିଚାଳନା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶାନ୍ତି କମିଟି ବୈଠକ ଆୟୋଜନ କରିବା ସହ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ଏସ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରଦାୟିକ ଭାବେ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ନଜର ରଖିବା ସହ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ପ୍ରତିହତ କରିବା ପାଇଁ ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅପରାଧ ନିୟନ୍ତ୍ରଣକୁ ଆହୁରି ପ୍ରଭାବଶାଳୀ କରିବା ଦିଗରେ ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ଗତିବିଧି ଉପରେ କଡ଼ା ନଜର ରଖି ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ ନେଇ ବିଜେଡିର ପ୍ରତିକ୍ରିୟା

# ଶିଳ୍ପ ପ୍ରଗତି ଉପରେ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ




## ସିଙ୍ଗାପୁର ପରି ୟୁଏଇ ଗସ୍ତ ଫଟୋସୁଟ୍‌ରେ ସୀମିତ ନ ରହୁ

ଭୁବନେଶ୍ୱର,୮।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୫ ଦିନିଆ ୟୁଏଇ ଗସ୍ତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ଏହି ଗସ୍ତର ଫଳାଫଳକୁ ନେଇ ବିଜେଡି ଆଶଙ୍କା ପ୍ରକାଶ କରିଛି। ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତରେ ରାଜ୍ୟକୁ କିଛି ମିଳିନଥିବା ବେଳେ ଏହି ଗସ୍ତ କେବଳ ପ୍ରଚାର ପାଇଁ ଉଦ୍ଦିଷ୍ଟ ବୋଲି ବିଜେଡି କହିଛି। ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି ଉଲ୍ଲେଖ କରିଛନ୍ତି ଯେ, ୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତବେଳେ ପୁଞ୍ଜିନିବେଶ ନେଇ ରୋଡ ଶୋ' ହୋଇଥିଲା। ଆନୁଷ୍ଠାନିକ ଭାବେ କୌଣସି ଏମଓୟୁ ସ୍ୱାକ୍ଷରିତ ହୋଇନଥିଲା। କିନ୍ତୁ ବିଶ୍ୱସ୍ତରୀୟ କମ୍ପାନୀମାନେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ବୋଲି କୁହାଯାଇଥିଲା। ତେବେ ୨ ବର୍ଷ ପରେ ବି ସିଙ୍ଗାପୁର ଗସ୍ତର ଫାଇଦା ଓଡିଶାକୁ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ଆନ୍ତର୍ଜାତିକ ପୁଞ୍ଜିନିବେଶ ରୋଡ ଶୋ ବୋଲି କୁହାଯାଉଥିବା ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତରୁ ରାଜ୍ୟକୁ ଫାଇଦା ମିଳିବ କି ନାହିଁ ସେନେଇ ସନ୍ଦେହ ଉପୁଜିଛି। ସିଙ୍ଗାପୁର ଗସ୍ତ କେବଳ କାଗଜରେ ସୀମିତ ରହିଥିବା ବେଳେ ଏହା କ'ଣ ଆଉ ଏକ ଫଟୋସୁଟ୍ ଅଭିଯାନ ବୋଲି ବିଜେଡି ପ୍ରଶ୍ନ କରିଛି। ଡ଼ ମହାନ୍ତି ଆହୁରି କହିଛନ୍ତି, ୨ ବର୍ଷର ଶାସନରେ ରାଜ୍ୟ ବିଜେପିର ଘୋଷଣା ଓ ବାସ୍ତବତାକୁ ରାଜ୍ୟବାସୀ ବୁଝି ସାରିଲେଣି। ଉତ୍କର୍ଷ ଓଡ଼ିଶା କନକ୍ଲେଭ-୨୦୨୫ରେ ୧୬.୭୩ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଦାବି କରାଯାଇଥିଲା। ହେଲେ ଅଦ୍ୟାବଧି ମାତ୍ର ୩.୧୧ ଲକ୍ଷ କୋଟି ଟଙ୍କାର ୧୪୮ରୁ ୧୫୨ଟି ପ୍ରକଳ୍ପ ବାସ୍ତବ ରୂପାୟନ କିମ୍ବା ଗ୍ରାଉଣ୍ଡିଂ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଏମଓୟୁଗୁଡ଼ିକର ଗ୍ରାଉଣ୍ଡିଂ ସ୍ଥିତି ବିଷୟରେ କୌଣସି ସୂଚନା ନାହିଁ। ଏହି ଅବସରରେ, ୨୦୨୪ରୁ ସ୍ୱାକ୍ଷରିତ ପ୍ରତ୍ୟେକ ଏମଓୟୁର ସଠିକ୍ ସ୍ଥିତି, ବିନିଯୋଗକାରୀଙ୍କ ଦ୍ୱାରା ପ୍ରକୃତରେ ଖର୍ଚ୍ଚ ହୋଇଥିବା ପୁଞ୍ଜି, ଏପର୍ଯ୍ୟନ୍ତ ସୃଷ୍ଟି ଚାକିରି ସଂଖ୍ୟା ଓ ଘୋଷଣାରୁ ଗ୍ରାଉଣ୍ଡିଂକୁ ରୂପାନ୍ତର ହାର ଅତ୍ୟନ୍ତ ନିମ୍ନ ରହିବାର କାରଣ ଉଲ୍ଲେଖ କରି ରାଜ୍ୟ ସରକାର ବିଧାନସଭାରେ ଶ୍ୱେତପତ୍ର ଉପସ୍ଥାପନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

# ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦିନିକିଆ ଦିଗଦର୍ଶନ କାର୍ଯ୍ୟକ୍ରମ



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ୭୧ଟି ନୂତନ ଭାବେ ଉନ୍ନୀତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷମାନଙ୍କ ପାଇଁ ସ୍ଥାନୀୟ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗୋଟିଏ ଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅନଲାଇନ୍ ନାମଲେଖା ପ୍ରକ୍ରିୟା, ଅତିଥି ଅଧ୍ୟାପକ ଚୟନ ଓ ଅନ୍ୟାନ୍ୟ ଶୈକ୍ଷିକ ଓ ପ୍ରଶାସନିକ କାର୍ଯ୍ୟାବଳୀ ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଦିଗ ବିଷୟରେ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶିକ ନିୟତି ପଟ୍ଟନାୟକ ବିଦ୍ୟାଳୟ ସ୍ତରରେ ପ୍ରଶାସନିକ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ନୂତନ ଭାବେ ଉନ୍ନୀତ ହୋଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଓ ଛାତ୍ରଛାତ୍ରୀମାନେ ଯେପରି ଗୁଣାତ୍ମକ ଶିକ୍ଷା ଓ ସଠିକ୍ ମାର୍ଗଦର୍ଶନ ପାଇପାରିବେ, ତାହା ସୁନିଶ୍ଚିତ କରିବା ଉପରେ ସେ ଆଲୋକପାତ କରିଥିଲେ। ସେହିପରି ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳି ନିର୍ଦ୍ଧାରିତ ନିୟମାବଳୀର ସଠିକ୍ କାର୍ଯ୍ୟକାରିତା ଏବଂ ବିଦ୍ୟାଳୟ ଓ ନିର୍ଦ୍ଦେଶାଳୟ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଜଳସେଚନ ଐତିହ୍ୟକୁ ପର୍ଯ୍ୟଟନ ଓ ବିକାଶ ସହ ଯୋଡ଼ିବ 'ବୋଇତ'




## ୬୫୦ କୋଟିର 'ବୋଇତ' ଯୋଜନାକୁ କ୍ୟାବିନେଟ୍‌ର ଅନୁମୋଦନ

ଭୁବନେଶ୍ୱର, ୮।୯(ସଂଚାର ବ୍ୟୁରୋ): ଓଡ଼ିଶାର ସମୃଦ୍ଧ ଜଳସେଚନ ଐତିହ୍ୟକୁ ସଂରକ୍ଷଣ କରିବା ସହ ଏହାକୁ ପର୍ଯ୍ୟଟନ ଓ ଆଞ୍ଚଳିକ ବିକାଶ ସହ ଯୋଡ଼ିବା ଲକ୍ଷ୍ୟରେ ରାଜ୍ୟ କ୍ୟାବିନେଟ୍ 'ଓଡ଼ିଶାର ଜଳସେଚନ ପ୍ରକଳ୍ପ ପର୍ଯ୍ୟଟନ ସୁବିଧାର ବିକାଶ' (ବୋଇତ) ଯୋଜନାକୁ ଅନୁମୋଦନ କରିଛି। ଜଳସମ୍ପଦ ବିଭାଗର ଏହି ଯୋଜନା ପାଇଁ ୬୫୦ କୋଟିର ବ୍ୟୟବରାଦ କରାଯାଇଛି। ୫ ବର୍ଷ ଧରି ଅର୍ଥାତ୍ ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ। ଐତିହାସିକ ଜଳସେଚନ ସଂରଚନାଗୁଡ଼ିକର ସଂରକ୍ଷଣ ଓ ପୁନରୁଦ୍ଧାର, ପାରମ୍ପରିକ ଜଳ ପରିଚାଳନା ପଦ୍ଧତିକୁ ଲୋକଲୋଚନକୁ ଆଣିବା ଓ ଐତିହ୍ୟ ସମ୍ପଦ ମାଧ୍ୟମରେ ଆଞ୍ଚଳିକ ସାମାଜିକ ଓ ଆର୍ଥିକ ସୁଯୋଗ ସୃଷ୍ଟି କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ପରମ୍ପରାଠାରୁ ବ୍ରିଟିଶ ଓ ସ୍ୱାଧୀନତା ପରବର୍ତ୍ତୀ ସମୟର ଜଳସେଚନ ସଂରଚନା ପର୍ଯ୍ୟନ୍ତ ବ୍ୟାପ୍ତ ଏହି ଐତିହ୍ୟ ରାଜ୍ୟର ଐତିହାସିକ, ସାଂସ୍କୃତିକ ଓ ଯାନ୍ତ୍ରିକ ପରମ୍ପରାର ପରିଚୟ ବହନ କରେ। ଯୋଜନା ଅଧୀନରେ ଐତିହାସିକ କୋଠା ଓ ସଂରଚନାଗୁଡ଼ିକର ପୁନଃବ୍ୟବହାର, ସେଗୁଡ଼ିକର ମୂଳ ଜଳ ବ୍ୟବସ୍ଥାର ସ୍ଥିରୀକରଣ ଓ ପୁନରୁଦ୍ଧାର ସହ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବ। ଏହା ମାଧ୍ୟମରେ ଐତିହ୍ୟ ସମ୍ପଦର ସ୍ଥାୟୀ ବ୍ୟବହାର ଓ ସଂରକ୍ଷଣ ସୁନିଶ୍ଚିତ ହେବ। 'ବୋଇତ' ଯୋଜନା ଓଡ଼ିଶାର ଜଳସେଚନ ଐତିହ୍ୟକୁ ସଂରକ୍ଷଣ କରିବା ସହ ତାହାକୁ ଜନସାଧାରଣ, ପର୍ଯ୍ୟଟନ ଓ ଆଞ୍ଚଳିକ ବିକାଶ ସହ ଯୋଡ଼ିବାରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି ବିଭାଗୀୟ ପ୍ରମୁଖ ସଚିବ କହିଛନ୍ତି।

# ସିଦ୍ଧାର୍ଥ ସ୍ୱରୂପ ପିସିସି କୋଷାଧ୍ୟକ୍ଷ ଓ ପିଏସିର ସର୍ବକନିଷ୍ଠ ସଦସ୍ୟ



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସର ନବଗଠିତ କମିଟି ଘୋଷଣା କରାଯାଇ ସେମାନଙ୍କ ନାମ ତାଲିକା ଏଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ଉକ୍ତ କମିଟିରେ କୋଷାଧ୍ୟକ୍ଷ ଭାବେ ଓ ପିସିସି ରାଜନୈତିକ ବ୍ୟାପାର କମିଟି (ପିଏସି)ର ସର୍ବକନିଷ୍ଠ ସଦସ୍ୟ ଭାବେ ଯୁବ ଇଞ୍ଜିନିୟର ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କୁ ଦାୟିତ୍ୱ ମିଳିଛି। ଏଥିସକାଶେ ସେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧି, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଲାଲଜି ଦେଶାଇ, ପିସିସି ସଭାପତି ଭକ୍ତ ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ କିଛିବର୍ଷ ଧରି କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ଶୃଙ୍ଖଳିତ କର୍ମୀ ଭାବେ ତାଙ୍କୁ ଯେଉଁ ଦାୟିତ୍ୱ ମିଳିଛି, ତାକୁ ସେ ସୁଚାରୁ ରୂପେ ପାଳନ କରିଛନ୍ତି। ସେ ପୂର୍ବ କମିଟିରେ ପିସିସି କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିଲେ। ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଭାବେ ଗତ ସାଧାରଣ ନିର୍ବାଚନରେ ଅବତୀର୍ଣ୍ଣ ମଧ୍ୟ ହୋଇଥିଲେ।

### ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

# ଜିଲ୍ଲା ପ୍ରଶାସନ ଓ ବନ ରକ୍ଷା ସମିତି କର୍ମକର୍ତ୍ତାଙ୍କ ସହ ଆଲୋଚନା




ଭୁବନେଶ୍ୱର, ୮।୯(ସଂଚାର ବ୍ୟୁରୋ): ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷ ଅନ୍ତର ସିଂ ଆର୍ଯ୍ୟ ଦୁଇଦିନିଆ ରାଜ୍ୟ ଗସ୍ତରେ ଆସି ଅନୁସୂଚିତ ଜନଜାତିଙ୍କ ବିକାଶ ଓ କଲ୍ୟାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀ ଆର୍ଯ୍ୟ ଗତକାଲି ପୁରୀ ଗସ୍ତ କରିଥିବା ବେଳେ ଆଜି ଭୁବନେଶ୍ୱର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୈଠକରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଆଦିବାସୀ ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଓ ନିର୍ଦ୍ଦିଷ୍ଟ ଅନୁଶାସନ ଆଧାରିତ ହୋଇଥିବାରୁ ଏହାର ସୁରକ୍ଷା ଓ ମୌଳିକତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଦିବାସୀ ଅଞ୍ଚଳର ଜମି ଓ ଜଙ୍ଗଲ ସୁରକ୍ଷା ଉପରେ ସେ ପ୍ରାଧାନ୍ୟ ଦେବା ସହ ବନ ରକ୍ଷା ସମିତି ଓ ବନ ଅଧିକାର ହିତାଗ୍ରାହୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଅନୁରୂପ ଭାବେ ଖୋର୍ଦ୍ଧା ଜିଲ୍ଲାରେ ଅନୁସୂଚିତ ଜନଜାତି କଲ୍ୟାଣ, ବିକାଶ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଆୟୋଗଙ୍କୁ ସୂଚନା ଦେଇଥିଲେ। ଏଥିସହ ସେ ବିଭିନ୍ନ ଉଦ୍ୟୋଗ ଓ ସଂସ୍ଥାରେ କାର୍ଯ୍ୟରତ ଅନୁସୂଚିତ ଜନଜାତି ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ। ବୈଠକରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଆୟୋଗଙ୍କ ନିର୍ଦ୍ଦେଶକ ପୂର୍ଣ୍ଣେନ୍ଦୁ କାନ୍ତ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡ଼େ ଗଜାନନ ଦୟାନନ୍ଦ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଉପସ୍ଥିତ ଥିଲେ।

# ଗୁରୁ ଦିବସ ଓ 'କଳିଙ୍ଗ ଭାସ୍କର୍ଯ୍ୟ' ଉନ୍ମୋଚନ ପର୍ବ




ଖଣ୍ଡଗିର,୮।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ କଳିଙ୍ଗନଗର (କେ-୮) ର ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଗୁରୁଦିବସ ପାଳନ କମ୍ୟୁନିଟି ହଲରେ ବୃନ୍ଦାବନ ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଗୋବର୍ଦ୍ଧନ ହାତୀଙ୍କ ଗୁରୁବନ୍ଦନା ମଧ୍ୟରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସମ୍ପାଦକ ଦାଶରଥି ସାହୁଙ୍କ ସ୍ୱାଗତ ଭାଷଣ ପରେ ବିଶିଷ୍ଟ ଶିକ୍ଷାବିତ ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବଦତ୍ତ ମହାନ୍ତିଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ସମ୍ମାନିତ କରାଯାଇଥିଲା। ବିଦ୍ୟୁତପ୍ରଭା ତ୍ରିପାଠୀ ମାନପତ୍ର ପାଠ କରିଥିବା ବେଳେ ମାଧ୍ୟମିକା ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି କିଟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ନିର୍ଦ୍ଦେଶକ ଇଂ. ମାୟାଧର ସ୍ୱାଇଁ 'ଆମର ଶିକ୍ଷା ବ୍ୟବସ୍ଥା: ଆହ୍ୱାନ ଓ ସୁଯୋଗ' ପ୍ରସଙ୍ଗରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ କିଶୋର କୁମାର ମିଶ୍ରଙ୍କ ରଚିତ ପୁସ୍ତକ 'କଳିଙ୍ଗ ଭାସ୍କର୍ଯ୍ୟ' ଉନ୍ମୋଚିତ ହୋଇଥିଲା। ଗିରିଜା ପ୍ରସାଦ ମହାପାତ୍ର ଲେଖକଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରୀ ମିଶ୍ର ପୁସ୍ତକର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଚନ୍ଦ୍ରକାନ୍ତ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ଶଙ୍କର ନାୟକ, ଉମେଶ ଚନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ବସ୍ତିଆ, ଗୋପୀନାଥ ରାଉତ, ନିରଞ୍ଜନ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ଧଳ, ସୁରେଶ କୁମାର ନାୟକ, ଭକ୍ତରାମ ପଟ୍ଟନାୟକ, ପ୍ରହ୍ଲାଦ ପଣ୍ଡା, ପ୍ରମୋଦ କୁମାର ଶତପଥୀ ସହଯୋଗ କରିଥିଲେ।

# ଜିଲ୍ଲା ପ୍ରେସ କ୍ଲବ୍ ପକ୍ଷରୁ ଚାରା ରୋପଣ



ଖୋର୍ଦ୍ଧା,୮।୯(ସଂଚାର ବ୍ୟୁରୋ): ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା ନେଇ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ୍ ପକ୍ଷରୁ ଆଜି ପ୍ରେସ କ୍ଲବ୍ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ତପନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକମାନେ ସାମାଜିକ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ପରିବେଶ ସୁରକ୍ଷା ଭଳି ସାମାଜିକ ଦାୟିତ୍ୱରେ ମଧ୍ୟ ସକ୍ରିୟ ଭୂମିକା ନେବାର ବାର୍ତ୍ତା ଦେଇଛନ୍ତି। କାର୍ଯ୍ୟକ୍ରମରେ କ୍ଲବ ଉପସଭାପତି ପ୍ରସନ୍ନ କୁମାର ପାଇକରାୟ, ସମ୍ପାଦକ ପ୍ରକାଶ କୁମାର ହାତୀ, ଉପଦେଷ୍ଟା ଦିଲ୍ଲୀପ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦାସ, ପ୍ରବୀଣ ଭଞ୍ଜଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ସେମାନେ ପ୍ରେସ କ୍ଲବ ପରିସରରେ ଅଁଳା, ଲିମ୍ବ, ଅର୍ଜୁନ, କରଞ୍ଜ, ବେଲ, ପିସ୍ତା ବାଦାମ, କଦମ୍ବ, ଶାଗୁଆନ, ଶିଶୁ ସମେତ ବିଭିନ୍ନ ଔଷଧୀୟ ଓ ଉପକାରୀ ବୃକ୍ଷର ଚାରା ରୋପଣ କରିଥିଲେ। ସମ୍ପ୍ରତି ପରିବେଶ ପ୍ରଦୂଷଣ, ବନାଞ୍ଚଳ ହ୍ରାସ, ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ଗୁରୁତର ଆହ୍ୱାନ ସୃଷ୍ଟି କରିଥିବାରୁ ଚାରା ରୋପଣ ସହ ଚାରାର ନିୟମିତ ଯତ୍ନ ଓ ସୁରକ୍ଷା ଉପରେ କ୍ଲବ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। କେବଳ ଚାରା ରୋପଣରେ ସୀମିତ ନ ରହି ତାହାକୁ ବଞ୍ଚାଇ ବଡ଼ କରିବା ହିଁ ପ୍ରକୃତ ପରିବେଶ ସୁରକ୍ଷା ବୋଲି ସେମାନେ ମତ ଦେଇଥିଲେ। ସଭାପତି ଶ୍ରୀ ନାୟକ କହିଥିଲେ ଯେ ସାମ୍ବାଦିକଙ୍କ ଦାୟିତ୍ୱ କେବଳ ଖବର ପ୍ରକାଶରେ ସୀମିତ ନୁହେଁ। ସାମାଜିକ ଓ ପରିବେଶ ସମସ୍ୟା ପ୍ରତି ଲୋକଙ୍କୁ ସଚେତନ କରିବା ସହ ନିଜେ ମଧ୍ୟ ସେବାମୂଳକ କାର୍ଯ୍ୟରେ ସାମିଲ ହେବା ଆବଶ୍ୟକ।

# ବର୍ଷକୁ ବର୍ଷ ବଢୁଛନ୍ତି କର୍କଟ ରୋଗୀ



ଭୁବନେଶ୍ୱର,୮।୯: ରାଜ୍ୟରେ ବଢୁଛି କର୍କଟ ରୋଗୀଙ୍କ ସଂଖ୍ୟା। ବର୍ଷକୁ ହାରାହାରି ୫୫ ହଜାରରୁ ଅଧିକ ବ୍ୟକ୍ତିଙ୍କଠାରେ ଏହି ମାରାତ୍ମକ ରୋଗ ଚିହ୍ନଟ ହେଉଛି। ସମଗ୍ର ଦେଶ ସହ ତାଳ ଦେଇ ରାଜ୍ୟରେ ଏହି ରୋଗ ବଢ଼ିବା ଏବେ ଚିନ୍ତାର କାରଣ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ୨୦୨୪ରେ ସମଗ୍ର ଦେଶରେ ୧୫ ଲକ୍ଷ ୩୩ ହଜାରରୁ ଅଧିକ କର୍କଟ ରୋଗୀ ଚିହ୍ନଟ ହୋଇଥିବା ବେଳେ ଓଡ଼ିଶାରେ ଏହି ରୋଗୀ ସଂଖ୍ୟା ୫୫ ହଜାରରୁ ଅଧିକ ରହିଥିଲା। ଏହିବର୍ଷ ଉତ୍ତର ପ୍ରଦେଶରେ ସର୍ବାଧିକ ୨ ଲକ୍ଷ ୨୧ ହଜାର କର୍କଟ ରୋଗୀ ଚିହ୍ନଟ ହୋଇଥିବା ବେଳେ ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଲକ୍ଷରୁ ଅଧିକ ଲେଖାଏଁ ରହିଥିଲା। ତେବେ ସବୁଠାରୁ କମ୍ ଲାକ୍ଷାଦ୍ୱୀପରେ ମାତ୍ର ୩୨ ଜଣ କର୍କଟ ରୋଗୀ ଚିହ୍ନଟ ହୋଇଥିଲେ।

୨୦୨୫ ବର୍ଷରେ ଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇ ୧୫ ଲକ୍ଷ ୬୯ ହଜାରକୁ ଟପିଯାଇଥିଲା। ଏହିବର୍ଷ ମଧ୍ୟ ଓଡ଼ିଶାରେ କର୍କଟ ରୋଗୀଙ୍କ ସଂଖ୍ୟା ୫୬ ହଜାରକୁ ଅତିକ୍ରମ କରିଥିଲା। ତେବେ ପୂର୍ବବର୍ଷ ଭଳି ଉତ୍ତର ପ୍ରଦେଶ ଏ କ୍ଷେତ୍ରରେ ସବୁଠାରେ ଆଗରେ ରହିବା ସହ ସେହି ରାଜ୍ୟରେ ୨ ଲକ୍ଷ ୨୬ ହଜାରରୁ ଅଧିକ କର୍କଟ ରୋଗୀ ଚିହ୍ନଟ ହୋଇଥିଲେ।

ତେବେ ଏହି ପ୍ରାଣଘାତୀ ଅଣସଂକ୍ରାମକ ରୋଗ ବୃଦ୍ଧିର କାରଣ ଅପମିଶ୍ରିତ ଖାଦ୍ୟ ଓ ତମାଖୁ ସେବନକୁ ଦାୟୀ କରାଯାଉଛି। ଆମ ରାଜ୍ୟରେ ଯେତେ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛି ମୁଖ ଗହ୍ୱର କର୍କଟ ଆକ୍ରାନ୍ତ। କମ୍ ବୟସରୁ ବ୍ୟାପକ ଗୁଟଖା, ଖଇନି ସହ ବିଡି, ସିଗାରେଟ ଆଦି ସେବନ ଓ ମଦ୍ୟପାନ କର୍କଟ ରୋଗ ବୃଦ୍ଧିର କାରଣ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

କର୍କଟ ରୋଗର ମୁକାବିଲା ପାଇଁ ସଚେତନତା ଗୋଟିଏ ବଡ଼ ମାଧ୍ୟମ ହୋଇଥିବା ବେଳେ ସରକାର ମଧ୍ୟ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ତମାଖୁ, ସିଗାରେଟ ଆଦି ପ୍ୟାକେଟ ଉପରେ ମୁଖଗହ୍ୱର କର୍କଟରୋଗୀଙ୍କର ଭୟଙ୍କର ଫଟୋ ଛପାଯିବା ସହ ସତର୍କ ସୂଚନା ରହୁଛି। ହେଲେ ଏହାକୁ ଯୁବବର୍ଗ ଅଣଦେଖା କରିବା ଫଳରେ ମୁଖ ଗହ୍ୱର କର୍କଟ ରୋଗର ଶିକାର ହେବାରେ ଲାଗିଛନ୍ତି। ଏହି ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାରୁ ଆକ୍ରାନ୍ତ ରୋଗୀମାନେ ଅଧିକାଂଶ କ୍ଷେତ୍ରରେ ସର୍ବସ୍ୱାନ୍ତ ହୋଇଯାଇଥାନ୍ତି। ଆଇସିଏମଆର ସୂଚନାନୁଯାୟୀ, ୧୯୯୦ ରୁ ୨୦୨୩ ମଧ୍ୟରେ ବିଶ୍ୱରେ କର୍କଟ ରୋଗୀଙ୍କ ମୃତ୍ୟୁସଂଖ୍ୟା ୨୪ ପ୍ରତିଶତ ହ୍ରାସ ପାଇଛି। ତେବେ ଏହା କେବଳ ଉଚ୍ଚ ଆୟକାରୀ ଓ ଧନୀକ ଦେଶଗୁଡ଼ିକରେ ଦେଖିବାକୁ ମିଳିଛି। କିନ୍ତୁ ଗରିବ ଦେଶଗୁଡ଼ିକରେ କର୍କଟ ଚିକିତ୍ସା ଭିତ୍ତିଭୂମିର ଅଭାବ ଯୋଗୁଁ ମୃତ୍ୟୁସଂଖ୍ୟା ଢେର ଅଧିକ ରହୁଛି। ଅନ୍ୟପକ୍ଷରେ ଭାରତରେ କର୍କଟରୋଗୀଙ୍କ ସଂଖ୍ୟା ୨୬.୪ ପ୍ରତିଶତ ହାରରେ ବୃଦ୍ଧି ପରିଲକ୍ଷିତ ହୋଇଛି। କେବଳ ୨୦୨୩ ବର୍ଷରେ କର୍କଟ ରୋଗୀ ତାଲିକାରେ ୧୫ ଲକ୍ଷ ନୂଆ ଆକ୍ରାନ୍ତ ଯୋଡ଼ି ହୋଇଯାଇଛନ୍ତି। (ତଥ୍ୟ)

# ନିଖୋଜ ଏମକେସିଜି ଛାତ୍ର ମୟୂରଭଞ୍ଜ ତିରିଂରୁ ଉଦ୍ଧାର

ବ୍ରହ୍ମପୁର,୮।୯(ସଂଚାର ବ୍ୟୁରୋ): ଏମକେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର ସାଗର ସାହୁ ମୟୂରଭଞ୍ଜ ଜିଲ୍ଲା ତିରିଂରୁ ଉଦ୍ଧାର ହୋଇଛନ୍ତି। ଗତ ୩୧ ତାରିଖରୁ ସେ ନିଖୋଜ ଥିଲେ। ତାଙ୍କ ନିଖୋଜ ପରିବାର ଲୋକ ଓ ମେଡିକାଲ କ୍ୟାମ୍ପସରେ ଚିନ୍ତାର କାରଣ ପାଲଟିଥିଲା। ଗତ ୩୧ ତାରିଖରୁ ସାଗରକୁ ଖୋଜିବା ପ୍ରକ୍ରିୟା ଜାରି ରଖିଥିଲା ପୁଲିସ। ତେବେ ଆଜି ସାଗର ବସ୍‌ରେ ଝାଡ଼ଖଣ୍ଡ ପଟୁ ଆସୁଥିବା ବେଳେ ତାଙ୍କୁ ପୁଲିସ ଉଦ୍ଧାର କରିଛି। ସାଗର ଯାଜପୁର ଜିଲ୍ଲାର ବାସିନ୍ଦା। ସାଗର ବସରେ ଥାଇ କଣ୍ଡକ୍ଟରଙ୍କ ମୋବାଇଲରେ ଘର ଲୋକଙ୍କୁ ଫୋନ କରିଥିଲେ। ଘର ଲୋକେ ପୁଲିସକୁ ଏହାର ସୂଚନା ଦେବା ପରେ ପୁଲିସ ତିରିଂରୁ ସାଗରଙ୍କୁ ଉଦ୍ଧାର କରିଥିଲା। ସାଗରକୁ ନେବାକୁ ତିରିଂ ଥାନାରେ ପହଞ୍ଚିଥିଲା କୁଆଖିଆ ପୁଲିସ। ପୁଅର ନିଖୋଜ ଖବର ପାଇ ସାଗରଙ୍କ ବାପା, ମାମୁ ଓ ପରିବାରର ଅନ୍ୟ ସଦସ୍ୟମାନେ ବ୍ରହ୍ମପୁରକୁ ଯାଇ ବହୁତ ଖୋଜାଖୋଜି କରିଥିଲେ। ସାଗର ଏମବିବିଏସ ପ୍ରଥମ ବର୍ଷର ଛାତ୍ର। ପ୍ରାୟ ଏକ ବର୍ଷ ହେବ ମେଡିକାଲ ହଷ୍ଟେଲରେ ରହି ସେ ପାଠ ପଢୁଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ବୁଧବାର ୯ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Wednesday 9 September 2026, Bhubaneswar

# ଆତ୍ମନିର୍ଭରତାର ନୂତନ ଅଧ୍ୟାୟ

ଆଜିର ବିଶ୍ୱରେ ଜାତୀୟ ସୁରକ୍ଷା କେବଳ ସୀମା ରକ୍ଷା ନୁହେଁ, ବରଂ ପ୍ରଯୁକ୍ତି, ଶିଳ୍ପ ଏବଂ ଆତ୍ମନିର୍ଭରତାର ସମନ୍ୱୟ। ଭାରତ ଏହି ବାସ୍ତବତାକୁ ଗ୍ରହଣ କରି ନିଜର ପ୍ରତିରକ୍ଷା କ୍ଷମତାକୁ ବୃଦ୍ଧି କରିବା ପାଇଁ ଏକ ବ୍ୟାପକ ଓ ସୁସ୍ପଷ୍ଟ ଯୋଜନା କାର୍ଯ୍ୟକାରୀ କରୁଛି। ଚୀନ ଓ ପାକିସ୍ତାନ ପରି ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ଦେଶ ସହ ସୀମାରେ ଚାପ ବଢୁଥିବା ପରିପ୍ରେକ୍ଷୀରେ ଏହି ପ୍ରୟାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସରକାରର ସମ୍ପ୍ରତି ପଦକ୍ଷେପଗୁଡ଼ିକ ଏହାର ସ୍ପଷ୍ଟ ପ୍ରମାଣ। ୨୦୨୬-୨୭ ବର୍ଷ ପାଇଁ ପ୍ରତିରକ୍ଷା ବଜେଟ୍ ରେକର୍ଡ ୭.୮୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୫ ପ୍ରତିଶତ ଅଧିକ। ଏଥିରୁ ମୂଳଧନ ଖର୍ଚ୍ଚ ପାଇଁ ୨.୧୯ ଲକ୍ଷ କୋଟି ଟଙ୍କା ବରାଦ କରାଯାଇଛି। ଏହା କେବଳ ସଂଖ୍ୟା ନୁହେଁ, ବରଂ ସେନା, ନୌସେନା ଓ ବାୟୁସେନାକୁ ଆଧୁନିକ କରିବାର ଦୃଢ଼ ସଙ୍କଳ୍ପ। ସେପ୍ଟେମ୍ବର ୨୦୨୬ରେ ରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଏକ୍ୱିଜିସନ୍ କାଉନସିଲ୍ (ଡିଏସି) ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର କ୍ରୟ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏହି ଅନୁମୋଦନର ପ୍ରାୟ ୯୮ ପ୍ରତିଶତ ଭାରତୀୟ ଶିଳ୍ପରୁ ଆସିବ। ସେନା ପାଇଁ ସିବିଆରଏନ୍ ରିକନେସାନ୍ସ ଯାନ, ହାଇ ମୋବିଲିଟି ଭେହିକଲ୍, ମାଇନ୍ ଲେୟର୍, ଆଡଭାନ୍ସଡ୍ ଲାଇଟ୍ ହେଲିକପ୍ଟର୍; ନୌସେନା ପାଇଁ ଅତ୍ୟାଧୁନିକ ରାଡାର୍ ଓ ମେରିନ୍ ଗ୍ୟାସ୍ ଟର୍ବାଇନ୍; ଏବଂ ବାୟୁସେନା ପାଇଁ ଯୋଦ୍ଧା ବିମାନ ଓ ଟ୍ରାନ୍ସପୋର୍ଟ ବିମାନର କ୍ଷମତା ବୃଦ୍ଧି ପାଇଁ ବ୍ୟବସ୍ଥା ରହିଛି। ୨୦୨୫ ପରଠାରୁ ମୋଟ ଅନୁମୋଦିତ ପ୍ରସ୍ତାବର ମୂଲ୍ୟ ୧୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି।



ଏହି ସଫଳତା କେବଳ କ୍ରୟ ନୀତିରେ ସୀମିତ ନୁହେଁ। ୨୦୨୫-୨୬ ବର୍ଷରେ ଭାରତର ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ ରେକର୍ଡ ୧.୭୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହା ୨୦୧୪ ର ୪୬ ହଜାର କୋଟି ତୁଳନାରେ ପ୍ରାୟ ଚାରି ଗୁଣ। ବେସରକାରୀ କ୍ଷେତ୍ରର ଅଂଶ ୨୪ ପ୍ରତିଶତକୁ ବଢ଼ିଛି। ରପ୍ତାନି ମଧ୍ୟ ୨୦୧୩-୧୪ ର ୬୮୬ କୋଟିରୁ ୨୦୨୫-୨୬ ରେ ୩୮,୪୨୪ କୋଟି ଟଙ୍କାରେ ପହଞ୍ଚିଛି। ୧୪୫ରୁ ଅଧିକ ରପ୍ତାନିକାରୀ କମ୍ପାନୀ ୮୦ରୁ ଅଧିକ ଦେଶକୁ ଉତ୍ପାଦ ବିକ୍ରି କରୁଛନ୍ତି। ସରକାର ୨୦୨୯-୩୦ ସୁଦ୍ଧା ଉତ୍ପାଦନ ୩ ଲକ୍ଷ କୋଟି ଏବଂ ରପ୍ତାନି ୫୦ ହଜାର କୋଟି ଟଙ୍କାରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛି।

ଆତ୍ମନିର୍ଭର ଭାରତ ଅଭିଯାନ, ମେକ୍ ଇନ୍ ଇଣ୍ଡିଆ, ସକାରାତ୍ମକ ସ୍ୱଦେଶୀକରଣ ତାଲିକା, ବିଦେଶୀ ପ୍ରତ୍ୟକ୍ଷ ନିବେଶର ସୀମା ୭୪ ପ୍ରତିଶତକୁ ବଢ଼ାଇବା ଏବଂ ଆଇଡେକ୍ସ ପରି ଉଦ୍ୟୋଗ ମାଧ୍ୟମରେ ଷ୍ଟାର୍ଟଅପ୍ ଓ ଏମଏସଏମଇକୁ ସାମିଲ କରାଯାଉଛି। ଏହା କେବଳ ଅସ୍ତ୍ରଶସ୍ତ୍ର ଉତ୍ପାଦନ ନୁହେଁ, ବରଂ ନିଯୁକ୍ତି, ପ୍ରଯୁକ୍ତି ହସ୍ତାନ୍ତରଣ ଓ ଅର୍ଥନୈତିକ ବୃଦ୍ଧିର ମାଧ୍ୟମ। ଡ୍ରୋନ୍, କୃତ୍ରିମ ବୁଦ୍ଧିମତ୍ତା, ହାଇପରସୋନିକ୍ ମିସାଇଲ୍ ଓ ସାଇବର ସୁରକ୍ଷା ପରି ଭବିଷ୍ୟତ ଯୁଦ୍ଧର ଆବଶ୍ୟକତାକୁ ଧ୍ୟାନରେ ରଖି ୧୫ ବର୍ଷିଆ ଆଧୁନିକୀକରଣ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି।

ତଥାପି ଚ୍ୟାଲେଞ୍ଜ ରହିଛି। ପ୍ରଯୁକ୍ତି ଅଭିଗମ୍ୟତା, ଉତ୍ପାଦନ ସ୍କେଲ୍ ଆପ୍ ଏବଂ ଗୁଣବତ୍ତା ନିୟନ୍ତ୍ରଣରେ ଆହୁରି ଉନ୍ନତି ଆବଶ୍ୟକ। ବେସରକାରୀ କ୍ଷେତ୍ରର ଅଂଶଦାନ ବଢ଼ାଇବା ଓ ଗବେଷଣା-ବିକାଶରେ ନିରନ୍ତର ବିନିଯୋଗ ଜରୁରୀ। ତଥାପି ସାମଗ୍ରିକ ଦିଗରେ ଭାରତ ସଠିକ୍ ପଥରେ ଅଛି।

ଏହି ପ୍ରୟାସ କେବଳ ସେନାର ଶକ୍ତି ବୃଦ୍ଧି ନୁହେଁ, ବରଂ ଏକ ଶକ୍ତିଶାଳୀ, ଆତ୍ମନିର୍ଭର ଓ ବିଶ୍ୱସ୍ତରୀୟ ପ୍ରତିରକ୍ଷା ଶକ୍ତି ଭାବେ ଭାରତକୁ ପ୍ରତିଷ୍ଠିତ କରିବାର ପଥ। ସୁରକ୍ଷିତ ଭାରତ ହିଁ ସମୃଦ୍ଧ ଭାରତର ଭିତ୍ତି। ଏହି ଯୋଜନା ସଫଳ ହେଲେ ଭାରତ କେବଳ ନିଜର ସୀମା ରକ୍ଷା କରିବ ନାହିଁ, ବରଂ ବିଶ୍ୱରେ ଶାନ୍ତି ଓ ସ୍ଥିରତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଚାକିରୀ ଅଛି, କିନ୍ତୁ ଭବିଷ୍ୟତ?

**ମନସିଜ୍ ଦାସ**



କିଛି ବର୍ଷ ତଳର କଥା। ଜଣେ ଯୁବକଙ୍କୁ ପଚାରିଥିଲି - 'ପାଠପଢ଼ା ତ ସରିଲା ଏହାପରେ କ'ଣ କରିବ? ପିଲାଟି ବେଶ ସରଳ ଉତ୍ତର ରଖିଥିଲା - 'ଚାକିରୀ କରିବି'। ଆଜିର ସମୟରେ ସେ ଉତ୍ତରଟି ଏତେ ସରଳ ନୁହଁ, ଅତୀବ କଠିନ ସାଧ୍ୟ। ତେବେ ପ୍ରଶ୍ନଟି ଆମର କେବଳ 'ଚାକିରୀ ମିଳିବ କି?'ରେ ସୀମିତ ନାହିଁ। ଏହା ସହିତ ଆଉ ଏକ ପ୍ରଶ୍ନଟି ମଧ୍ୟ ଯୋଡ଼ି ହୋଇଛି ଏବଂ ଯୋଡ଼ି ହେବା ମଧ୍ୟ ସ୍ୱାଭାବିକ ତାହା ହେଉଛି - 'ଆଜିର ସମୟରେ ଯେଉଁ ଚାକିରୀ ସବୁ ମିଳୁଛି ପାଞ୍ଚ କିମ୍ବା ଦଶ ବର୍ଷ ପରେ ସେ ଚାକିରୀ ମଧ୍ୟ ଥିବ ଏହାର କିଛି ମାନେ ନାହିଁ।'

ଯୁବପିଢ଼ିଙ୍କ ପ୍ରଶ୍ନଟି ଯାହା ତାହାକେବଳ ପାଠପଢ଼ା ସାରି ଚାକିରୀ ଖୋଜୁଥିବା ଉଚ୍ଚ ଓ ଖୋଲା ମନର ସ୍ୱପ୍ନକୁ ପୂରଣ କରୁଥିବା ଜଣେ ଯୁବକଙ୍କର ନୁହାଁ। ଏ ସବୁ ପ୍ରଶ୍ନ ଅଭିଭାବକମାନଙ୍କର, ଶିକ୍ଷା ବ୍ୟବସ୍ଥା, ଶିଳ୍ପ ଜଗତର ଏବଂ ସର୍ବୋପରି ସରକାରଙ୍କର ମଧ୍ୟ। ବର୍ତ୍ତମାନର ସମୟରେ ସମୟ ସୂଚନା ପ୍ରଯୁକ୍ତି ଜ୍ଞାନ ସହିତ ରକେଟ ପରି ଦୌଡୁଛି। କୃତ୍ରିମ ବୁଦ୍ଧିମତା ଯାହାକୁ ଏଆଇ ଭାବେ ସମସ୍ତେ ଜାଣୁଛନ୍ତି ଏହା ବର୍ତ୍ତମାନ ସମୟରେ ଯେତିକି ଆବଶ୍ୟକତା ସେତିକି ଆହ୍ୱାନ ମଧ୍ୟ। ଏହି କୃତ୍ରିମ ବୁଦ୍ଧିମତା ଆସିଲେ ସମସ୍ତଙ୍କ ଚାକିରୀ ଯେ ଚାଲିଯିବ ଏହା ହୁଏତ ସତ୍ୟ ନୁହେଁ ଏଇଠାରେ ହିଁ ଆମେ ବୁଝାଇ ରଖୁଛୁକି ଯେ ଏହି ନୂଆ ପ୍ରଯୁକ୍ତି ଜ୍ଞାନ କୌଶଳ ସହିତ କାମ କରିବା ଓ ଏହାକୁ ଜାଣିବାର ଆଗ୍ରହ ରଖିଥିବା ଲୋକ ଓ ଅନାଗ୍ରହୀଙ୍କ ଭିତରେ ତଫାତ ନିଶ୍ଚିନ୍ତ ଭାବେ ବଢ଼ିବ।

ଆଉ ଗୋଟିଏ ବଡ଼ ପ୍ରଶ୍ନଟି ରଖୁଛୁ ଭବିଷ୍ୟତର ସବୁଠୁ ବଡ଼ ଆହ୍ୱାନ ହୁଏତ ଚାକିରୀର ଅଭାବ ନୁହଁ ବଡ଼ ଆହ୍ୱାନ ହେବ ଚାକିରୀ ପାଇଁ ଆବଶ୍ୟକ ଦକ୍ଷତା ଏବଂ ଆମ ପାଖରେ ଥିବା ଦକ୍ଷତା ମଧ୍ୟରେ ବଢୁଥିବା ଦୂରତା ଦୀର୍ଘ ଦିନ ଧରି ଆମ ସମାଜରେ ଡିଗ୍ରୀ ଓ ଶିକ୍ଷାଗତ ଯୋଗ୍ୟତାକୁ ଚାକିରୀର ମୁଖ୍ୟ ଆଧାର ଭାବେ ଦେଖାଯାଇଛି। ଭଲ ନମ୍ବର, ଭଲ ଡିଗ୍ରୀ ଏବଂ ଭଲ ଚାକିରୀ ଏହା ହିଁ ସଫଳତାର ସାଧାରଣ ରାସ୍ତା ଭାବେ ସମସ୍ତଙ୍କ ଭିତରେ ବୁଝା କିନ୍ତୁ ଏହି ଡିଗ୍ରୀଟି କେବଳ ଯଥେଷ୍ଟ କି? ବଦଳୁଥିବା ଚାକିରୀ ବଜାରରେ ନିଯୁକ୍ତି ଯୋଗ୍ୟତାର ଅର୍ଥ ମଧ୍ୟ ବଦଳୁଛି। ଜଣେ ଯୁବକଙ୍କ ପାଖରେ ଶିକ୍ଷାଗତ ଯୋଗ୍ୟତା ସହିତ ପ୍ରଯୁକ୍ତିକୁ ବୁଝିବା, ସମସ୍ୟାର ସମାଧାନ କରିବା, ଭଲ ଭାବରେ ନିଜ କଥା ଉପସ୍ଥାପନ କରିବା ତଥ୍ୟକୁ ବୁଝିବା, ଅନ୍ୟମାନଙ୍କ ସହ ମିଶି କାମ କରିବା ତେବେ ଏସବୁ ଭିତରେ ବଡ଼ କଥାଟି ହେଉଛି ନିଜ ଭିତରେ ନିଜକୁ ହିଁ ସବୁବେଳେ ବଦଳାଇବା ଓ ନୂଆ ନୂଆ କଥା ଶିଖିବାର ଦକ୍ଷତା ରଖିବା। କାରଣ ଭବିଷ୍ୟତରେ ସବୁଠାରୁ ମୂଲ୍ୟବାନ ଦକ୍ଷତାର ମାପକାଠି ଏହା ହିଁ ହେବ। କହିବାକୁଗଲେ ପୁରୁଣା ଦକ୍ଷତାର ଆବଶ୍ୟକତା ଶେଷ ହେବା ପୂର୍ବରୁ କାହିଁକି ନୂଆ ଦକ୍ଷତା ନଶିଖିବା?

ବର୍ତ୍ତମାନ ସମୟର ପିଲାମାନଙ୍କୁ ପଚାରନ୍ତୁ - ବଡ଼ ହୋଇ ତୁମେ କ'ଣ କରିବ? ପ୍ରାୟତଃ ପିଲାମାନଙ୍କ ଉତ୍ତର ଡାକ୍ତର, ଆଇଏଏସ, ଇଞ୍ଜିନିୟର, ସରକାରୀ କର୍ମଚାରୀ, ବ୍ୟାଙ୍କର, ବ୍ୟବସାୟୀ ଏହିପରି ନାନା ବୃତ୍ତି। ଏସବୁ ଭିତରେ ହୁଏତ କେହି କେହି ଭଲ ମଣିଷ ଓ ସମାଜ ସେବୀ ହେବା କ୍ୱଚିତ କହିଥାନ୍ତି। କାରଣ ସେ ବୟସରେ ସେମାନେ ଏ ଦୁଇଟି ଶବ୍ଦର ଅନ୍ତରାର୍ଥ ହିଁ ବୁଝି ନଥାନ୍ତି। ତେବେ ଏଇଠି ଆଉ ଏକ ପ୍ରଶ୍ନ କେଜାଣି କାହିଁକି ମୋତେ ହିଁ ଆନ୍ଦୋଳିତ କରୁଛି - 'ଦୁନିଆ ଯେତେବେଳେ ନିରନ୍ତର ବଦଳୁଛି ସେହି ବଦଳୁଥିବା ଦୁନିଆ ପାଇଁ ଆମେ ନିଜକୁ କିପରି ପ୍ରସ୍ତୁତ କରିବା? କାରଣ ବର୍ତ୍ତମାନର ସମୟରେ ଜଣେ ଯୁବକ ବାଇଶ ବର୍ଷ ବୟସରେ ଯେଉଁ ଚାକିରୀରେ ପ୍ରବେଶ କରିବ ସେହି ଚାକିରୀର ବ୍ୟବସ୍ଥା, ବିଧି ଓ ପରିବର୍ତ୍ତନ ପଇଁତିରିଶ ବର୍ଷ ପହଞ୍ଚିଲା ବେଳକୁ ବଦଳି ଯାଇଥିବ। ଏହାର ଅର୍ଥ ନୁହେଁ ଯେ ଡିଗ୍ରୀର ମୂଲ୍ୟ ଶେଷ ହୋଇଯିବ ବରଂ ଡିଗ୍ରୀ ସହିତ ବ୍ୟବହାରିକ ଦକ୍ଷତା, ସମସ୍ୟା ସମାଧାନର କ୍ଷମତା, ଜାଣିବାର ଆଗ୍ରହ ଓ ନିଯକୁ ବଦଳାଇବାର ମାନସିକତା ଆହୁରି ଜରୁରୀ ହେବ।

ଏଇଠି ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଅନେକ ବଡ଼ ଭୂମିକା ରହିଛି। ପିଲାମାନେ ପରୀକ୍ଷାରେ ଭଲ ନମ୍ବର ପାଇବା ଶିଖିଛନ୍ତି କିନ୍ତୁ ସେମାନେ କଣ ସମସ୍ୟାକୁ ଚିହ୍ନଟ କରିବା, ଠିକ ପ୍ରଶ୍ନ ପଚାରିବା, ନୂଆ ଉପାୟ ଖୋଜିବା ଏବଂ ବିଫଳତାରୁ ଶିଖିବା ମଧ୍ୟ ଶିଖୁଛନ୍ତି? ସମୟ ଆସୁଛି ପ୍ରଶ୍ନଟି ହୁଏତ - 'ମୁଁ କ'ଣ ଜାଣେ' ଠାରୁ 'ମୁଁ କେତେ ଶୀଘ୍ର ନୂଆ କିଛି ଶିଖିପାରିବି' ପର୍ଯ୍ୟନ୍ତ ପହଞ୍ଚିବ। ଆମ ରାଜ୍ୟ ଓଡ଼ିଶା ପାଇଁ ଏହି ଆଲୋଚନାଟି ଅନେକ ଦୃଷ୍ଟିରୁ ମୂଲ୍ୟବାନ, ଗୁରୁତ୍ୱପୂର୍ଣ୍ଣ। ଆମ ପାଖରେ ଏକ ବଡ଼ ଯୁବଜନସଂଖ୍ୟା ଅଛି ଏହା ହିଁ ଆମର ସବୁଠାରୁ ବଡ଼ ଶକ୍ତି। କିନ୍ତୁ କେବଳ ଅଧିକ ସଂଖ୍ୟାରେ ଯୁବକ ରହିଲେ ଯେ ଅର୍ଥନୈତିକ ସୁଯୋଗର ଅଭିବୃଦ୍ଧି ହୋଇଯିବ ତାହା ନୁହାଁ। ଯୁବଶକ୍ତି ପାଖରେ ସଠିକ ସାମର୍ଥ୍ୟପୂର୍ଣ୍ଣ ଦକ୍ଷତା, ଅଧ୍ୟବସାୟ ସୁଯୋଗ ଓ ସଚେତନଧର୍ମୀ, ମାନସିକ ପ୍ରସ୍ତୁତି, କ୍ଷେତ୍ର ନିର୍ଦ୍ଧାରଣ ଓ ଟାର୍ଗେଟ ପ୍ରତି ଦୃଢ଼ ନିଷ୍ଠତା ହିଁ ଯୁବ ଶକ୍ତିର ମୂଳଶକ୍ତି ଏବଂ ଏହା ଦ୍ୱାରା ରାଜ୍ୟର ଆର୍ଥିକ ବିକାଶ, ଯୁବ ଶକ୍ତିମାନେ ଇଞ୍ଜିନ ହୋଇପାରିବେ। ତେଣୁ ରୋଜଗାରକୁ ନେଇ ଆମର ଆଲୋଚନାର ଧାରା ମଧ୍ୟ ବଦଳିବା ଦରକାର। କେତେ ଚାକିରୀ ସୃଷ୍ଟି ହେଲା ଏହା ଜରୁରୀ ନିଶ୍ଚୟ କିନ୍ତୁ ସେହି ଚାକିରୀ ଯୁବ ଶକ୍ତିଙ୍କ କେତେ ଦକ୍ଷତା ବିକଶିତ କରୁଛି ଏହା ସହିତ ଆୟର ସୁଯୋଗ ମଧ୍ୟ କେତେ ବଢ଼ାଉଛି? ତେବେ ଏହା ସହିତ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି 'ଆଜିର ଯୁବଶକ୍ତି ଆଗାମୀ ଦିନରେ ପରିବର୍ତ୍ତନ ପାଇଁ ନିଜକୁ କେତେ ପ୍ରସ୍ତୁତ କଲେଣି?' ସରକାରଙ୍କ ଦାୟିତ୍ୱ କେବଳ ଚାକିରୀ ସୃଷ୍ଟି କରିବା ନୁହଁ ଏହା ସହିତ ଶିକ୍ଷା, ଦକ୍ଷତା, ବିକାଶ, ଉଦ୍ୟୋଗ, ବ୍ୟବସାୟ ଓ ରୋଜଗାରର ଆବଶ୍ୟକତାକୁ ଏକାଠି କରିବା ଆବଶ୍ୟକ। ଏ ସବୁ ଭିତରେ ଶିଳ୍ପ ଜଗତର ମଧ୍ୟ ଦାୟିତ୍ୱ ଅଛି। କେବଳ 'ଦକ୍ଷ ଲୋକଙ୍କ ଅଭାବ' ଅଭିଯୋଗଟି ନରଖି ଦକ୍ଷତା ବିକାଶରେ କିଭଳି ଅଧିକରୁ ଅଧିକ ଯୁବଶକ୍ତିଙ୍କୁ ବିଶେଷକରି ଏସଏସଜି କ୍ଷେତ୍ରକୁ ସାମିଲ କରିବା ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଯୁବପିଢ଼ିଙ୍କ ପାଇଁ ବାର୍ତ୍ତାଟି ଆହୁରି ସରଳ। ଆଜି ଯେଉଁ ଚାକିରୀରେ ଅଛ ଏହା ହୁଏତ ନିରାପଦ ନ ଲାଗି ପାରେ? କିନ୍ତୁ ଆସନ୍ତା କାଲିର ନିରାପତ୍ତା କେବଳ ଆପଣଙ୍କ ପଦବୀର ନୁହାଁ ଆପଣ ଆଜି ନିଜ ଭିତରେ ଯେଉଁ ଦକ୍ଷତା ଓ କ୍ଷମତା ତିଆରି କରୁଛନ୍ତି ଆସନ୍ତା କାଲିର ନିରାପତ୍ତା ସେଥିରେ ରହିଛି। ଚାକିରୀ ରହିଛି ଅର୍ଥ ବଦଳି କିମ୍ବା ନିଲମ୍ବନ ହୋଇପାରେ ତେଣୁ କର୍ମ ସଂସ୍ଥାନ କ୍ଷେତ୍ରରେ ଚାକିରୀର ଭବିଷ୍ୟତକୁ ନେଇ ଭୟ ଏକ ସହଜସାଧ୍ୟ କଥା। କିନ୍ତୁ ଏ ସବୁ ଭିତରେ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା ଅଧିକ ଜରୁରୀ। ଶେଷରେ ପ୍ରଶ୍ନ ଏହା ନୁହେଁ ଯେ ଆଗାମୀ ଦିନରେ ଚାକିରୀ କମିବ କି ବଢ଼ିବ? ପ୍ରଶ୍ନଟି ହେଉଛି 'ଆସନ୍ତା କାଲିର ଚାକିରୀ ବଜାର ପାଇଁ ଆମ ଯୁବପିଢ଼ି ଆଜି ପ୍ରସ୍ତୁତ କି?' ଏହି ପ୍ରଶ୍ନର ଉତ୍ତର ହିଁ ନିର୍ଣ୍ଣୟ କରିବ ଆମର ଯୁବଶକ୍ତି ଆମ ପାଇଁ ବଡ଼ ସୁଯୋଗ ହେବ ନା ଏକ ବଡ଼ ଆହ୍ୱାନ। ବିକଶିତ ଓଡ଼ିଶା ସମୃଦ୍ଧ ଭାରତର ବିକାଶ କ୍ଷେତ୍ରରେ ଏହି ଯୁବଶକ୍ତିଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ, କାରଣ ଦେଶ ଓ ସମୟ ଏହି ମାନଙ୍କୁ ନେଇ ହିଁ ନିଜ ଭବିଷ୍ୟତ ନିର୍ଦ୍ଧାରଣ କରୁଛନ୍ତି ଗୌରବପୂର୍ଣ୍ଣ ଅଭିବୃଦ୍ଧି ସମ୍ପନ୍ନ ଭାରତକୁ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**

# ଦିଲ୍ଲୀ ଘଟଣା ପରେ ଓଡ଼ିଶାରେ କଡ଼ା ସତର୍କତା: ପ୍ରତ୍ୟେକ ଜୀବନ ମୂଲ୍ୟବାନ



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଦିଲ୍ଲୀର ମୋତି ବାଗରେ କୋଠା ଭୁଶୁଡ଼ିବା ଭଳି ଘଟଣା ସମଗ୍ର ଦେଶ ପାଇଁ ଏକ ଗୁରୁତ୍ୱର ସତର୍କ ସଙ୍କେତ। ଏଭଳି ଘଟଣା ପରେ ଓଡ଼ିଶାରେ ମଧ୍ୟ ଭବନ ସୁରକ୍ଷା, ଅଗ୍ନି ସୁରକ୍ଷା, ପୁରୁଣା ଓ ଜରାଜୀର୍ଣ୍ଣ କୋଠା, ନିର୍ମାଣଧୀନ ଅଟ୍ଟାଳିକା, ବିଦ୍ୟୁତ ବ୍ୟବସ୍ଥା ଏବଂ ଆପତକାଳୀନ ଉଦ୍ଧାର ବ୍ୟବସ୍ଥା ଉପରେ କଡା ନଜରଦାରି ଆବଶ୍ୟକ ହୋଇପଡ଼ିଛି। ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ସହରରେ ଦ୍ରୁତ ନଗରୀକରଣ ସହ ନୂଆ ଘର, ଆପାର୍ଟମେଣ୍ଟ, ବାଣିଜ୍ୟିକ କୋଠା, ହସ୍ପିଟାଲ, ହୋଟେଲ, ମଲ୍, ଗୋଦାମ ଓ ଅନ୍ୟାନ୍ୟ ବଡ ନିର୍ମାଣ ବଢୁଥିବା ବେଳେ ନିର୍ମାଣର ଗତି ସହ ସୁରକ୍ଷା ମାନଦଣ୍ଡ ମଧ୍ୟ ସମାନ ଭାବେ କଡା ହେବା ଦରକାର। ପୁରୁଣା ଓ ଜରାଜୀର୍ଣ୍ଣ କୋଠାଗୁଡ଼ିକର ନିୟମିତ ଗଠନାତ୍ମକ ଯାଞ୍ଚ କରାଯାଇ ଫାଟ, ଦୁର୍ବଳ ସ୍ତମ୍ଭ, ଖସୁଥିବା ପ୍ଲାଷ୍ଟର, ଦୁର୍ବଳ ଛାତ କିମ୍ବା ଅନ୍ୟ କୌଣସି ଗୁରୁତର ତ୍ରୁଟି ଥିଲେ ତୁରନ୍ତ ସୁଧାରମୂଳକ ପଦକ୍ଷେପ ନିଆଯିବା। ଆବଶ୍ୟକ। ଯେଉଁ କୋଠା ମରାମତି ଯୋଗ୍ୟ, ସେଗୁଡ଼ିକର ଆବଶ୍ୟକ ମରାମତି କରାଯାଉ ଏବଂ ଯେଉଁ କୋଠା ମରାମତି ଯୋଗ୍ୟ, ସେଗୁଡ଼ିକର ଆବଶ୍ୟକ ମରାମତି କରାଯାଉ ଏବଂ ଯେଉଁ କୋଠା ଅତ୍ୟନ୍ତ ବିପଦପୂର୍ଣ୍ଣ, ସେଠାରେ ଲୋକଙ୍କ ଜୀବନକୁ ପ୍ରାଥମିକତା ଦେଇ ଉଚିତ ପଦକ୍ଷେପ ନିଆଯାଉ। ସେହିପରି ନିର୍ମାଣଧୀନ କୋଠାଗୁଡ଼ିକରେ ମଧ୍ୟ ସୁରକ୍ଷା ନିୟମର କଡା ପାଳନ ହେବା ଦରକାର। ଉଚ୍ଚତାରେ କାମ କରୁଥିବା ଶ୍ରମିକଙ୍କୁ ହେଲମେଟ୍, ସେଫ୍ଟି ବେଲ୍ଟ, ସୁରକ୍ଷା ଜାଲ, ହାତମୋଜା ଓ ଆବଶ୍ୟକ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯିବା ସହ ସ୍କାଫୋଲ୍ଡିଂ, ଲିଫ୍ଟିଂ ଯନ୍ତ୍ରପାତି ଓ ଅସ୍ଥାୟୀ ଢାଞ୍ଚାର ନିୟମିତ ଯାଞ୍ଚ କରାଯିବା ଦରକାର। କାମ ଶୀଘ୍ର ଶେଷ କରିବା କିମ୍ବା ଖର୍ଚ୍ଚ କମାଇବା ପାଇଁ ସୁରକ୍ଷାକୁ କେବେ ବି ଅଣଦେଖା କରାଯିବା ଉଚିତ ନୁହେଁ। ଭବନ ସୁରକ୍ଷା ସହ ଅଗ୍ନି ସୁରକ୍ଷା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ହସ୍ପିଟାଲ, ହୋଟେଲ, ସପିଂ ମଲ, ବଜାର, ଗୋଦାମ, କାରଖାନା, ଶିକ୍ଷାନୁଷ୍ଠାନ ଓ ଉଚ୍ଚ ଅଟ୍ଟାଳିକାରେ ଫାୟାର ଆଲାର୍ମ, ଅଗ୍ନିନିର୍ବାପକ ଯନ୍ତ୍ର, ହାଇଡ୍ରାଂଟ ଧୂଆଁ ଚିହ୍ନଟ ବ୍ୟବସ୍ଥା, ଜରୁରୀକାଳୀନ ଆଲୋକ ଓ ସୁରକ୍ଷିତ ନିର୍ଗମ ପଥ କାର୍ଯ୍ୟକ୍ଷମ ଅଛି କି ନାହିଁ, ତାହା ନିୟମିତ ଯାଞ୍ଚ କରାଯିବା ଦରକାର। କେବଳ କାଗଜପତ୍ରରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଥିବା ଦର୍ଶାଇଲେ ହେବ ନାହିଁ, ଆବଶ୍ୟକ ସମୟରେ ସେଗୁଡିକ ପ୍ରକୃତରେ କାମ କରୁଛି କି ନାହିଁ, ତାହାର ଯାଞ୍ଚ ଅତ୍ୟନ୍ତ ଜରୁରୀ। ଅନେକ ସ୍ଥାନରେ ଜରୁରୀକାଳୀନ ଦ୍ୱାର ବନ୍ଦ ରହିବା, ନିର୍ଗମ ପଥରେ ସାମଗ୍ରୀ ରଖାଯିବା କିମ୍ବା ଅଗ୍ନିନିର୍ବାପକ ଯନ୍ତ୍ରର ରକ୍ଷଣାବେକ୍ଷଣ ନହେବା ଭଳି ଅବହେଳା ଦେଖାଯାଏ, ଯାହା ଆପତ୍କାଳୀନ ସମୟରେ ବଡ ବିପଦର କାରଣ ହୋଇପାରେ। ତେଣୁ ଏପରି ଅବହେଳା ବିରୋଧରେ ପ୍ରଶାସନକୁ କଡା ପଦକ୍ଷେପ ନେବା ଦରକାର। ବିଦ୍ୟୁତ୍ ସୁରକ୍ଷା ମଧ୍ୟ ଅଗ୍ନିକାଣ୍ଡ ରୋକିବାର ଏକ ମୁଖ୍ୟ ଅଂଶ। ପୁରୁଣା ତାର, ଅତ୍ୟଧିକ ବିଦ୍ୟୁତ ଲୋଡ୍, ଅସୁରକ୍ଷିତ ତାର ଯୋଡା ଓ ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗ ଅଗ୍ନିକାଣ୍ଡର ଆଶଙ୍କା ବଢ଼ାଇପାରେ। ତେଣୁ ପୁରୁଣା ବଜାର, ଗୋଦାମ, କାରଖାନା, ବ୍ୟବସାୟିକ ପ୍ରତିଷ୍ଠାନ ଓ ଭିଡଭାଡ ଅଞ୍ଚଳରେ ନିୟମିତ ବିଦ୍ୟୁତ୍ ସୁରକ୍ଷା ଅଡିଟ୍ କରାଯିବା ଆବଶ୍ୟକ। ବଡ ହସ୍ପିଟାଲ, ସ୍କୁଲ, କଲେଜ, ମଲ୍, ସିନେମା ହଲ୍, ହୋଟେଲ ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ନିୟମିତ ଅଗ୍ନି ସୁରକ୍ଷା ଅଭ୍ୟାସ କିମ୍ବା ମକ୍ ଡ୍ରିଲ୍ କରାଯିବା ଦରକାର, ଯାହା ଫଳରେ ଆପତ୍କାଳୀନ ସମୟରେ ଲୋକମାନେ ଭୟଭୀତ ନହୋଇ ସୁରକ୍ଷିତ ଭାବେ ବାହାରିପାରିବେ। ଏହା ସହିତ ଅଗ୍ନିଶମ ବାହିନୀ, ପୁଲିସ, ଆମ୍ବୁଲାନ୍ସ, ଓଡ୍ରାଫ୍ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଜରୁରୀକାଳୀନ ସମନ୍ୱୟକୁ ଆହୁରି ସୁଦୃଢ଼ କରାଯିବା ଦରକାର। କୌଣସି ଭବନରେ ଅଗ୍ନିକାଣ୍ଡ, ଗଠନାତ୍ମକ ଦୁର୍ଘଟଣା କିମ୍ବା କୋଠା ଭୁଶୁଡ଼ିବା ଘଟଣା ଘଟିଲେ ପ୍ରଥମ କିଛି ମିନିଟ୍ ଅତ୍ୟନ୍ତ ମୂଲ୍ୟବାନ ହୋଇଥାଏ। ତେଣୁ ଦ୍ରୁତ ସୂଚନା, ଶୀଘ୍ର ଉଦ୍ଧାର ଓ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଅନେକ ଜୀବନ ବଞ୍ଚାଇପାରେ। ଏହି ସମଗ୍ର ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ସଚେତନତା ମଧ୍ୟ ଅତ୍ୟନ୍ତ ଜରୁରୀ। କୌଣସି ଭବନରେ ବଡ ଫାଟ, ଦୁର୍ବଳ ସ୍ତମ୍ଭ, ଖସୁଥିବା ଛାତ, ଅସୁରକ୍ଷିତ ବିଦ୍ୟୁତ୍ ତାର, ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଅଭାବ କିମ୍ବା ଅବରୋଧିତ ନିର୍ଗମ ପଥ ଦେଖାଗଲେ ତାହାକୁ ଅଣଦେଖା ନକରି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଦରକାର। ଗୋଟିଏ ଛୋଟ ସତର୍କତା ମଧ୍ୟ ଗୋଟିଏ ବଡ ଦୁର୍ଘଟଣାକୁ ରୋକିପାରେ। ଦିଲ୍ଲୀର ମୋତି ବାଗ ଘଟଣା ଆମକୁ ଶିଖାଏ ଯେ ବିପଦ ଘଟିବା ପରେ ଉଦ୍ଧାର କାର୍ଯ୍ୟ କରିବାଠାରୁ ବିପଦକୁ ଆଗରୁ ଚିହ୍ନଟ କରି ରୋକିବା ଅଧିକ ଜରୁରୀ। ଓଡ଼ିଶାରେ ପୁରୁଣା ଓ ଜରାଜୀର୍ଣ୍ଣ କୋଠା, ନିର୍ମାଣଧୀନ ଅଟ୍ଟାଳିକା, ଅଗ୍ନି ସୁରକ୍ଷା, ବିଦ୍ୟୁତ୍ ବ୍ୟବସ୍ଥା, ବଜାର, ହସ୍ପିଟାଲ, ହୋଟେଲ, ଗୋଦାମ ଓ ଶିଳ୍ପ ପ୍ରତିଷ୍ଠାନ ଉପରେ ନିୟମିତ ଓ କଡା ନଜରଦାରି ଏବେ ସମୟର ଆବଶ୍ୟକତା। ବିକାଶ ନିଶ୍ଚିତ ଭାବେ ଦରକାର, କିନ୍ତୁ ସୁରକ୍ଷିତ ବିକାଶ ତାଠାରୁ ଅଧିକ ଜରୁରୀ। କୋଠା ପୁଣି ତିଆରି ହୋଇପାରେ, ସମ୍ପତି ପୁଣି ଅର୍ଜନ କରାଯାଇପାରେ, କିନ୍ତୁ ହରାଇଥିବା ଜୀବନ କେବେ ଫେରିଆସେ ନାହିଁ। ତେଣୁ ପ୍ରଶାସନ ସଚେତନ ହେଉ, ନିର୍ମାଣକାରୀ ଦାୟିତ୍ୱବାନ ହୁଅନ୍ତୁ, ପ୍ରତ୍ୟେକ ପ୍ରତିଷ୍ଠାନ ଅଗ୍ନି ଓ ଭବନ ସୁରକ୍ଷା ନିୟମକୁ କଡାକଡିରେ ପାଳନ କରୁ ଏବଂ ଜନସାଧାରଣ ମଧ୍ୟ ସତର୍କ ରୁହନ୍ତୁ- କାରଣ ପ୍ରତ୍ୟେକ ଜୀବନ ମୂଲ୍ୟବାନ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ୍: ୯୪୩୭୯୯୪୩୭୯**



# ଜୀବଜନ୍ତୁଙ୍କଠାରୁ ବଡ଼ ବୋଝ ପ୍ଲାଷ୍ଟିକ ଓଜନ



**ସତ୍ୟ ମହାପାତ୍ର**

ବର୍ତ୍ତମାନ ନେପାଳର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଓଡ଼ିଶାରେ ବିଭିନ୍ନ ବନ୍ୟା ତଥା ଭୂସ୍ଖଳନ କହିବାକୁଗଲେ ଏକ ପ୍ରକାର ପରିବେଶଗତ କ୍ଷେତ୍ରକୁ ଯେତିକ ଚିନ୍ତିତ କରିନାହିଁ ସେତିକ ଉଦବେଗ ଯୋଡ଼ିଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମ ମାନଙ୍କ ଦ୍ୱାରା ଉତ୍ପାଦିତ ପ୍ଲାଷ୍ଟିକର ପରିମାଣ ଏତେ ବଢ଼ିଗଲାଣି ଯେ ଦୁନିଆରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ମିଶାଇ ଓଜନ କଲେ ଯେତିକି ହେବ ପ୍ଲାଷ୍ଟିକର ଓଜନ ତା ଠାରୁ ଅଧିକ। କିଛି ଦିନ ତଳେ ନର୍ଥଇଷ୍ଟର୍ଣ୍ଣ ୟୁନିଭରସିଟିର ବରିଷ୍ଠ ଗବେଷକ ବୈଜ୍ଞାନିକ ଡକ୍ଟର ଅବିନାଶ ମଞ୍ଜୁଳା ବସବନ୍ନା ସେ କହିଛନ୍ତି ଯେ 'ଏଯାବତ ମନୁଷ୍ୟ ପ୍ରାୟ ୧୦୦ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦନ କରିଛି। ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ମିଶାଇଲେ ସେମାନଙ୍କ ଓଜନ ୪୦୦ରୁ ୫୦୦ କୋଟି ଟନ ହେବ।' ଏଥିରୁ ଜଣାପଡୁଛି ଯେ ପ୍ରାୟ ୧୦୦ ବର୍ଷ ହେବ ଉତ୍ପତ୍ତି ହୋଇଥିବା ପ୍ଲାଷ୍ଟିକ ଏବେ ସମଗ୍ର ବିଶ୍ୱରେ ଥିବା ପ୍ରାଣୀ ସମଷ୍ଟିକୁ ଅତିକ୍ରମ କରିଗଲାଣି। ଆଧୁନିକ କଳକାରଖାନା କାର୍ଯ୍ୟକଳାପ ଯୋଗୁଁ ସମ୍ପ୍ରତି ଏଭଳି ଅସ୍ୱାଭାବିକ ପରିବେଶଗତ କୁପ୍ରଭାବ ଉପସ୍ଥିତ ହୋଇଛି। କେବଳ କଳକାରଖାନାର ବର୍ଜ୍ୟ ସାମଗ୍ରୀ ଓ କଳକାରଖାନା ପାଇଁ ଖରାପ ରାସ୍ତା ପାଇଁ ଯେଉଁପରି ଧୂଳି ଧୂଆଁ ପରିବେଶକୁ ବିଷାକ୍ତ କରୁନାହିଁ ଅନେକ ଦୁର୍ଘଟଣା କରି ଧନଜୀବନର କାରଣ ହେଉଛି।

ପୃଥିବୀର ବିଖ୍ୟାତ ଇନସାଟ ପତ୍ରିକାର ତଥ୍ୟ ଅନୁଯାୟୀ 'ଯେ ମନୁଷ୍ୟକୃତ ପଦାର୍ଥ ସବୁ ସକଳ ପ୍ରାକୃତିକ ଜୀବସତ୍ତା ଓଜନ ସହିତ ଦ୍ରୁତ ବେଗରେ ସମକକ୍ଷ ହେଉଛି ଅଥବା ତାହାକୁ ଅତିକ୍ରମ କରିଯାଉଛି।' ଏଠାରେ ସୂଚୀତ କରୁଛୁ କି ଯେ ସମଗ୍ର ବିଶ୍ୱରେ ଥିବା ବୃକ୍ଷ, ଗୁଳ୍ମ ଓ ବନସ୍ପତିର ହାରାହାରି ଓଜନ ୯୦୦ ଗିଗାଟନ। କିନ୍ତୁ ଆମେମାନେ ତିଆରି କରିଥିବା କୋଠାବାଡ଼ି, ବାଟଘାଟ ଓ କଳକାରଖାନାଗୁଡ଼ିକର ଓଜନ ଏକ ଟେଟ୍ରାଟନ ହୋଇଗଲାଣି। ଟିକିଏ ବୁଝାଇ ଦେଉଛୁ ଯେ ଏହି ଟେଟ୍ରାଟନ କ'ଣ? ଗୋଟିଏ ଟ୍ରିଲିୟନ ଟନ ସହିତ ସମାନ। ନେପାଳରେ ଅଭାବନୀୟ ହିମଖଣ୍ଡ କାରଣ ପାଇଁ ଯେଉଁ ଭୟାନକ ଧନଜୀବନ ହାନି ହେଲା ଭାରତରେ ପ୍ରବାହିତ ନଦୀମାନଙ୍କରେ ଦେଖାଦେଇଛି ଅନେକ ପ୍ଲାଷ୍ଟିକର ଅଂଶବିଶେଷ। ଏହି ପ୍ଲାଷ୍ଟିକ ଅଂଶବିଶେଷ ଅନେକ ସମୟରେ କେବଳ ପାଣିକୁ ବିଷାକ୍ତ ବା ସଂକ୍ରମଣ କରିନଥାଏ ବରଂ ଏହା ଜଳ ଅବରୋଧ କରିଥାଏ। କୃତ୍ରିମ ପଦାର୍ଥ ଓ ମାନବୀ ନିର୍ମାଣ କିଭଳି ପୃଥିବୀ ଗଠନର ଆଙ୍ଗିକ ଉପାଦନ ସବୁର ପୁନର୍ବିନ୍ୟାସ କରୁଛି ଏଗୁଡ଼ିକର ସମଷ୍ଟି ତାହା ଦର୍ଶାଇଉଛି। ଚିନ୍ତା ଉଦ୍ରେକକାରୀ କଥାଟି ହେଉଛି ଏସବୁ ପ୍ଲାଷ୍ଟିକ ଓ କୃତ୍ରିମ ସାମଗ୍ରୀଗୁଡ଼ିକରୁ ଅଧିକାଂଶ ପୁନଃପ୍ରକ୍ରିୟାଶୀଳ ନୁହେଁ ଅଥବା ସେଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରାଯାଇ ପାରିବ ନାହିଁ। ତେଣୁ ସେଗୁଡ଼ିକୁ ମାଟିରେ ପୋତାଯାଉଛି ଅଥବା ସମୁଦ୍ରରେ ଫିଙ୍ଗାଯାଉଛି। କିଛିଦିନ ତଳେ ମୁମ୍ବାଇର ଭାରତ ପ୍ରସିଦ୍ଧ ଜୁ ବିଚ୍‌ରେ ଗଦା ହୋଇଥିବା କୁଢ଼ କୁଢ଼ ଆବର୍ଜନା ସୋସିଆଲ ମିଡ଼ିଆରେ ଦେଖିଥିଲି। ଏହା ସହିତ ଯୁଦ୍ଧ ସମୟରେ ଯେଉଁ ତେଲ ସବୁ ସମୁଦ୍ର ବକ୍ଷରେ ନିଷ୍କାସିତ ହେଉଛି



ବା ଧ୍ୱଂସ ପାଇ ବୁଡ଼ିଯାଇ ଏହା ସମୁଦ୍ରର କିଲୋମିଟର କିଲୋମିଟର ବ୍ୟାପୀ ଜଳରାଶିକୁ ବିଷାକ୍ତ କରୁଛି। ସର୍ବପ୍ରଥମେ ଜଳ ଜୀବ ମାନଙ୍କର ଅକାଳ ମୃତ୍ୟୁ ହୋଇ ଯାଉଛି ଏହା ସହିତ ପରିବେଶ ପ୍ରଦୂଷଣ, ଜୈବ ବିବିଧତା ନଷ୍ଟ ଓ ଜଳବାୟୁ ସମ୍ବନ୍ଧୀୟ ବିପଦ ବୃଦ୍ଧି ପାଉଛି।

ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଆମେମାନେ ସବୁ ଏହି କୃତ୍ରିମ ସାମଗ୍ରୀପୂର୍ଣ୍ଣ ଉପଯୋଗ ବି କରୁନାହୁଁ ଯାହାର ଅର୍ଥ ଆମେ ଏ ସବୁକୁ କିଛି କ୍ଷଣ ବ୍ୟବହାର ପାଇଁ କିଣି ଆବର୍ଜନା ଭାବେ ଫିଙ୍ଗି ଦେଉଛୁ। ତେଣୁ ପରିବେଶ ଅଧିକ ଭାରାକ୍ରାନ୍ତ ହେଉଛି। ବୈଜ୍ଞାନିକମାନେ ସାବଧାନ କରାଇ ଦେଇଛନ୍ତି ଯେ ଏତାଦୃଶ ବ୍ୟବହାର ଧାରା ବର୍ଜ୍ୟ ପରିଚାଳନାକୁ ମଧ୍ୟ ବଳିଯିବ। ତା ଛଡ଼ା କୃତ୍ରିମ ସାମଗ୍ରୀ ଉତ୍ପାଦନ ଜୀବାଶ୍ମ ଇନ୍ଧନ ଉପରେ ବିଶେଷ ନିର୍ଭରଶୀଳ। ସେଥିଯୋଗୁଁ ସବୁଜଗୃହ ବାଷ୍ପ ନିର୍ଗତ ହୋଇ ବିଶ୍ୱ ତାପନ କ୍ରିୟା ଦ୍ରୁତତର କରୁଛି। ନିତିଦିନିଆ ଜୀବନରେ ଅନେକ ଲୋକଙ୍କର ପ୍ଲାଷ୍ଟିକ ମୁଣାକୁ ଏଣେ ତେଣେ ବିଶେଷକରି ନାଳରେ ଫୋପାଡି ଦେବାର ଅଭ୍ୟାସ ରହିଛି। ଯାହାର କାରଣ ପାଇଁ ଜଳ ନିଷ୍କାସନ ସମସ୍ୟା ହୋଇଥାଏ ଓ ପରିବେଶ ମଧ୍ୟ କେବଳ ବିଷାକ୍ତ ହୋଇନଥାଏ ଏହା ମୁଖ୍ୟ ନାଳ ମିଶିବା ସ୍ଥଳୀରେ ଜଳରାଶିକୁ ଆବଦ୍ଧ କରି ଏକ ପ୍ଲାଷ୍ଟିକର ଛୋଟିଆ ପାହାଡ଼ ସୃଷ୍ଟି କରିଥାଏ।

ଖଣ୍ଡିଆ ଛୋଟିଆ ପ୍ଲାଷ୍ଟିକ ମୁଣା ମାଟିରେ ମିଶିବା ପାଇଁ କେତେ ସମୟ ନେଇଥାଏ ଏହା ଆମେ ଭଲ ଭାବେ ଜାଣିଛୁ। ଏସବୁ ସତ୍ତ୍ୱେ ଏଣେତେଣେ ପ୍ଲାଷ୍ଟିକ ମୁଣା, ସାମଗ୍ରୀ ଓ ପାଣି ବୋତଲ ଫୋପାଡ଼ିବାର ଅଭ୍ୟାସ ଭଲ ଭାବେ ଯାଇନାହିଁ। ବେଳେ ବେଳେ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ଲାଷ୍ଟିକ ବର୍ଜ୍ୟ ସାମଗ୍ରୀକୁ ପ୍ରଦାନ କରି ବିନିମୟରେ ପୁରସ୍କାର ବ୍ୟବସ୍ଥା ବେଶ ଲୋକପ୍ରିୟ ହୋଇଥିଲା କିନ୍ତୁ ଏହା ନିୟମିତ ହେବା ଦରକାର। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଏଣେ ପୁନଶ୍ଚ ପ୍ଲାଷ୍ଟିକ ପ୍ରଦୂଷଣ ସାମୁଦ୍ରିକ ପରିସଂସ୍ଥାନ, ମୃତ୍ତିକା ଓ ମାଇକ୍ରୋପ୍ଲାଷ୍ଟିକ ରୂପେ ମନୁଷ୍ୟ ଖାଦ୍ୟ ଶୃଙ୍ଖଳାରେ ବି ଅନୁପ୍ରବେଶ କରିସାରିଛି। ଜଳବାୟୁ ସଙ୍କଟ ସମାଧାନ ନିମିତ୍ତ ବୈଷୟିକ ଉଦ୍ଭାବନ ଓ ପାରିବେଶିକ କୁପ୍ରଭାବରହିତ ସାମଗ୍ରୀ ଗବେଷଣ ପ୍ରୟୋଜନ ସତ୍ୟ, କିନ୍ତୁ ଆମ ମାନଙ୍କର ନିଷ୍ଠାପରତା, ପ୍ରତିବଦ୍ଧତା ଉପରେ ବି ଏ ସଙ୍କଟ ସମାଧାନ ବହୁ ମାତ୍ରାରେ ନିହିତ ରହିଛି। ଯାହାର ଅର୍ଥ ଆମେ ଦାୟିତ୍ୱଶୀଳ ହୋଇ କେବଳ କୃତ୍ରିମ ପଦାର୍ଥର ଉପଯୁକ୍ତ ଓ ସୀମିତ ଉତ୍ପାଦନ ସହିତ ଏହାର ବ୍ୟବହାର ପାଇଁ ଦୃଷ୍ଟି ଦେବା। ଏ କ୍ଷେତ୍ରରେ ବିଶେଷଜ୍ଞମାନେ ବି ଚେତାଇ ଦେଉଛନ୍ତି ଯେ କୃତ୍ରିମ ପଦାର୍ଥ ବ୍ୟବହାରରେ ଆଖିଦୃଶିଆ ପରିବର୍ତ୍ତନ, ବର୍ଜ୍ୟ ସାମଗ୍ରୀ ପୁନଃବ୍ୟବହାରକ୍ଷମ ଭିତ୍ତିଭୂମି ଓ ସରକାରୀ ନିୟମ ପ୍ରବର୍ତ୍ତନ ବିନା ଏ ଜନିତ ପାରିବେଶିକ ସମସ୍ୟା ସେମିତି ବୃଦ୍ଧି ପାଉଥିବ। ଏଥିଯୋଗୁଁ ପରିସଂସ୍ଥାନ ଓ ଜଳବାୟୁ ଧାରା ବି ଅତିରିକ୍ତ ଭାରାକ୍ରାନ୍ତ ହେଉଥିବ। ମଣିଷ ଥିଲେ ପ୍ରକୃତି ରହିଛି ଆଉ ପ୍ରକୃତିକୁ ଭଲ ପାଇଲେ ଏହା ବିପର୍ଯ୍ୟୟର କାରଣ ନୁହଁ ଜୀବନର ଆନନ୍ଦମୟ କ୍ଷେତ୍ର ହୋଇପାରିବ ଏ ସବୁଥିରେ ନିଜ ଜୀବନଚର୍ଯ୍ୟା, ଆଦର୍ଶ ଓ ପ୍ରକୃତିକୁ ଭଲ ପାଇବା ସହିତ ସବୁଜ ପରିବେଶକୁ ନିଷ୍ଠାପରତା ରଖିବା ଓ ଜଳବାୟୁ ସହିତ ନିଜ ଆଖପାଖର କ୍ଷେତ୍ରକୁ ପରିଷ୍କାର ପରିଚ୍ଛନ୍ନ କରିବା ହିଁ ବଡ଼ ଦାୟିତ୍ୱ ନିଷ୍ଠତା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋବାଇଲ୍: ୯୬୫୮୧୦୫୫୩୨**

## ପୂର୍ବ ସରକାରରେ ଫାଇଲ ଅଟକୁଥିଲା

# ଦିଲ୍ଲୀ ଆସି ମୁଁ ସେସବୁକୁ ତ୍ୱରାନ୍ୱିତ କଲି

### 'ନମୋ ଫର୍ ବିକଶିତ ଭାରତ'ରେ ପ୍ରଧାନମନ୍ତ୍ରୀ



ଭଦୋଦରା,୮।୯ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ବଦୋଦରାରେ ଗୁଜରାଟ ଓ ମଧ୍ୟପ୍ରଦେଶ ସହିତ ଜଡିତ ୩୫,୨୦୦ କୋଟିର ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପର ଉଦଘାଟନ ତଥା ଶିଳାନ୍ୟାସ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ମୁଁ ଏକ ବିକଶିତ ଭାରତ ଆଡକୁ ଯାତ୍ରାକୁ ତ୍ୱରାନ୍ୱିତ କରିବାକୁ ଆସିଛି। ଏହି ବିକାଶ ଉତ୍ସବରେ ଆପଣମାନେ ସମସ୍ତେ ଯେଉଁ ସେବା ମନୋଭାବ ସହିତ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛନ୍ତି ତାହା ମୋ ହୃଦୟକୁ ଗର୍ବରେ ଭରି ଦେଇଛି। ସ୍ୱଚ୍ଛତାର ପ୍ରତ୍ୟେକ ପରିବାର ଉପରେ ଗଭୀର ପ୍ରଭାବ ପଡ଼ିଛି। ଲାଲକିଲ୍ଲାରୁ ମୁଁ ସଂକଳ୍ପର ସାତ ଧାରା ଆହ୍ୱାନ କରିଛି, ଯେଉଁଥିରେ ଗତିର ଶକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଗତ ବାରବର୍ଷ ମଧ୍ୟରେ ଦେଶର କାର୍ଯ୍ୟ ସଂସ୍କୃତି କିପରି ପରିବର୍ତ୍ତନ ହୋଇଛି। ଏହି ସମର୍ପିତ ମାଲ ପରିବହନ କରିଡରର ଧାରଣା ୨୦୦୪ ମସିହାରେ ଆରମ୍ଭ ହୋଇଥିଲା। ୨୦୦୬ମସିହାରେ କାର୍ଯ୍ୟ କରିବା ପାଇଁ ଏକ ସ୍ୱତନ୍ତ୍ର କମ୍ପାନି ଗଠନ କରାଯାଇଥିଲା। ତା'ପରେ ୨୦୧୪ ପର୍ଯ୍ୟନ୍ତ ଫାଇଲଗୁଡ଼ିକ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୁଞ୍ଚି ଚାଲିଥିଲା। ଲଟକି ରହିଥିଲା, ପଡ଼ି ରହିଥିଲା ଓ ଅଟକି ରହିଥିଲା। ୨୦୧୪ରେ ମୁଁ ଗୁଜରାଟରୁ ଦିଲ୍ଲୀ ଗଲି। ସେଠାରେ ପହଞ୍ଚିବା ମାତ୍ରେ, ମୁଁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ କାମ କରିବା ଆରମ୍ଭ କରିଦେଲି। ଆଜି ଚିପ୍ସଠାରୁ ଜାହାଜ ପର୍ଯ୍ୟନ୍ତ ସବୁକିଛି ଦେଶରେ ତିଆରି ହେଉଛି। ଆଜି ୨୮୦୦ କିଲୋମିଟରରୁ ଅଧିକ ଲମ୍ବ ସମର୍ପିତ ମାଲ ପରିବହନ କରିଡର ପ୍ରକଳ୍ପ ସମାପ୍ତ ହୋଇଛି। ଏହା ୨୧ ଶତାବ୍ଦୀର ଭାରତ ପାଇଁ ଏକ ଅତ୍ୟନ୍ତ ଐତିହାସିକ କାର୍ଯ୍ୟ। ଏହି ସମର୍ପିତ ମାଲ ପରିବହନ କରିଡର ଗତ ୧୨ ବର୍ଷ ମଧ୍ୟରେ ଦେଶର କାର୍ଯ୍ୟ ସଂସ୍କୃତି କିପରି ପରିବର୍ତ୍ତନ ହୋଇଛି ତାହାର ସାକ୍ଷୀ। ୨୦୧୪ ମସିହାରୁ ଭାରତ ୫୦ ହଜାର ଆଧୁନିକ ରେଳ କୋଚ୍ ନିର୍ମାଣ କରିଛି।

ପ୍ରଧାନମନ୍ତ୍ରୀ ଜେନ-ଜି'ଙ୍କ ସହ ଭାବ ବିନିମୟ କରିଥିଲେ। ମହାରାଜା ସୟାଜିରାଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଖୁବ୍ ନିଆରା ଥିଲା। ପ୍ରଧାନମନ୍ତ୍ରୀଙ୍କ ମଞ୍ଚ ପାଖରେ ଏକ 'ୱାଇ' ଆକାରର ରାମ୍ପ ନିର୍ମାଣ କରାଯାଇଥିଲା, ଯାହାକୁ ଯୁବପିଢ଼ି ଘେରି ରହିଥିଲେ। ପିଏମ୍ ମୋଦି କହିଛନ୍ତି, ମିଛର ଗୁଞ୍ଜନରେ ଭ୍ରମିତ କରୁଥିବା ଲୋକ ପ୍ରତ୍ୟେକ ଛକରେ ମିଳିଯିବେ, କିନ୍ତୁ ଭାରତର ଯୁବପିଢ଼ି ସତ୍ୟର ହୁଙ୍କାର ସହ ଆଗକୁ ବଢ଼େ। ଯୁବପିଢ଼ି ସତ୍ୟକୁ ଆଧାର କରି ଦେଶର ବିକାଶ ଯାତ୍ରାରେ ଆଗକୁ ବଢୁଛନ୍ତି। ଦେଶର ଯୁବବର୍ଗ ଆଜି ସରକାର ବିଭିନ୍ନ କ୍ଷେତ୍ରରେ କିପରି କାମ କରୁଛି ତାହା ଦେଖୁଛନ୍ତି। ବିଶେଷକରି ସୌର ଶକ୍ତି, ପବନ ଶକ୍ତି, ଜଳବିଦ୍ୟୁତ ଓ ପରମାଣୁ ଶକ୍ତିଭଳି ସମସ୍ତ ପ୍ରମୁଖ ଶକ୍ତି କ୍ଷେତ୍ର ଉପରେ ସରକାର କେତେ ଗୁରୁତ୍ୱ ଦେଇ କାମ କରୁଛନ୍ତି ତାହା ବି ସେମାନେ ଦେଖୁଛନ୍ତି।

## ରାହୁଲ ଗାନ୍ଧିଙ୍କୁ ଝଟ୍‌କା

# ସମନ୍ ଖାରଜ କରିବାକୁ ମନାକଲେ ହାଇକୋର୍ଟ



ମୁମ୍ବାଇ,୮।୯ଃ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବମ୍ବେ ହାଇକୋର୍ଟରୁ ଏକ ବଡ଼ ଝଟକା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମନ୍ତବ୍ୟ ପାଇଁ ଏକ ମାନହାନି ମାମଲାରେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ଦ୍ୱାରା ଜାରି ସମନକୁ ହାଇକୋର୍ଟ ଖାରଜ କରିବାକୁ ମନା କରିଦେଇଛନ୍ତି। ଅଭିଯୋଗକାରୀ ବିଜେପି କର୍ମୀ ମହେଶ ଶ୍ରୀଶ୍ରୀମଲ୍ ଅଭିଯୋଗ କରିଛନ୍ତି ଯେ, ରାହୁଲ ଗାନ୍ଧୀ ସେପ୍ଟେମ୍ବର ୨୦୧୮ରେ ରାଜସ୍ଥାନରେ ଏକ ରାଲିରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ମାନହାନିଜନକ ବକ୍ତବ୍ୟ ଦେଇଥିଲେ। ସେ ପ୍ରଧାନମନ୍ତ୍ରୀଙ୍କୁ ଚୋରଙ୍କ ସର୍ଦ୍ଦାର ବୋଲି କହିଥିଲେ। ଶ୍ରୀଶ୍ରୀମଲ୍ ଗିରଗାଓଁ ମାଜିଷ୍ଟ୍ରେଟ୍ କୋର୍ଟରେ ରାହୁଲଙ୍କ ବିରୋଧରେ ମାନହାନି ମାମଲା ଦାୟର କରିଥିଲେ। ଏହା ପରେ, ମାଜିଷ୍ଟ୍ରେଟ୍ କୋର୍ଟ ଅଗଷ୍ଟ ୨୦୧୯ରେ ରାହୁଲ ଗାନ୍ଧୀଙ୍କୁ ହାଜର ହେବାକୁ ସମନ କରିଥିଲେ। ଜୁଲାଇ ୨୦୨୧ରେ ସମନ ପାଇବା ପରେ ରାହୁଲ ଗାନ୍ଧୀ ଏହି ନିର୍ଦ୍ଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ରାହୁଲ ଗାନ୍ଧୀ ହାଇକୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ବିଜେପି କର୍ମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଆଇନଗତ ଭାବରେ ଅବୈଧ। ସେ ଯୁକ୍ତି ଦର୍ଶାଇଥିଲେ ଯେ ଅଭିଯୋଗରେ ଦଳର ନାମ ନିଆଯାଇନାହିଁ ଏବଂ କୌଣସି ଚିହ୍ନିତ କିମ୍ବା ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ କରାଯାଇନାହିଁ। ତେଣୁ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ସ୍ପଷ୍ଟ ଭାବରେ ମାନସିକ ଭାବେ ଆଘାତ ହୋଇନାହାନ୍ତି। ବମ୍ବେ ହାଇକୋର୍ଟର ବିଚାରପତି ନୀତିନ ବୋରକର ରାହୁଲ ଗାନ୍ଧୀଙ୍କ ଯୁକ୍ତିକୁ ଖାରଜ କରିଛନ୍ତି। ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କାର୍ଯ୍ୟଧାରା ଛଅ ସପ୍ତାହ ପାଇଁ ସ୍ଥଗିତ ରହିବ।

## ବିଶ୍ୱ ୬-ଜି ଦୌଡ଼ରେ ସାମିଲ ହେଲା ଭାରତ

ୱାଶିଂଟନ,୮।୯ଃ ଆମେରିକାର ବାଣିଜ୍ୟ ବିଭାଗ କହିଛି, ଭାରତ ପରବର୍ତ୍ତୀ ପିଢ଼ିର ୬-ଜି ଦୂରସଂଚାର ନେଟୱାର୍କର ବିକାଶ ଓ ନିୟୋଜନ ପାଇଁ ଏକ ବିଶ୍ୱସ୍ତରୀୟ ପଦକ୍ଷେପରେ ଆମେରିକା ସହିତ ଯୋଗ ଦେଇଛି। ଭାରତ ଜ୍ଞାନକୌଶଳକୁ ସୁଦୃଢ଼ କରିବା ଓ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଆମ ସହିତ ସାମିଲ ହୋଇଛି। ବାଣିଜ୍ୟ ବିଭାଗ, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି, ଆମେରିକାର ଉତ୍ତର କାରୋଲିନାର ଚାପେଲ ହିଲରେ ଅନୁଷ୍ଠିତ ଜି-୨୦ ନବସୃଜନ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଓ ଭାରତର କେନ୍ଦ୍ର ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ହୋଇଛି।

## ପଞ୍ଚମ ଇକ୍ୱେଡରର ଜାହାଜ ବୁଡ଼ାଇଲା ଆମେରିକା

● ଆକ୍ରମଣର ବୈଧତା ନେଇ ପ୍ରଶ୍ନ ଉଠାଇଲା ଇକ୍ୱାଡୋର



ୱାଶିଂଟନ,୮।୯ଃ ପ୍ରଶାନ୍ତ ମହାସାଗରରେ ଆମେରିକାର ଦକ୍ଷିଣ କମାଣ୍ଡ ଏକ ଇକ୍ୱାଡୋର ଜାହାଜକୁ ବୁଡ଼ାଇ ଦେଇଛି। ଆମେରିକା ଅଭିଯୋଗ କରିଛି ଯେ ଏହି ଜାହାଜଟି ଅପରାଧୀ ସଂଗଠନ ଲସ୍ ଚୋନେରୋସ୍ ସହିତ ଜଡିତ ଥିଲା। ଆମେରିକାର କମାଣ୍ଡ ଅନୁଯାୟୀ, ଜାହାଜଟି ଏକ ଭାସମାନ ଇନ୍ଧନ ଷ୍ଟେସନ ଥିଲା ଯାହାକୁ ସମୁଦ୍ରରେ ନିଶାଦ୍ରବ୍ୟ ଚୋରା ଚାଲାଣ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ବ୍ୟବହାର କରାଯାଉଥିଲା। ଏହି ଅଭିଯାନ ପୂର୍ବ ପ୍ରଶାନ୍ତ ମହାସାଗରରେ ହୋଇଥିଲା। ଏଥିରେ ଥିବା ଲୋକମାନଙ୍କୁ ପ୍ରଥମେ ଓହ୍ଲାଇ ଦିଆଯାଇଥିଲା। ବର୍ତ୍ତମାନ ସେମାନଙ୍କୁ ଇକ୍ୱାଡୋର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ। ଦୁଇ ସପ୍ତାହରୁ କମ୍ ସମୟ ମଧ୍ୟରେ ଆମେରିକୀୟ ସେନା ଦ୍ୱାରା ପଞ୍ଚମ ଜାହାଜକୁ ଟାର୍ଗେଟ୍ କରାଯାଇଛି। ପୂର୍ବରୁ ପ୍ରଶାନ୍ତ ମହାସାଗରରେ ମାଛ ଧରିବା ଜାହାଜ ମାରିଆ କାଣ୍ଡେଲାରିଆକୁ ଟାର୍ଗେଟ କରାଯାଇଥିଲା। ଇକ୍ୱାଡୋର ନୌସେନା ଜାହାଜର ୨୬ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରି ରବିବାର ବନ୍ଦର ସହର ମାଣ୍ଟାରେ ପହଞ୍ଚାଇଥିଲା। କନକ୍ୱିଷ୍ଟା-୨ର ଆଠ ଜଣ ମତ୍ସ୍ୟଜୀବୀଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଏକ ବର୍ଷରୁ ଅଧିକ ସମୟ ମଧ୍ୟରେ କାରିବିଆନ ଓ ପ୍ରଶାନ୍ତ ମହାସାଗରରେ ଜାହାଜ ଉପରେ ଆମେରିକା ସରକାର ୬୮ ଥର କାର୍ଯ୍ୟାନୁଷ୍ଠାନରେ ୨୨୭ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଆକ୍ରମଣର ବୈଧତା ଉପରେ ପ୍ରଶ୍ନ ଉଠିଛି। ଇକ୍ୱାଡୋର କର୍ତ୍ତୃପକ୍ଷ କହିଛନ୍ତି ଯେ, ଆମେରିକା ପାଖରେ ସେମାନଙ୍କର ବିରୋଧରେ କୌଣସି ଅପରାଧିକ ସମ୍ପୃକ୍ତିର ଠୋସ୍ ପ୍ରମାଣ ନାହିଁ।

## ମଣିପୁରୀ ସଙ୍ଗୀତ ଶିକ୍ଷକଙ୍କୁ ପିଟିପିଟି ହତ୍ୟା



ନୂଆଦିଲ୍ଲୀ, ୮।୯ଃ ଦକ୍ଷିଣ ପୂର୍ବ ଦିଲ୍ଲୀର ଆଶ୍ରମ ଅନ୍ତର୍ଗତ କିଲୋକରୀ ଗ୍ରାମରେ ଜଣେ ପ୍ରତିଷ୍ଠିତ ମଣିପୁରୀ ସଙ୍ଗୀତ ଶିକ୍ଷକଙ୍କୁ ପିଟିପିଟି ହତ୍ୟା କରାଯାଇଛି। ତାଙ୍କ ନାମ ଚୋଙ୍ଗଥାମ ବିକ୍ରମ ସିଂହ (୪୫)। ପୁଲିସ ଏହି ଘଟଣାରେ ଜଣେ ନାବାଳକ ସମେତ ତିନି ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଚୋଙ୍ଗଥାମଙ୍କୁ ହତ୍ୟା ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସୂଚନା ଅନୁସାରେ, ବିକ୍ରମଙ୍କ ଘରର ବିପରୀତ ପାର୍ଶ୍ୱରେ ଏକ ଢାବା ରହିଛି। ଗତକାଲି ସକାଳେ ଢାବାର କିଛି କର୍ମଚାରୀ ଓ କିଛି ଡେଲିଭରି ବୟ ସେଠାରେ ହୋ-ହାଲ୍ଲା କରୁଥିଲେ। ଏଥିରେ ଅତିଷ୍ଠ ହୋଇ ବିକ୍ରମ ତାଙ୍କ ଘରୁ ବାହାରକୁ ବାହାରିଥିଲେ ଓ ସେମାନଙ୍କୁ ପାଟି ନ କରିବାକୁ କହିଥିଲେ। ଯାହାକୁ ନେଇ କଳହ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଢାବା କିଛି କର୍ମଚାରୀ ଓ କେତେକ ବ୍ୟକ୍ତି ତାଙ୍କୁ ନିର୍ଘୁମ ପିଟିଥିଲେ। ଗୁରୁତର ଅବସ୍ଥାରେ ବିକ୍ରମଙ୍କୁ ତାଙ୍କ ପରିବାର ଲୋକେ ନିକଟସ୍ଥ ହେଲି ଫ୍ୟାମିଲି ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହାଇ-ସ୍ପିଡ୍ ଇଣ୍ଟରନେଟ୍ ଯୋଗାଣ ମାମଲା

## ସ୍ପେକ୍ଟ୍ରମ୍ ଆବଣ୍ଟନ ପ୍ରକ୍ରିୟାକୁ ସବୁଜ ସଙ୍କେତ

ନୂଆଦିଲ୍ଲୀ,୮।୯ଃ ଭାରତରେ ସାଟେଲାଇଟ୍ ବ୍ରଡବ୍ୟାଣ୍ଡ ବା ମହାକାଶ ଇଣ୍ଟରନେଟ୍ ସେବା ଆରମ୍ଭ ଦିଗରେ ଏକ ବଡ଼ ସଫଳତା ମିଳିଛି। ଦେଶରେ ଉପଗ୍ରହ ମାଧ୍ୟମରେ ହାଇ-ସ୍ପିଡ୍ ଇଣ୍ଟରନେଟ୍ ଯୋଗାଇ ଦେବା ପାଇଁ ସ୍ପେକ୍ଟ୍ରମ ଆବଣ୍ଟନ ପ୍ରକ୍ରିୟାକୁ ଏକ ଗୁରୁତ୍ୱପୂର୍ଣ୍ଣ ସବୁଜ ସଙ୍କେତ ମିଳିଛି। ସଚିବମାନଙ୍କ ଏକ ଉଚ୍ଚସ୍ତରୀୟ ସମୂହ ଟେଲିକମ୍ ନିୟାମକ ପ୍ରାଧିକରଣର ସୁପାରିଶକୁ ଆନୁଷ୍ଠାନିକ ଭାବେ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ପରେ ଏଲନ୍ ମସ୍କଙ୍କ 'ଷ୍ଟାରଲିଙ୍କ୍', ଏୟାରଟେଲ୍‌ରେ 'ୱାନୱେବ୍' ଓ ମୁକେଶ ଅମ୍ବାନୀଙ୍କ 'ରିଲାଏନ୍ସ ଜିଓ' ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକ ପାଇଁ ଭାରତୀୟ ବଜାରରେ ସେବା ଆରମ୍ଭ କରିବା ସହଜ ହୋଇଯିବ। ନୂତନ ନିୟମ ଅନୁଯାୟୀ, ଯୋଗ୍ୟ କମ୍ପାନୀଗୁଡ଼ିକୁ ପ୍ରାଥମିକ ପର୍ଯ୍ୟାୟରେ ୫ ବର୍ଷ ପାଇଁ ସ୍ପେକ୍ଟ୍ରମ ଆବଣ୍ଟନ କରାଯିବ। ଏହାର ବଦଳରେ କମ୍ପାନୀଗୁଡ଼ିକୁ ସେମାନଙ୍କ ଆଡଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁର ୫ ପ୍ରତିଶତ ସ୍ପେକ୍ଟ୍ରମ ବ୍ୟବହାର ଚାର୍ଜ ବା ଏସୟୁସି ଆକାରରେ ସରକାରଙ୍କୁ ଦେବାକୁ ପଡ଼ିବ। ତେବେ ଡିଜିଟାଲ୍ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଦେଶର ଦୁର୍ଗମ ଓ ଗ୍ରାମାଞ୍ଚଳରେ ଯେଉଁ କମ୍ପାନୀଗୁଡ଼ିକ ସେବା ଯୋଗାଇବେ, ସେମାନଙ୍କ ପାଇଁ ଏହି ସ୍ପେକ୍ଟ୍ରମ ୟୁସେଜ୍ ଚାର୍ଜ କମ୍ ରଖାଯିବ।

## ବିମାନକୁ 'ଖେଳନା' କହି ଫସିଲେ ନୋରା

### ୩ କୋଟିର ମାନହାନି ମାମଲା



ନୂଆଦିଲ୍ଲୀ, ୮।୯ଃ ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କ ବିରୋଧରେ ୩ କୋଟି ଟଙ୍କାର ମାନହାନି ମାମଲା ଦାୟର କରିଛି ବିମାନ ଚଳାଚଳ କମ୍ପାନୀ ଢ୍ୟୁନ୍ସ ଆଭିଏସନ୍। ସୋସିଆଲ ମିଡିଆରେ ନୋରାଙ୍କ ଦ୍ୱାରା କରାଯାଇଥିବା କଥିତ ଅପମାନଜନକ ଓ ଦାୟିତ୍ୱହୀନ ମନ୍ତବ୍ୟ ଯୋଗୁଁ କମ୍ପାନୀର ପ୍ରତିଷ୍ଠା ଓ ବ୍ୟବସାୟିକ ସ୍ୱାର୍ଥକୁ ବ୍ୟାପକ କ୍ଷତି ହୋଇଥିବା ଅଭିଯୋଗ କରିଛି କମ୍ପାନୀ। ମାମଲାଟି ଗାନ୍ଧୀନଗର କୋର୍ଟରେ ଦାୟର ହୋଇଛି। ବରିଷ୍ଠ ସିଭିଲ୍ ଜଜ୍ ଆର୍. ଅଗ୍ରୱାଲଙ୍କ କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୫ରେ କରିବେ। ଢ୍ୟୁନ୍ସ ଆଭିଏସନ୍‌ର ମାମଲା ଅନୁଯାୟୀ, ଗତ ଡିସେମ୍ବରରେ ମୁମ୍ବାଇରୁ ଜୟପୁର ଯାତ୍ରା ସମୟରେ ନୋରା ଫତେହି କମ୍ପାନୀର ଏକ ବିମାନ ଭିତରେ ଭିଡିଓ ରେକର୍ଡ କରିଥିଲେ। ପରେ ସେହି ଭିଡିଓଗୁଡ଼ିକୁ ନିଜ ଇନଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ପୋଷ୍ଟ କରିଥିବା ଅଭିଯୋଗ ହୋଇଛି। କମ୍ପାନୀର ଦାବି ଅନୁସାରେ, ନୋରା ଭିଡିଓରେ ବିମାନଟିକୁ 'ଛୋଟ', 'ଖେଳନା' ଓ 'ଲେଗୋ ବିମାନ' ବୋଲି ବର୍ଣ୍ଣନା କରିଥିଲେ। ଏହି ମନ୍ତବ୍ୟକୁ କମ୍ପାନୀ ଅପମାନଜନକ ଓ ଆପତ୍ତିଜନକ ବୋଲି ଦର୍ଶାଇଛି।

### ଦିଲ୍ଲୀ ପ୍ରଦୂଷଣକୁ ନେଇ ଜାତିସଂଘର ଚିନ୍ତା ପ୍ରକଟ

## ବିଳମ୍ବ ହେଲେ ପ୍ରଭାବିତ ହେବ ସ୍ୱାସ୍ଥ୍ୟ ଓ ଅର୍ଥନୀତି



ନୂଆଦିଲ୍ଲୀ,୮।୯ଃ ଭାରତର ରାଜଧାନୀ ଦିଲ୍ଲୀ ଯଦି ୨୦୨୬ରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜାତୀୟ ବାୟୁ ଗୁଣବତ୍ତା ମାପଦଣ୍ଡ ହାସଲ କରିପାରେ, ତେବେ ୨୦୪୦ ସୁଦ୍ଧା ଏଠାରେ ବାୟୁ ପ୍ରଦୂଷଣଜନିତ 'ପିଏମ୍୨.୫' ସଂସ୍ପର୍ଶ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଭାର ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ। ତେବେ ଏହି ନିୟମ କାର୍ଯ୍ୟକାରୀ କରିବାରେ ଯଦି ୮ ବର୍ଷର ବିଳମ୍ବ ଘଟେ, ତେବେ ପ୍ରଦୂଷଣ ହ୍ରାସ ମାତ୍ର ୧୦ ପ୍ରତିଶତ ମଧ୍ୟରେ ସୀମିତ ରହିବ, ଯାହା ଦ୍ୱାରା ନାଗରିକଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର କୁପ୍ରଭାବ ପଡ଼ିବ। ସୋମବାର ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନଇପି) ଓ 'କ୍ଲାଇମେଟ୍ ଆଣ୍ଡ୍ କ୍ଲିନ୍ ଏୟାର କୋଆଲିସନ୍' ପକ୍ଷରୁ ମିଳିତ ଭାବେ ପ୍ରକାଶିତ 'ହିଡେନ୍ ଆସେଟ୍ସଃ ଦି ଇକୋନୋମିକ୍ ଆଣ୍ଡ୍ ହେଲ୍ଥ କେସ୍ ଫର୍ କ୍ଲାଇମେଟ୍ ଆଣ୍ଡ୍ କ୍ଲିନ୍ ଏୟାର ଆକ୍ସନ୍' ଶୀର୍ଷକ ବିଶ୍ୱସ୍ତରୀୟ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

ଏହି ରିପୋର୍ଟଟି ଜଳବାୟୁ ଓ ସ୍ୱଚ୍ଛ ବାୟୁ ଅଭିଯାନର ମିଳିତ ପ୍ରଭାବ ଉପରେ ଆଧାରିତ ପ୍ରଥମ ବ୍ୟାପକ ଆର୍ଥିକ ଆକଳନ। ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟାର ଏକାକାଳୀନ ସମାଧାନ ପାଇଁ ରିପୋର୍ଟରେ ୨୫ଟି ବ୍ୟବହାରିକ ପଦକ୍ଷେପ ଚିହ୍ନଟ କରାଯାଇଛି। ଏଥିମଧ୍ୟରେ ଅକ୍ଷୟ ଶକ୍ତି, ଶକ୍ତି ଦକ୍ଷତା, ସ୍ୱଚ୍ଛ ରୋଷେଇ ଓ ଉତ୍ତାପ ବ୍ୟବସ୍ଥା ଏବଂ ଯାନବାହାନରୁ ନିର୍ଗତ ଧୂଆଁ ଉପରେ କଡ଼ା କଟକଣା ପ୍ରମୁଖ ସାମିଲ ରହିଛି। ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କଲେ ୨୦୩୫ ସୁଦ୍ଧା ବିଶ୍ୱ ଜିଡିପିର ୨.୮ ପ୍ରତିଶତ, ୨୦୫୦ ସୁଦ୍ଧା ୪.୫ ପ୍ରତିଶତ ଏବଂ ୨୧୦୦ ସୁଦ୍ଧା ୧୧.୪ ପ୍ରତିଶତ ବାର୍ଷିକ ଆର୍ଥିକ ଫାଇଦା ମିଳିପାରିବ।

### ଜାତିସଂଘର ମାନଚିତ୍ରକୁ ନେଇ ବିବାଦ

## ଭାରତ ବାହାରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚୀନ୍



ନୂଆଦିଲ୍ଲୀ, ୮।୯ଃ ଜାତିସଂଘର ନୂଆ ବିଶ୍ୱ ମାନଚିତ୍ରକୁ ନେଇ ଭାରତରେ ବିବାଦ ଦେଖାଦେଇଛି। ମାନଚିତ୍ରରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚୀନ୍‌କୁ ଭାରତର ଭିନ୍ନ ଅଞ୍ଚଳ ଦେଖାଯାଇଛି। ଭାରତ ଅରୁଣାଚଳ ପ୍ରଦେଶକୁ ନିଜର ଅବିଚ୍ଛେଦ୍ୟ ଅଂଶ ବୋଲି ମାନେ ଓ ଅକ୍ସାଇ ଚିନ୍‌କୁ ଲଦାଖର ଅଂଶ ବୋଲି ଦାବି କରେ।

ନୂଆ ଜାତିସଂଘ ମ୍ୟାପ୍‌ରେ ଅରୁଣାଚଳ ପ୍ରଦେଶର ସୀମାକୁ ସାଧାରଣ ଭାରତୀୟ ମ୍ୟାପ୍ ଭଳି ଦର୍ଶାଯାଇନାହିଁ। ଅରୁଣାଚଳର ଦକ୍ଷିଣ ସୀମାରେ 'ଚାଇନିଜ ଲାଇନ୍' ଓ ଉତ୍ତର ଦିଗରେ 'ଇଣ୍ଡିଆନ୍ ଲାଇନ୍' ଭଳି ଚିହ୍ନ ବ୍ୟବହାର କରାଯାଇଥିବା ରିପୋର୍ଟ ଆସିଛି। ଏହାସହ ନାଗାଲାଣ୍ଡ ସହ ଅରୁଣାଚଳର ସୀମା ମଧ୍ୟ ସ୍ପଷ୍ଟ ଭାବେ ଦର୍ଶାଯାଇନଥିବା କୁହାଯାଇଛି। ଅନ୍ୟପଟେ, ଅକ୍ସାଇ ଚିନ୍‌କୁ ମଧ୍ୟ ଭାରତ ଓ ଚୀନ୍ ଅଲଗା ଦାବିରେଖା ମଧ୍ୟରେ ଥିବା ଅଞ୍ଚଳ ଭାବେ ଦେଖାଯାଇଛି।

### ରୋକ୍ ଲଗେଇଲେ ସୁପ୍ରିମକୋର୍ଟ

## ଶିକ୍ଷକ ନିଯୁକ୍ତି ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ



ନୂଆଦିଲ୍ଲୀ, ୮।୯ଃ ସର୍ବୋଚ୍ଚ ନ୍ୟାୟାଳୟ ଦେଶବ୍ୟାପୀ ସ୍କୁଲ ଓ କଲେଜରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ କେବଳ ଶିକ୍ଷା ଅଧିକାର (ଆରଟିଇ) ଆଇନ, ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନସିଟିଇ) ଆଇନ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଆଇନ ଅନୁଯାୟୀ ନିର୍ଦ୍ଧାରିତ ଶିକ୍ଷାଗତ ଏବଂ ବୃତ୍ତିଗତ ଯୋଗ୍ୟତା ପୂରଣ କରୁଥିବା ପ୍ରାର୍ଥୀମାନଙ୍କୁ ସ୍କୁଲ ଓ କଲେଜରେ ନିଯୁକ୍ତି ଦିଆଯାଇପାରିବ। ଖଣ୍ଡପୀଠ କହିଛନ୍ତି ଯେ, ଆବଶ୍ୟକୀୟ ଯୋଗ୍ୟତା ବିନା ଶିକ୍ଷକମାନଙ୍କୁ ନିଯୁକ୍ତି କିମ୍ବା ଚାକିରିରେ ରଖାଯାଇପାରିବ ନାହିଁ।

ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣକୁ ଚ୍ୟାଲେଞ୍ଜ କରି ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ କୋର୍ଟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି.ମୋହନଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରି ରାୟ ଦେଇଛନ୍ତି। ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣ ସହିତ ଜଡିତ ସାମ୍ବିଧାନିକ ଯୋଜନାକୁ ଚ୍ୟାଲେଞ୍ଜ କରି ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଦିଆଯାଇଛି।

## ଫେମିନିଜମ୍'କୁ ନେଇ ସ୍ୱରାଙ୍କୁ ଘେରିଲେ ପ୍ରିୟଙ୍କା



ନୂଆଦିଲ୍ଲୀ, ୮।୯ଃ ଅଭିନେତ୍ରୀ ତଥା ଆକ୍ଟିଭିଷ୍ଟ ସ୍ୱରା ଭାସ୍କରଙ୍କ 'ଜୌହର' ସମ୍ପର୍କିତ ଟିପ୍ପଣୀକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ସଞ୍ଜୟ ଲୀଲା ଭନ୍ସାଲୀଙ୍କ ଫିଲ୍ମ 'ପଦ୍ମାବତ'ର ଜୌହର ଦୃଶ୍ୟକୁ ନେଇ ସ୍ୱରାଙ୍କ ଆପତ୍ତି ପରେ ତାଙ୍କୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ଆସିଛି। ଏବେ ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ନେତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏହି ପ୍ରସଙ୍ଗରେ ତୀବ୍ର ମତ ରଖିଛନ୍ତି। ଏହି ବିବାଦ ମଧ୍ୟରେ ପ୍ରିୟଙ୍କା ଚତୁର୍ବେଦୀ ଏକ ଲେଖା ମାଧ୍ୟମରେ ସ୍ୱରାଙ୍କ ଚିନ୍ତାଧାରା ଉପରେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ମତରେ, 'ଫେମିନିଜମ୍'ର ଅର୍ଥ ମହିଳାମାନେ କ'ଣ କରିବେ କିମ୍ବା କ'ଣ କରିବେ ନାହିଁ ବୋଲି ନିର୍ଦ୍ଦେଶ ଦେବା ନୁହେଁ। ବରଂ ମହିଳାଙ୍କୁ ନିଜ ନିଷ୍ପତ୍ତି ନିଜେ ନେବାର ଅଧିକାର ଦେବା ହିଁ ଏହାର ମୂଳ ଭାବନା।

### ଭାରତର ପ୍ରଥମ ସ୍ୱଦେଶୀ ବୁଲେଟ୍ ଟ୍ରେନ୍ ବଡି ଫ୍ରେମ୍ ପ୍ରସ୍ତୁତ

## ୨୦୨୭ ମେ' ସୁଦ୍ଧା ହେବ ଟ୍ରାକ୍ ଟେଷ୍ଟିଂ



ନୂଆଦିଲ୍ଲୀ, ୮।୯ଃ ଭାରତର ପ୍ରଥମ ଘରୋଇ ଜ୍ଞାନକୌଶଳରେ ନିର୍ମିତ ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ ପ୍ରସ୍ତୁତ ହୋଇସାରିଛି। ୨୦୨୭ ମେ' କିମ୍ବା ଜୁନ୍ ସୁଦ୍ଧା ଏହା ଟ୍ରାକ୍‌ରେ ପରୀକ୍ଷାମୂଳକ ଚାଲିବ। ମଙ୍ଗଳବାର ଗୁଜରାଟର ଭଦୋଦରାଠାରେ ଆୟୋଜିତ 'ନମୋ ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି।

ରେଳମନ୍ତ୍ରୀ କହିଛନ୍ତି ଯେ, ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍‌କୁ 'ସୁଇଜ୍ ଟେଷ୍ଟ' ପାଇଁ ପଠାଯାଇଛି। ୨୦୨୭ ମେ' କିମ୍ବା ଜୁନ୍ ମାସ ସୁଦ୍ଧା ଏହା ପରୀକ୍ଷାମୂଳକ ଭାବେ ଟ୍ରାକକୁ ଆସିବ। ୨ରୁ ୪ ମାସର ପରୀକ୍ଷଣ ପରେ ପ୍ରଧାନମନ୍ତ୍ରୀ ଏହାର ଶୁଭାରମ୍ଭ କରିବେ। ଏହି ବୁଲେଟ୍ ଟ୍ରେନ୍ ସେବା ଆରମ୍ଭ ହେବା ପରେ ଭଦୋଦରାରୁ ମୁମ୍ବାଇ ଯାତ୍ରା ସମୟ ହ୍ରାସ ପାଇ ମାତ୍ର ୧ ଘଣ୍ଟା ୩୦ ମିନିଟରେ ପହଞ୍ଚିବ। ଏଥିସହିତ ସୁରାଟରୁ ବିଲିମୋରା ମଧ୍ୟରେ ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ କରିଡରସେବା ଆସନ୍ତା ବର୍ଷଠାରୁ ଆରମ୍ଭ ହେବ।

ଦାଦ୍ରିରୁ ଜେଏନପିଟି ପର୍ଯ୍ୟନ୍ତ 'ୱେଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର' ସମ୍ପର୍କରେ ରେଳମନ୍ତ୍ରୀ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଏହି କରିଡରର ପରିକଳ୍ପନା କରାଯାଇଥିଲା। ମାତ୍ର ପରବର୍ତ୍ତୀ କଂଗ୍ରେସ ସରକାରଗୁଡ଼ିକ ଏହା ପ୍ରତି ଧ୍ୟାନ ଦେଇ ନଥିଲେ। ୨୦୧୪ରେ ପ୍ରଧାନମନ୍ତ୍ରୀ ମୋଦି ଦାୟିତ୍ୱ ଗ୍ରହଣ କରିବା ବେଳକୁ କରିଡରର ଗୋଟିଏ କିଲୋମିଟର କାମ ମଧ୍ୟ ଶେଷ ହୋଇନଥିଲା। ମୋଦି ସରକାର ଆସିବା ପରେ ପାଣ୍ଠି, ଡିଜାଇନ୍ ଓ ଜମି ଅଧିଗ୍ରହଣ ଜନିତ ସମସ୍ତ ଜଟିଳ ସମସ୍ୟାର ସମାଧାନ କରି ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇଛନ୍ତି।

## ୨୧ ଦିନରେ ୩୩୦ ଥର କଲ୍

# ଶ୍ୱଶୁରଙ୍କୁ ମାରିବାକୁ ଯୋଜନା କରିଥିଲା ବୋହୂ



ନୂଆଦିଲ୍ଲୀ, ୮।୯ଃ କାନପୁରର କୋଟିପତି ଔଷଧ ବ୍ୟବସାୟୀ ବିନୀତ ମନୋଚା ହତ୍ୟାକାଣ୍ଡରେ ପୁଲିସକୁ ନୂଆ ସୁରାକ ମିଳିଛି। ହତ୍ୟାକାରୀ ବୋହୂ ବିରୋଧରେ ତଦନ୍ତକାରୀ ଦଳ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଯୋଗାଡ଼ କରିଛି। ୨୧ ଦିନର କଲ୍ ଡିଟେଲ୍ସରୁ ଚାଞ୍ଚଲ୍ୟକର ଖୁଲାସା ହୋଇଛି। ବିନୀତଙ୍କ ହତ୍ୟା ପୂର୍ବରୁ ବୋହୂ ଶାଲୁ ଘରେ କାମ କରୁଥିବା ବିଶାଲ ଗୌତମ ସହ ଲଗାତର ଫୋନରେ ଗପୁଥିଲା। କଲ୍ ଡିଟେଲ୍ସ ଅନୁସାରେ, ଶାଲୁ ବିଶାଲଙ୍କ ସହ ଫୋନ୍‌ରେ ପ୍ରାୟ ୩୦ ଥର ଓ ତାଙ୍କ ସ୍ୱାମୀ ସୁବ୍ରତ ପ୍ରାୟ ୩୦୦ ଥର କଥା ହୋଇଥିଲେ। ସୁବ୍ରତ କହିଛନ୍ତି ଯେ, ବିଶାଲ ତାଙ୍କର ଛୋଟ ବଡ଼ ସବୁ କାମ କରନ୍ତି। ଏ ନେଇ ବିଶାଲଙ୍କ ସହ ତାଙ୍କର କଥାବାର୍ତ୍ତା ହୋଇଛି। ସୂଚନାଥାଉ କି, ବିନୀତ ମନୋଚାଙ୍କ ହତ୍ୟା ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା। ଗୁଳି ବିନିମୟ ପରେ ହରବଂଶ ମୋହଲ୍ଲାର ବାସିନ୍ଦା ବିଶାଲ ଗୌତମ ଓ ରାଜକିଶୋରଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ଉଭୟ ଶାଲୁଙ୍କ ନାମ ନେଇଥିଲେ। ପୁଲିସର କହିବା ଅନୁଯାୟୀ, ଶାଲୁ ସେମାନଙ୍କୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପୁଲିସ ଶାଲୁଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଥିଲା। ପୁଲିସ ଗତ ୨୧ ଦିନର କଲ୍ ଡିଟେଲ୍ସ ଯାଞ୍ଚ କରିବା ସମୟରେ ବିଶାଲ ସହିତ ଶାଲୁ ଓ ସୁବ୍ରତଙ୍କ ସମ୍ପର୍କ ବିଷୟରେ ଜାଣିବାକୁ ପାଇଥିଲା। ବିନୀତଙ୍କୁ ହତ୍ୟା କରିବା ପାଇଁ ୪ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା।

ବିଶାଲ ଓ ରାଜକିଶୋରଙ୍କ ବୟାନରେ ଶାଲୁଙ୍କ ନାମ ଆସିବା ପରେ ପୁଲିସ ତାଙ୍କୁ ଅଟକ ରଖିଛି। ସୋମବାର ଦିନ ପୁଲିସ ଶାଲୁଙ୍କୁ ପ୍ରାୟ ଦେଢ଼ ଘଣ୍ଟା ଧରି ପଚରାଉଚରା କରିଥିଲା। ପ୍ରଥମେ ସେ ହତ୍ୟା ଷଡ଼ଯନ୍ତ୍ରରେ ସାମିଲ ଥିବା ନେଇ ଅସ୍ୱୀକାର କରିଥିଲେ।

## ମଡେଲ୍ ଲୁକ୍, ହେଲେ ବ୍ୟାଗ୍‌ରେ ମଦ ଭଣ୍ଡାର



ନୂଆଦିଲ୍ଲୀ,୮।୯ଃ ମଡେଲ୍ ଭଳି ଚେହେରା। ଷ୍ଟାଇଲିସ୍ ଲୁକ୍। ହାତରେ ଦାମୀ ଲଗଜରି ବ୍ୟାଗ୍। ଦେଖିଲେ କେହି ବି ଭାବିବ ଜଣେ ସାଧାରଣ ଯାତ୍ରୀ। କିନ୍ତୁ ଏହି ଚେହେରା ପଛରେ ଲୁଚିଥିଲା ଏକ ବଡ଼ ଚୋରା ଚାଲାଣ ରାକେଟ୍‌ର କାହାଣୀ। ବିହାରର ସମସ୍ତିପୁର ଷ୍ଟେସନରେ ଆରପିଏଫ୍ ଓ ସିଆଇବିର ମିଳିତ ଚଢ଼ାଉ ବେଳେ ଯାହା ସାମ୍ନାକୁ ଆସିଲା, ତାହା ସମସ୍ତଙ୍କୁ ଚକିତ କରିଦେଲା। ସ୍ୱତନ୍ତ୍ରତା ସେନାନୀ ଏକ୍ସପ୍ରେସ୍‌ର ଏସି ଫାଷ୍ଟ କ୍ଲାସ୍ କୋଚରେ ଯାତ୍ରା କରୁଥିଲେ ନେହା କୁମାରୀ ଓ ଇଶାନ କୁମାର। ଟ୍ରେନ୍ ସମସ୍ତିପୁରରେ ପହଞ୍ଚିବା ମାତ୍ରେ ଗୁପ୍ତ ସୂଚନା ଆଧାରରେ ଏଚ୍-୧ କୋଚରେ ଚଢ଼ାଉ କରିଥିଲା ଆରପିଏଫ୍। ତଲାସୀ ବେଳେ ନେହାଙ୍କ ଦୁଇଟି ସୁଟକେସ୍‌ରୁ ବାହାରିଥିଲା ପ୍ରାୟ ୭୫ ଲିଟର ବ୍ରାଣ୍ଡେଡ୍ ମଦ। ଏତେ ପରିମାଣର ମଦ ଦେଖି ଅଧିକାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସବୁଠାରୁ ଚର୍ଚ୍ଚାର ବିଷୟ ଥିଲା ନେହାଙ୍କ ଆତ୍ମବିଶ୍ୱାସ। ଗିରଫ ବେଳେ ନା ଥିଲା ଭୟ, ନା ଥିଲା ଚିନ୍ତା। ମୁହଁରେ ଥିଲା ସାଧାରଣ ହସ। ଯେମିତି କିଛି ଘଟିନାହିଁ।

## ପ୍ରିନ୍ସ ହ୍ୟାରି ପାଇବେନି ରାଜକୀୟ ମର୍ଯ୍ୟାଦା

ଲଣ୍ଡନ,୮।୯ଃ ରାଜା ଚାର୍ଲ୍ସ ତୃତୀୟ କହିଛନ୍ତି, ତାଙ୍କ ପୁଅ ପ୍ରିନ୍ସ ହ୍ୟାରି ଓ ପୁତ୍ରବଧୂ ମେଘାନ ମାର୍କେଲ ଆମେରିକାରୁ ବ୍ରିଟେନ୍ ପହଞ୍ଚିବା ପରେ ସେମାନଙ୍କୁ ଆଉ ରାଜପରିବାରର ସଦସ୍ୟ ଭାବରେ ବିବେଚନା କରାଯିବ ନାହିଁ। ରାଜପରିବାର ମଧ୍ୟରେ ବିବାଦ ଯୋଗୁଁ ଏହି ଦମ୍ପତି ୨୦୨୦ ମସିହାରେ ବ୍ରିଟେନ ଛାଡିଥିଲେ। ଏଥିସହ ସେମାନେ ସେମାନଙ୍କର ରାଜକୀୟ ଦାୟିତ୍ୱ ପରିତ୍ୟାଗ କରିଥିଲେ। ଗତ ମାସରେ ହ୍ୟାରି ଓ ମେଘାନ ସେମାନଙ୍କର ଦୁଇ ଛୋଟ ପିଲାଙ୍କ ସହିତ ୟୁକେ ଫେରି ଆସିଛନ୍ତି। ଚାର୍ଲ୍ସ ଏକ ଚିଠିରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ, ଦମ୍ପତିଙ୍କ ସ୍ଥିତି ସାଧାରଣ ନାଗରିକଙ୍କ ପରି। ସେମାନଙ୍କୁ ସେମାନଙ୍କର ରାଜକୀୟ ମହାମହିମ ଭାବରେ ଆଚରଣ ପ୍ରଦର୍ଶନ କରାଯିବନାହିଁ।

# ବ୍ରିକ୍ସର ଦିନକ ପୂର୍ବରୁ ମୋଦି-ପୁଟିନ୍ ମହାବୈଠକ

- ଆଲୋଚନା ହେବେ ଦ୍ୱିପାକ୍ଷିକ ଓ ବିଶ୍ୱ ପ୍ରସଙ୍ଗ
- ପରମାଣୁ ପ୍ରକଳ୍ପ ଓ ଏସ୍ୟୁ-୫୭ ଫାଇଟର ଜେଟ୍ ନେଇ ହେବ ଆଲୋଚନା

ନୂଆଦିଲ୍ଲୀ/ମସ୍କୋ, ୮।୯: ଚଳିତ ମାସ ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀରେ ଗୁରୁତ୍ୱପୂର୍ଣ୍ଣ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହାର ଦିନକ ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତର ପାରମ୍ପରିକ ବନ୍ଧୁରାଷ୍ଟ୍ର ରୁଷ୍‌ର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଶୁକ୍ରବାର ପରସ୍ପରକୁ ସାକ୍ଷାତ କରିବେ ବୋଲି କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ରୁଷ୍‌ର ଗଣମାଧ୍ୟମ 'ସ୍ପୁଟନିକ ଇଣ୍ଡିଆ' ଦ୍ୱାରା ଆୟୋଜିତ ଭାରତ-ଭିତ୍ତିକ ସାମ୍ବାଦିକମାନଙ୍କ ସହ ଏକ ଅନଲାଇନ୍ ଆଲୋଚନାରେ କ୍ରେମଲିନର ମୁଖପାତ୍ର ଡିମିତ୍ରି ପେସକୋଭ କହିଛନ୍ତି ଯେ, 'ଆମ ଦୁଇ ନେତାଙ୍କ ମଧ୍ୟରେ ଖୁବ୍ ଭଲ ଓ ଘନିଷ୍ଠ ବ୍ୟକ୍ତିଗତ ସମ୍ପର୍କ ରହିଛି। ସେମାନେ କଳ୍ପନାବିଳାସୀ ନୁହନ୍ତି, ବରଂ ବ୍ୟାବହାରିକତାରେ ଯଥାର୍ଥବାଦୀ। ସେମାନେ ବିଶ୍ୱ ଏଜେଣ୍ଡା ଓ ଆମର ଦ୍ୱିପାକ୍ଷିକ ସମ୍ପର୍କୀତ ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ମୁକ୍ତ ଭାବେ ତଥା ଗଠନମୂଳକ ଉପାୟରେ ଆଲୋଚନା କରିବାକୁ ସକ୍ଷମ। ସେହିଭଳି, ବିଶ୍ୱର ନୀତି ଓ ସୁରକ୍ଷା, ଅର୍ଥନୀତି, ସଂସ୍କୃତି ଓ ମାନବିକ ସହଯୋଗ ଦୃଷ୍ଟିକୋଣରୁ ଗଠିତ ବ୍ରିକ୍ସ ହେଉଛି ଏକ ନମନୀୟ କ୍ଲବ୍।



ମଧ୍ୟପ୍ରାଚ୍ୟରେ ଇରାନ୍ ଓ ଆମେରିକା-ଇସ୍ରାଏଲ ଯୁଦ୍ଧକୁ ବାଦଦେଲେ ରୁଷ୍-ୟୁକ୍ରେନ ଯୁଦ୍ଧକୁ ବିଶ୍ୱରେ ଦ୍ୱିତୀୟ ସମ୍ବେଦନଶୀଳ ଘଟଣା ଭାବରେ ବିବେଚନା କରାଯାଉଛି। ତେବେ ରୁଷ ଓ ୟୁକ୍ରେନ୍ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ ଦେଖାଉଥିବା ଆଗ୍ରହକୁ ରୁଷ୍ ସ୍ୱାଗତ କରିଛି। ଏ ବିଷୟରେ ଦୁଇ ବିଶ୍ୱନେତାଙ୍କ ମଧ୍ୟରେ ଆଲୋଚନା ହୋଇପାରେ ବୋଲି ଅନୁମାନ କରାଯାଉଛି। ଭାରତ ଓ ରୁଷ୍ ଏକ ନୂତନ ପରମାଣୁ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯାଉଥିବା ବେଳେ ରୁଷ୍ ଏହାର ଆରମ୍ଭକୁ ଅପେକ୍ଷା କରିଛି ବୋଲି ପେସକୋଭ କହିଛନ୍ତି। ସେହିଭଳି ଭାରତକୁ ପ୍ରଦାନ କରିବାକୁ ଥିବା ନୂଆ ପିଢ଼ିର ଏସ୍ୟୁ-୫୭ ଲଢ଼ୁଆ ବିମାନ ଖୁବ୍ ଶୀଘ୍ର ଏଜେଣ୍ଡାରେ ସାମିଲ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅର୍ଥନୈତିକ ଉଦ୍ୟୋଗରେ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କ୍ରେମଲିନର ମୁଖପାତ୍ର କହିଛନ୍ତି ଯେ, କେତେକ ଦେଶ ସେମାନଙ୍କର ମୁଦ୍ରାକୁ ଏକ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏଭଳି ପରିପ୍ରେକ୍ଷୀରେ ରୁଷ୍ ତା'ର ରାଷ୍ଟ୍ରୀୟ ମୁଦ୍ରାରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ସହ ଆର୍ଥିକ କାରବାର କରୁଛି, ଯାହା ବର୍ତ୍ତମାନ ବିଶ୍ୱ ଲାଗି ଖୁବ୍ ଗୁରୁତ୍ୱପୂର୍ଣ୍ଣ।

## ୧୧ରେ ପ୍ରଣବ ପ୍ରତିଧ୍ୱନି

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ନିକଟରେ ପରଲୋକଗତ କିମ୍ବଦନ୍ତୀ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ 'ସଂଭାବନା' ପକ୍ଷରୁ ଆସନ୍ତା ୧୧ ତାରିଖ ସନ୍ଧ୍ୟା ୬ଟା ସମୟରେ ଜୟଦେବ ଭବନଠାରେ ଆୟୋଜିତ ହେଉଛି ପ୍ରଣବଙ୍କ ଅମର ସଙ୍ଗୀତର କାର୍ଯ୍ୟକ୍ରମ 'ପ୍ରଣବ ପ୍ରତିଧ୍ୱନି'। କାର୍ଯ୍ୟକ୍ରମରେ ପ୍ରଣବଙ୍କ କଣ୍ଠରେ ଅମରତ୍ୱ ଲାଭ କରିଥିବା ଜୀବନ ଦର୍ଶନ ସଙ୍ଗୀତ, ଭକ୍ତିଗୀତ ଓ ପ୍ରଣୟ ସଙ୍ଗୀତ ପରିବେଷିତ ହେବ। ଜଣାଶୁଣା କଣ୍ଠଶିଳ୍ପୀ ତୃପ୍ତି ଦାସ, ସଙ୍ଗୀତା ଗୋସାଇଁ, ସୌରଭ ନାୟକ, ଗୌତମ ଗିରି, ହରପ୍ରିୟା ସ୍ୱାଇଁ, ଛନ୍ଦା ମିଶ୍ର, ଶାନ୍ତନୁ ନାୟକ, ସିଦ୍ଧାନ୍ତ ଶତପଥୀ, ଦିଲ୍ଲୀପ ମହାନ୍ତି, ସନ୍ତୋଷ ଦାଶ, ଦେବାଂଶୀ ଦାଶ, ବିପୁଲ ସଙ୍ଗୀତ ପରିବେଷଣ କରିବେ। ପ୍ରଣବପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗଦେଇ ସଙ୍ଗୀତରେ ପ୍ରଣବଙ୍କୁ ଶ୍ରଦ୍ଧାଞ୍ଜଳିର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ 'ସଂଭାବନା' ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ, ସମ୍ପାଦକ ଦେବ ପ୍ରସାଦ ପରିଜା ଓ ଟ୍ରଷ୍ଟି ସ୍ମୃତି ମହାନ୍ତି ନିବେଦନ କରିଛନ୍ତି।

● ଓଡିଶା ହ୍ୟାଣ୍ଡବଲ ସଙ୍ଘ ନିର୍ବାଚନ

## ବିପ୍ଲବ ସଭାପତି, ମାନସ ସମ୍ପାଦକ




ପୁରୀ,୮।୯(ସଂଚାର ବ୍ୟୁରୋ): ଓଡିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏସନର ବାର୍ଷିକ ସାଧାରଣ ବୈଠକ ପୁରୀର ଝାଡେଶ୍ୱରୀ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଛି। ଋତ୍ୱିକ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ତଥା ସାଧାରଣ ନିର୍ବାଚନରେ ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ କୁମାର ନାୟକ ଓ ହ୍ୟାଣ୍ଡବଲ ଆସୋସିଏସନ ଅଫ ଇଣ୍ଡିଆ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଝାଡ଼ଖଣ୍ଡ ହ୍ୟାଣ୍ଡବଲ ଆସୋସିଏସନର କୋଷାଧ୍ୟକ୍ଷ ସୟଦ ସମିମି ଅହମ୍ମଦ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ୪ ବର୍ଷ ପାଇଁ ରାଜ୍ୟ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ବିପ୍ଳବ ଚୌଧୁରୀ ରାଜ୍ୟ ସଂଘର ନୂତନ ସଭାପତି ଓ ମାନସ କୁମାର ସିଂ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହ ରିତିକ୍ ଅଧିକାରୀ, ସୁରେଶ ଚନ୍ଦ୍ର ପାଢ଼ୀ, ରମେଶ ପୃଷ୍ଟି, ପାର୍ଥ ସାରଥୀ ମହାପାତ୍ର ଉପସଭାପତି ତଥା ଗୌରୀଶଙ୍କର ମିଶ୍ର ଓ ଗୀତାଞ୍ଜଳି ଦାସ ଯୁଗ୍ମ ସମ୍ପାଦକ, ସୀତେନ୍ଦ୍ର ନାଥ ଦାସ କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟରେ ସାରଦା ପ୍ରସାଦ ଦାସ, ପ୍ରଶାନ୍ତ ରଥ, ଶୁଭେନ୍ଦ୍ର ନାରାୟଣ ଚୌଧୁରୀ, ପ୍ରତାପ କୁମାର ମହାନ୍ତି, ପ୍ରଣୟ କୁମାର ପାଣି ଓ ବିଷ୍ଣୁପ୍ରସାଦ ପଟ୍ଟନାୟକ ରହିଛନ୍ତି। ଏଜିଏମ୍‌ରେ ବର୍ଷତମାମର ସଂଘର କାର୍ଯ୍ୟକ୍ରମ, ପୂର୍ବ ବର୍ଷ କାର୍ଯ୍ୟର ସମୀକ୍ଷା ଏବଂ ଆଗାମୀ ୪ ବର୍ଷ ମଧ୍ୟରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ଓ ହ୍ୟାଣ୍ଡବଲର ବିକାଶ ଦିଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଶେଷରେ ସଙ୍ଘ ଉପସଭାପତି ସକଳେଶ୍ୱର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ସେନାର ଅତ୍ୟାଧୁନିକୀକରଣ ପ୍ରସଙ୍ଗ

## ୧.୧୦ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୮।୯: ଭାରତୀୟ ସ୍ଥଳସେନା, ନୌସେନା ଓ ବାୟୁସେନାର ଯୁଦ୍ଧ କ୍ଷମତା ଏବଂ ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ପକ୍ଷରୁ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିଭିନ୍ନ କ୍ରୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଶର ତିନି ସେନା ବାହିନୀ ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ସାମରିକ ସରଞ୍ଜାମ କ୍ରୟ ନେଇ ସବୁଜ ସଙ୍କେତ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଅନୁମୋଦିତ ମୋଟ କ୍ରୟ ପ୍ରସ୍ତାବର ପାଖାପାଖି ୯୮ ପ୍ରତିଶତ ସାମଗ୍ରୀ ଭାରତୀୟ ଉଦ୍ୟୋଗଗୁଡ଼ିକରୁ ସଂଗ୍ରହ କରାଯିବ, ଯାହା ଦେଶର ଘରୋଇ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ର 'ଆତ୍ମନିର୍ଭର ଭାରତ'କୁ ଏକ ବଡ଼ ପ୍ରୋତ୍ସାହନ ଯୋଗାଇବ।

## ବନ୍ଧା ହେଲା ଛେଳିଚୋର

ଗଞ୍ଜାମ,୮।୯ (ସଂଚାର ବ୍ୟୁରୋ): ଛେଳି ଚୋରିକରିବାକୁ ଆସି ଖଇରବେଠି ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୁହାଳରୁ ଛେଳି ଚୋରି କରୁଥିବା ବେଳେ ଗାଁ ଲୋକଙ୍କ ଦ୍ୱାରା ଧରାପଡ଼ି ଚାରି ଜଣ ବ୍ୟକ୍ତି ନିର୍ଘୃମ ମାଡ ଖାଇବା ପରେ ଅଭିଯୁକ୍ତ ମାନଙ୍କୁ ପୁଲିସରେ ଦେଇଥିଲେ। ଅଭିଯୁକ୍ତମାନେ ହେଲେ ଏସ କାହ୍ନା, (ବ୍ରହ୍ମପୁର), କାହ୍ନୁ ଚରଣ ମହାରଣା(ନରସିଂହ ପୁର), ରାଜେନ୍ଦ୍ର ସାହୁ(ଲୋଚାପଡ଼ା)ଓ ବିଭୂତି ଭୂଷଣ ମହାରଣା (ତହର)। ଏ ସମ୍ପର୍କରେ ହିଞ୍ଜିଳି ଥାନାରେ ୬୩୧/୨୬ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ନିବାସ ସେଠୀ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ପ୍ରସ୍ତୁତି କର୍ମଶାଳା

## ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗୁରୁତ୍ୱ




ଭୁବନେଶ୍ୱର, ୮।୯ (ସଂଚାର ବ୍ୟୁରୋ): ଜାତୀୟ ସ୍ୱାସ୍ଥ୍ୟ ମିଶନର ୨୦୨୬-୨୭ ପାଇଁ ପ୍ରସ୍ତୁତ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମଙ୍ଗଳବାର ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଛି। ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାସ୍ତରରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ କାର୍ଯ୍ୟକୁ ଫଳପ୍ରଦ ଓ ଲକ୍ଷ୍ୟଭିତ୍ତିକ କରିବା ସହ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ଓ ଗୁଣବତ୍ତା ନିଶ୍ଚିତକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ୨୦୧୪ରୁ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ବିକାଶ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ନୀତି-୨୦୧୭ର ଉଦ୍ଦେଶ୍ୟ ଓ ଦୃଷ୍ଟିକୋଣ ଅନୁଯାୟୀ ଲୋକଙ୍କୁ ସୁଲଭ, ଗୁଣାତ୍ମକ ଓ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଦେଶ ଆଗେଇ ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ମଧ୍ୟ ଏହାର ସୁଫଳ ସ୍ୱାସ୍ଥ୍ୟ ସୂଚକାଙ୍କରେ ପ୍ରତିଫଳିତ ହେଉଛି। ଶିଶୁ ମୃତ୍ୟୁ ହାର ଓ ମାତୃ ମୃତ୍ୟୁ ଅନୁପାତ ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି।

'ଟିବି ମୁକ୍ତ ଭାରତ' ଅଭିଯାନକୁ ଆହୁରି ଗତିଶୀଳ କରି ରୋଗୀ ଚିହ୍ନଟ ଓ ପଞ୍ଜୀକରଣ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେହିପରି 'ଆନିମିଆ ମୁକ୍ତ ଭାରତ' ଅଭିଯାନକୁ ଫଳପ୍ରଦ କରିବା ପାଇଁ ନିୟମିତ ସ୍କ୍ରିନିଂ ଭଳି ପଦକ୍ଷେପ ସହ ଆନିମିଆ ପ୍ରବଣ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ସେ କହିଥିଲେ।

କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଅଶ୍ୱତୀ ଏସ. ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବାକୁ ନିଜ ବକ୍ତବ୍ୟରେ କହିଥିଲେ। ୨୦୩୬ ସୁଦ୍ଧା ସ୍ୱାସ୍ଥ୍ୟ କ୍ଷେତ୍ର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି ନିଜକୁ ଭିଜନ ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ଏହି ଅବସରରେ ମିଶନ ଡାଇରେକ୍ଟର ବୃନ୍ଦା ଡ଼ି କାର୍ଯ୍ୟାନ୍ୱୟନ ଯୋଜନା ୨୦୨୬-୨୭ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ। ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ଼ ମହେଶ ମୋହନ ପଣ୍ଡା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରବୀନ୍ଦ୍ର ନାଥ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ୯ ଯୁବ ଆଇଏଏସଙ୍କୁ ଉପଜିଲ୍ଲାପାଳ ନିଯୁକ୍ତି

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଟ୍ରେନିଂରୁ ଫେରିବା ପରେ ଓଡ଼ିଶା ସରକାର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ)ର ୯ ଜଣ ୨୦୨୪ ବ୍ୟାଚ୍ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାରେ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଟ୍ରେନିଂ ଶେଷ ପରେ ୯ ଯୁବ ଆଇଏଏସଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ଆଇଏଏସ ଅନିମେଶ ପ୍ରଧାନଙ୍କୁ ଆଠଗଡ଼ ଉପଜିଲ୍ଲାପାଳ ଦାୟିତ୍ୱ ଦିଆଯାଇଛି। ଅଧିକାରୀମାନେ ସେମାନଙ୍କ କ୍ଷେତ୍ରରେ ସବ୍-ଡିଭିଜିନାଲ ମାଜିଷ୍ଟ୍ରେଟ୍ ଭାବେ ମଧ୍ୟ କାର୍ଯ୍ୟ କରିବେ। ଏହାଛଡ଼ା ପ୍ରଜ୍ଞାନନ୍ଦନ ଗିରି ତାଳଚେର ଉପଜିଲ୍ଲାପାଳ ଓ କସ୍ତୁରୀ ଶାହାଙ୍କୁ ଭବାନୀପାଟଣା ଉପଜିଲ୍ଲାପାଳ ଦାୟିତ୍ୱ ଦିଆଯାଇଛି। ସେହିପରି ଫାବି ରସିଦ୍ କୋରାପୁଟ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିବା ବେଳେ ମୃଣାଳିକା ରାଠୋଡଙ୍କୁ ରାୟଗଡ଼ା, ସୁଭଦ୍ରା ପଣ୍ଡାଙ୍କୁ ଯାଜପୁର, ପୱନ କୁମାରଙ୍କୁ ଟିଟିଲାଗଡ଼, ଭଗତ ସାମଲ କଲ୍ୟାଣ ରାଓଙ୍କୁ ପାରଳାଖେମୁଣ୍ଡି ଓ ସନ୍ତୋଷ କୁମାର ପାତ୍ରଙ୍କୁ ବଣାଇଗଡ଼ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

## ବିଦ୍ୟୁତ୍ ଆଘାତରେ ମା'-ଝିଅ ମୃତ



କଳାହାଣ୍ଡି,୮।୯(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ସଦର ଥାନା ଅନ୍ତର୍ଗତ କାର୍ଲାସୋଡା ଗାଁରେ ଆଜି ବିଦ୍ୟୁତ୍ ଆଘାତରେ ମା'-ଝିଅ ମୃତ୍ୟୁବରଣ କରିଛନ୍ତି। ତେବେ ପରିବାର ଓ ଗ୍ରାମବାସୀ ମା'-ଝିଅଙ୍କ ମୃତଦେହ ରଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନାନୁସାରେ, କାର୍ଲାସୋଡା ଗ୍ରାମର ଶୀତଳ ନାଏକ କପଡ଼ା ଶୁଖାଇବା ସମୟରେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଉଦ୍ଧାର କରିବା ସକାଶେ ଉଦ୍ୟମ କରି ମା' ଲଳିତା ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲ୍ ନେବା ସକାଶେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ମଧ୍ୟ ଏହା ସଠିକ୍ ସମୟରେ ପହଞ୍ଚିନଥିଲା। ଫଳରେ ପରିବାର ଲୋକେ ଉଭୟଙ୍କୁ ନିଜ ଉଦ୍ୟମରେ ହସ୍ପିଟାଲ୍‌ରେ ପହଞ୍ଚାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିବା ପରେ ପରିବାର ଲୋକ ଓ ଗ୍ରାମବାସୀ ଏହା ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରିବାର ଓ ଗ୍ରାମବାସୀଙ୍କ ଦାବି ଥିଲା ଯେ ଘଟଣାର ସଠିକ୍ ତଦନ୍ତ କରାଯାଉ। ଆମ୍ବୁଲାନ୍ସ ସେବାରେ କୌଣସି ଅବହେଳା ହୋଇଥିଲେ ତାହାର ତଦନ୍ତ କରାଯାଉ। ସେହିପରି ହସ୍ପିଟାଲରେ ଚିକିତ୍ସା ଓ ଯାଞ୍ଚ ପ୍ରକ୍ରିୟାରେ କୌଣସି ଅବହେଳା ହୋଇଥିଲେ ମଧ୍ୟ ତାହାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଯିବା ସକାଶେ ସେମାନେ ଦାବି କରିଥିଲେ।

ସୋସିଆଲ ମିଡ଼ିଆରେ ନବୀନଙ୍କ ଅପମାନଜନକ ପ୍ରଚାର ଅଭିଯୋଗ

## ଥାନାରେ ବିଜେପି କର୍ମକର୍ତ୍ତାଙ୍କ ନାମରେ ଅଭିଯୋଗ



ଭୁବନେଶ୍ୱର,୮।୯ (ସଂଚାର ବ୍ୟୁରୋ): ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋକୁ ଏଆଇ ମାଧ୍ୟମରେ ବିକୃତ, ଅଶ୍ଳୀଳ ଓ ଅପମାନଜନକ ଭାବରେ ପ୍ରସ୍ତୁତ କରି ସୋସିଆଲ ମିଡିଆ ପ୍ରଚାର କରାଯାଇଛି। ଯାହାକୁ ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିଜେପି କର୍ମକର୍ତ୍ତାଙ୍କ ନାମରେ ବାରିପଦା ଟାଉନ ଥାନା ଅଭିଯୋଗ ହୋଇଛି। ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଏବଂ ମତଭେଦ ସୃଷ୍ଟିର ସମ୍ଭାବନା ପାଇଁ ସୋସିଆଲ ମିଡିଆର ଦୁରୁପଯୋଗ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ପରିଚିତ ସାର୍ବଜନୀନ ବ୍ୟକ୍ତିତ୍ୱ। ତାଙ୍କ ସମ୍ପର୍କରେ ଅପମାନଜନକ, ବିକୃତ କିମ୍ବା ଅଶ୍ଳୀଳ ଡିଜିଟାଲ୍ ସାମଗ୍ରୀ ପ୍ରସ୍ତୁତ କରି ପ୍ରଚାର କରାଯିବା ଅତ୍ୟନ୍ତ ଗୁରୁତର ଏବଂ ନିନ୍ଦନୀୟ ବିଷୟ। ବିଜେପିର ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ଉପସଭାପତି ସଞ୍ଜିତ ବେହେରା ଓ ଅନ୍ୟମାନେ ସୋସିଆଲ୍ ମିଡିଆ ମାଧ୍ୟମରେ ନବୀନଙ୍କ ଫଟୋକୁ ବିକୃତ, ଅଶ୍ଳୀଳ ଓ ଅପମାନଜନକ ଭାବରେ ପ୍ରସ୍ତୁତ ଓ ପ୍ରସାରଣ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଡିଜିଟାଲ୍ ସାମଗ୍ରୀରେ ନବୀନଙ୍କ ମୂଳ ଫଟୋକୁ ପରିବର୍ତ୍ତନ କିମ୍ବା ବିକୃତ କରାଯାଇ, ତାଙ୍କ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାକୁ ହାନି ପହଞ୍ଚାଇବା ଭଳି ଭାବରେ ଉପସ୍ଥାପନ କରାଯାଉଛି। ଏହି ପରିପ୍ରେକ୍ଷୀରେ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେଡି ଦାବି କରିଛି।

ଇଣ୍ଡିଆ ବ୍ଲକ୍‌ର ଐକ୍ୟବଦ୍ଧ ଲଢ଼େଇ

## ଏମ୍‌ଏମ୍‌ଡିଆର୍ ଆଇନ ରଦ୍ଦ ନହେବା ଯାଏଁ ଜାରି ରହିବ ଆନ୍ଦୋଳନ




ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ କଂଗ୍ରେସ ଭବନ ସମ୍ମୁଖରେ ଇଣ୍ଡିଆ ବ୍ଲକ୍ ଆହ୍ୱାନରେ ଏକ ରାଜ୍ୟସ୍ତରୀୟ ମିଳିତ କନଭେନସନ ଅନୁଷ୍ଠିତ ହୋଇଛି। ଏଥିରେ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ, ୨୦୨୬ ରଦ୍ଦ ପାଇଁ ଦାବି କରାଯିବା ସହ ଏହାକୁ 'ଓଡ଼ିଶା ଲୁଣ୍ଠନ ପାଇଁ ମୋଦିଙ୍କ ନକ୍ସା' ବୋଲି ବର୍ଣ୍ଣନା କରି ରଦ୍ଦ ସକାଶେ ସର୍ବସମ୍ମତ ଦାବି କରାଯାଇଛି। ସଭାକୁ ଏକ ସଭାପତି ମଣ୍ଡଳୀ ପରିଚାଳନା କରିଥିବା ବେଳେ ମଣ୍ଡଳୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ, ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ(ଏମ୍)ର ପୂର୍ବତନ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇ(ଏମ୍‌ଏଲ୍) ଲିବରେସନର ତିରୁପତି ଗମାଙ୍ଗୋ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର କମଳା ସାହୁ, ସମାଜବାଦୀ ପାର୍ଟିର ରାଜ୍ୟ ନେତା ଶିବ ହାତୀ ଯାଦବ, ଆରଜେଡିର ହେମନ୍ତ କୁମାର ଓ ଏନସିପିର ବିକ୍ରମ ସ୍ୱାଇଁ ସାମିଲ୍ ଥିଲେ। ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ସିପିଆଇ ଓଡ଼ିଶା ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର ଓ ପିସିସି ସଭାପତି ଶ୍ରୀ ଦାସ ଆଗାମୀ ଆନ୍ଦୋଳନର କାର୍ଯ୍ୟସୂଚୀ ସମ୍ପର୍କିତ ପ୍ରସ୍ତାବ ଉପସ୍ଥାପନ କରିଥିଲେ। କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ଜୟଦେବ ଜେନା ଓ ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସମାଜବାଦୀ ପାର୍ଟିର ରାଜ୍ୟ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ନେତ୍ରୀ ସୌଦାମିନୀ ସାମନ୍ତରାୟ, ସିପିଆଇର ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ୍) ନେତ୍ରୀ ପୁଷ୍ପା ଦାଶ ଓ ସିପିଆଇ(ଏମ୍‌ଏଲ୍) ନେତା ରାଧାକାନ୍ତ ସେଠୀ ଉଦ୍‌ବୋଧନ ଦେଇଥିଲେ।

## ରାଜଧାନୀରେ ପ୍ରଥମ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଏକାମ୍ର ହାଟଠାରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ହସ୍ତଶିଳ୍ପ ପ୍ରଦର୍ଶନୀ 'ଉତ୍କଳା: ଶ୍ରୀ ଗଣେଶ' ଉଦ୍‌ଘାଟିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ୧୬ଟି ଜିଲ୍ଲାର ୩୪ ଜଣ ହସ୍ତଶିଳ୍ପୀ ଅଂଶଗ୍ରହଣ କରିବେ। ଏଥିରେ ୩୩ଟି ଷ୍ଟଲ୍ ସ୍ଥାନ ପାଇଥିବା ବେଳେ ପ୍ରଦର୍ଶନୀ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବିଭାଗୀୟ କମିଶନର ତଥା ସଚିବ ଗୁହା ପୁନମ ତାପସ କୁମାର ମଧ୍ୟ ଉପସ୍ଥିତ ଥିଲେ। 'ଉତ୍କଳା' ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପର ପରମ୍ପରାକୁ ଏକ ନୂତନ ପରିଚୟ ପ୍ରଦାନ କରିବା ଦିଗରେ ଏକ ପ୍ରୟାସ। 'ଉତ୍କଳା' ବ୍ରାଣ୍ଡ ଅଧୀନରେ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ମେଳା ଓ ପ୍ରଦର୍ଶନୀ ମାଧ୍ୟମରେ ରାଜ୍ୟ ସରକାର ହସ୍ତଶିଳ୍ପୀମାନଙ୍କୁ ସିଧାସଳଖ ଗ୍ରାହକଙ୍କ ସହ ଯୋଡ଼ିବା ସହ ସେମାନଙ୍କ ଉତ୍ପାଦ ପାଇଁ ବ୍ୟାପକ ବଜାର ସୃଷ୍ଟି କରୁଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାର ୟୁଏଇ...

ଭେଟି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଆର୍ଥିକ ଓ ଜନସାଧାରଣଙ୍କ ସ୍ତରରେ ସମ୍ପର୍କକୁ ଆହୁରି ମଜବୁତ କରିବାର ସୁଯୋଗଗୁଡ଼ିକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ସେଠାରେ ରହୁଥିବା ଓ କାର୍ଯ୍ୟରତ ଓଡ଼ିଆମାନଙ୍କୁ ଓଡ଼ିଶା ଓ ୟୁଏଇରେ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ସେତୁ ବୋଲି କହିଥିଲେ। ସେହି ଓଡ଼ିଆମାନଙ୍କ ପାଇଁ ନିରନ୍ତର ସହାୟତା, ସୁବିଧା ସୁଯୋଗ ଏବଂ ଇଜ୍ ଅଫ୍ ଲିଭିଂ ସୁନିଶ୍ଚିତ କରିବା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହି ଆବୁଧାବି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ପ୍ରତିନିଧିମଣ୍ଡଳୀ ୟୁଏଇର ପ୍ରମୁଖ ଅନୁଷ୍ଠାନ, ନିବେଶକ ଏବଂ ବ୍ୟାବସାୟିକ ଗୋଷ୍ଠୀଙ୍କ ସହ ସିଧାସଳଖ ଆଲୋଚନା କରିବେ। ଏହି ଆଲୋଚନାଗୁଡ଼ିକ କେବଳ ନିବେଶ ଆକୃଷ୍ଟ କରିବାରେ ସୀମିତ ନ ରହି ଓଡ଼ିଶାରେ ନିର୍ଦ୍ଦିଷ୍ଟ ଭାଗିଦାରୀ, ପ୍ରଯୁକ୍ତିବିଦ୍ୟାର ସହଯୋଗ ଓ ଦୀର୍ଘକାଳୀନ ଶିଳ୍ପ ଭାଗିଦାରୀ ପାଇଁ ନୂଆ ସୁଯୋଗ ଚିହ୍ନଟ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ଏହି ୟୁଏଇ ଅଭିଯାନ ଓଡ଼ିଶାର ଶିଳ୍ପ ରୂପାନ୍ତରଣର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆରମ୍ଭ ହୋଇଛି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ ଭିତ୍ତିଭୂମି, ବନ୍ଦର, ସୁଲଭ ବିଦ୍ୟୁତ୍ ସେବା, ଦକ୍ଷ ମାନବସମ୍ବଳ ଏବଂ ଭାରତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଥିବା ସହଜ ସଂଯୋଗର ସୁବିଧାଗୁଡ଼ିକୁ ପ୍ରମୁଖ ଭାବେ ଉପସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଶିଳ୍ପ ବିକାଶର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି ଏବଂ ୟୁଏଇ ସହ ଆମର ଆଲୋଚନା ଏହି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆମେ ଏଠାକୁ କେବଳ ନିବେଶ ଆମନ୍ତ୍ରଣ କରିବାକୁ ଆସିନାହୁଁ, ବରଂ ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ବୃଦ୍ଧି ଓ ରୋଜଗାର ଉପରେ ଆଧାରିତ ଦୀର୍ଘକାଳୀନ ଭାଗିଦାରୀ ଗଢ଼ିବାକୁ ଆସିଛୁ। ୟୁଏଇ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆର୍ଥିକ ଭାଗିଦାର ଏବଂ ନିର୍ଦ୍ଦିଷ୍ଟ ନିବେଶ ଓ ଶିଳ୍ପ ସୁଯୋଗ ମାଧ୍ୟମରେ ଓଡ଼ିଶା-ୟୁଏଇ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଆମେ ଆଶାବାଦୀ। ନିବେଶକଙ୍କ ଆଗ୍ରହକୁ ପ୍ରକୃତ ପ୍ରକଳ୍ପରେ ରୂପାନ୍ତରିତ କରିବା, କର୍ମସଂସ୍ଥାନ ସୃଷ୍ଟି କରିବା ଏବଂ ବିଶ୍ୱସ୍ତରୀୟ ବ୍ୟବସାୟ ପାଇଁ ଓଡ଼ିଶାକୁ ଏକ ଆକର୍ଷଣୀୟ ଓ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ୟୁଏଇ ନିବେଶ ଅଭିଯାନ ଆସନ୍ତାକାଲି ଆବୁଧାବିରେ ଆରମ୍ଭ ହେବ। ଏହି ଅବସରରେ ୟୁଏଇର ବିଭିନ୍ନ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟିକ ନେତାମାନଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଓ ଆଲୋଚନା ଅନୁଷ୍ଠିତ ହେବ। ଆସନ୍ତାକାଲିର କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ ଓ ଏହାର ବିଭିନ୍ନ ବ୍ୟାବସାୟିକ ଶାଖା, ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍, ୟୁଏଇର ନିବେଶ ମନ୍ତ୍ରୀ ଓ ବରିଷ୍ଠ ନିବେଶକମାନଙ୍କ ସହ ଆଲୋଚନା ସାମିଲ ରହିଛି। ଏହାପରେ ପେଟ୍ରୋକେମିକାଲ୍ସ ଓ କେମିକାଲ୍ସ କ୍ଷେତ୍ର ଉପରେ ଆଧାରିତ ଆଲୋଚନା ଅନୁଷ୍ଠିତ ହେବ।

### ରାଜ୍ୟ ସରକାରଙ୍କୁ...

ଜଷ୍ଟିସ ମିଶ୍ର କହିଥିଲେ ଯେ ରାଜ୍ୟର ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ (ଦଣ୍ଡ ସମୀକ୍ଷା ବୋର୍ଡ)କୁ ନିଷ୍ପତ୍ତି ନେବା ପାଇଁ ପୂର୍ବରୁ ବହୁ ଥର ସମୟ ଦିଆଯାଇସାରିଛି। ଗତ ଅଗଷ୍ଟ ୧୯ ତାରିଖରେ ମଧ୍ୟ କୋର୍ଟ ସ୍ପଷ୍ଟ ଭାବେ ବୋର୍ଡକୁ ନିଷ୍ପତ୍ତି ନେଇ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଶୁଣାଣି ସ୍ଥଗିତ ରଖିବା ଛଡ଼ା କୌଣସି ଅଗ୍ରଗତି ହେଉନାହିଁ। ଦୁଇ ବର୍ଷ ଧରି ଏହି ପ୍ରକ୍ରିୟାକୁ ଏଡ଼ାଇବା କଦାପି ଗ୍ରହଣୀୟ ନୁହେଁ। ସରକାରଙ୍କ ଅନୁରୋଧରେ କୋର୍ଟ ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେଦିନ ଆଉ କୌଣସି ସ୍ଥଗିତାଦେଶ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସେହିଦିନ ସୁଦ୍ଧା ବୋର୍ଡର ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଶୁଣାଣି ସୁଦ୍ଧା ଯଦି କୋର୍ଟଙ୍କ ଅଗଷ୍ଟ ୧୯ର ନିର୍ଦ୍ଦେଶ ଅନୁସାରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାନଯାଏ ତା'ହେଲେ ସମ୍ପୃକ୍ତ ଅଫିସର ବ୍ୟକ୍ତିଗତ ଭାବେ ହାଜର ହେବାକୁ ବାଧ୍ୟ ହେବେ ବୋଲି ସତର୍କ କରାଇ ଦେଇଛନ୍ତି।

### ଶ୍ରୀଜଗନ୍ନାଥ ମନ୍ଦିରର...

ସୁରକ୍ଷା ମିଳିଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ 'ଜଗନ୍ନାଥ ଧାମ', 'ଶ୍ରୀକ୍ଷେତ୍ର', 'ମହାପ୍ରସାଦ', 'ନୀଳଚକ୍ର' ଓ 'କୋଇଲି ବୈକୁଣ୍ଠ' ସମେତ ୫ଟି ଆବେଦନ ପ୍ରକାଶନ ପାଇଁ ଗ୍ରହଣ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ସହ ଜଡ଼ିତ ଅନନ୍ୟ ଆଧ୍ୟାତ୍ମିକ, ସାଂସ୍କୃତିକ ଓ ଐତିହ୍ୟକୁ ସୁରକ୍ଷିତ ରଖିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ଶ୍ରୀମନ୍ଦିର ସହ ସମ୍ପୃକ୍ତ ନାମ ଓ ପରିଚୟର ଅନଧିକୃତ କିମ୍ବା ଅନୁଚିତ ବାଣିଜ୍ୟିକ ବ୍ୟବହାରକୁ ରୋକିବାରେ ଟ୍ରେଡମାର୍କ ସୁରକ୍ଷା ସହାୟକ ହେବ। ସୂଚନାନୁସାରେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୋଟ ୨୯ଟି ଟ୍ରେଡମାର୍କ ଆବେଦନ ଦାଖଲ କରାଯାଇଥିଲା। ଅବଶିଷ୍ଟ ଆବେଦନଗୁଡ଼ିକର ପ୍ରକ୍ରିୟା ମଧ୍ୟ ଜାରି ରହିବ ବୋଲି ଏସଜେଟିଏ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଶ୍ରୀଜଗନ୍ନାଥଙ୍କ ମନ୍ଦିରର ପବିତ୍ର ଓ ସ୍ୱତନ୍ତ୍ର ଐତିହ୍ୟ ସହ ଜଡ଼ିତ ପରିଚୟଗୁଡ଼ିକର ଉପଯୁକ୍ତ ବୈଧିକ ସମ୍ପତ୍ତି ସୁରକ୍ଷା ପାଇଁ ଆଗାମୀ ଦିନରେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯିବ।

### ସମ୍ବଲପୁରରେ ଭିତ୍ତିଭୂମି...

ସିଏସ୍‌ଆର ଅନ୍ତର୍ଗତ ପାରିପାର୍ଶ୍ୱିକ ବିକାଶ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ବୈଠକରେ ସମ୍ବଲପୁର ଜିଲ୍ଲାର ବର୍ତ୍ତମାନର ଜଳସେଚିତ ଜମିକୁ ଆଗାମୀ ଦିନରେ ବୃଦ୍ଧି କରିବା ପାଇଁ 'ଡିଷ୍ଟ୍ରିକ୍ଟ ହାଇଡ୍ରୋଜିଓଲୋଜି ମ୍ୟାପିଙ୍ଗ' କରିବାକୁ ପରାମର୍ଶ ଦିଆଯାଇଛି। ନାକଟିଦେଉଳ, ରେଢ଼ାଖୋଲ, କୁଚିଣ୍ଡା, ବାମରା ଓ ଜମନକିରା ଭଳି ଅଞ୍ଚଳଗୁଡ଼ିକରେ 'ପିଏମ୍ କୁସୁମ୍' ଯୋଜନାର ବ୍ୟାପକ ବିନିଯୋଗ, ମୁଖ୍ୟମନ୍ତ୍ରୀ ଆଦିବାସୀ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ସମ୍ବଲପୁର ମୁଖ୍ୟ ଜେଲ ପାଇଁ ୧୩୦ କୋଟି ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ, ସମ୍ବଲପୁର ସିଟି, ରେଢ଼ାଖୋଲ ଓ ଜେଲ ଷ୍ଟେସନଗୁଡ଼ିକରେ ଆଧୁନିକୀକରଣ କରାଯାଉଛି। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନ ଲାଇବ୍ରେରୀ, ପାର୍କ ଓ ବିଭିନ୍ନ ଭିତ୍ତିଭୂମି ପାଇଁ ଆବଶ୍ୟକ ସ୍ଥାନ ଚିହ୍ନଟ କରାଯାଇଛି। ବୈଠକରେ ଜିଲ୍ଲାପାଳ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଧାୟକ, ଜନପ୍ରତିନିଧି ଓ ସଂପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ବଢ଼ିଲା କ୍ଷୀର...

ସଂଗ୍ରହ ମୂଲ୍ୟ ବୃଦ୍ଧି କରିବାକୁ ବିଭିନ୍ନ ଦୁଗ୍ଧ ଉତ୍ପାଦନକାରୀ ସଂଘ ପକ୍ଷରୁ ଲଗାତାର ଦାବି ହୋଇଆସୁଥିଲା। ଚାଷୀଙ୍କ ଏହି ଦାବିକୁ ସମ୍ମାନ ଦେଇ ଓ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନୂଆ ଦର ଗ୍ରାମୀଣ ଅର୍ଥନୀତି ପାଇଁ ଉପକାରୀ ହେବ। ଏହା ଫଳରେ ଦୁଗ୍ଧ ଉତ୍ପାଦନକାରୀଙ୍କ ଆୟ ବୃଦ୍ଧି ପାଇବ ବୋଲି ଓମଫେଡ୍ ଅଧିକାରୀମାନେ ମତ ପ୍ରକାଶ କରିଛନ୍ତି।

### ସରକାରୀ ଦଳ...

ଚାଲିଛନ୍ତି। ଏପରିକି ଏହି ସଂଶୋଧନ ଫଳରେ ଓଡ଼ିଶାର ଖଣି ଉପରେ ଆଉ ରାଜ୍ୟର ଅଧିକାର ରହିବ ନାହିଁ ବୋଲି ସାଧାରଣ ଲୋକଙ୍କୁ ବୁଝାଉଛନ୍ତି। ନିୟମିତ ସାମ୍ବାଦିକ ସମ୍ମିଳନୀ ପରେ ଆଜି କଂଗ୍ରେସ ଦଳ ଏହି ପ୍ରସଙ୍ଗରେ ଇଣ୍ଡି ମେଣ୍ଟ ବ୍ୟାନରରେ ସମାବେଶ କରିଥିବା ବେଳେ ଆସନ୍ତାକାଲି ବିଜେଡି ରାଜଭବନ ସମ୍ମୁଖରେ ବଡ଼ ଧରଣର ପ୍ରତିବାଦ କରିବାକୁ ଯାଉଛି। ତେବେ ଇତିମଧ୍ୟରେ ଶାସକ ଦଳର ଜଣେ ସାଂସଦ ଓ ଜଣେ ବିଧାୟକ ଏମ୍‌ଏମ୍‌ଡିଆର୍ ଆଇନ୍ ଉପରେ ନିବନ୍ଧ ଲେଖିବା ସହ ଏହି ଆଇନର ଚିକିନିଖି ତର୍ଜମା କରିଛନ୍ତି। ଏହି ନିବନ୍ଧ ପ୍ରକାଶିତ ହେବା ପରେ ଏବେ ସାଧାରଣ ଲୋକେ ମଧ୍ୟ ଏମ୍‌ଏମ୍‌ଡିଆର୍ ସଂକ୍ରାନ୍ତରେ ନିଜଆଡୁ ଖୋଳତାଡ଼ କରିବାରେ ଲାଗିଛନ୍ତି। ସଂଶୋଧିତ ଆଇନରେ ଓଡ଼ିଶା କ୍ଷତିଗ୍ରସ୍ତ ହେବ କି ନାହିଁ, ତା'ର ଅନୁଶୀଳନ ଆରମ୍ଭ କରିଛନ୍ତି। ତେବେ ଆଗକୁ ବିଧାନସଭାର ବର୍ଷାକାଳୀନ ଅଧିବେଶନ ବସିବାକୁ ଯାଉଥିବାରୁ ଉଭୟ ଶାସକ ବିରୋଧୀ ଗୃହ ଭିତରେ ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସଜବାଜ ହେଉଥିବା ଜଣାଯାଇଛି। ହେଲେ ଏକାଧିକ ପ୍ରସଙ୍ଗକୁ ବିରୋଧୀମାନେ ଜାବୁଡ଼ି ଧରିଥିବାରୁ ବିଧାନସଭା କିଭଳି ଚାଲିବ ତାହାକୁ ନେଇ ଆଶଙ୍କା ରହିଛି। ତେଣୁ ବିଧାନସଭାରେ ଯାହା ହେବ ହେବ, ଏବେଠାରୁ କିନ୍ତୁ ବିରୋଧୀ ଯେଭଳି ଏମଏମଡିଆର ପ୍ରସଙ୍ଗକୁ ଦଳୀୟ ଅଫିସରୁ ଆଣି ରାସ୍ତାରେ ପହଞ୍ଚିଲେଣି ତାହା ଶାସକ ଦଳକୁ ଏକପ୍ରକାର ନାକେଦମ କରିଦେଲାଣି।

### ଚିହ୍ନଟ ହେବ...

କୋଠାଗୁଡ଼ିକ ବିରୋଧରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଅନ୍ୟ ସରକାରୀ ବିଭାଗ ଅଧୀନରେ ଥିବା କୋଠାଗୁଡ଼ିକ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମନ୍ୱୟ ରକ୍ଷା କରାଯିବ। ଏହି ଅଭିଯାନର ପରିସରକୁ ଘରୋଇ କୋଠାଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଚଳିତ ଆଇନ ଓ ନିୟମ ଅନୁଯାୟୀ ବିପଜ୍ଜନକ ବା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବା ଘରୋଇ କୋଠାଗୁଡ଼ିକର ଯାଞ୍ଚ କରାଯିବ। ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ମାଲିକଙ୍କୁ ନୋଟିସ୍ ଜାରି କରାଯାଇ ଆଇନାନୁଯାୟୀ ପଦକ୍ଷେପ ନିଆଯିବ।

### ପଞ୍ଜୀକରଣ କରିଛନ୍ତି...

୨୮ ହଜାର ଚାଷୀ ସେମାନଙ୍କ ଧାନ ବିକ୍ରି କରିବା ପାଇଁ ସଫଳତାର ସହ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଏହି ସଂଖ୍ୟା ୧୯ ଲକ୍ଷ ୬୭ ହଜାର ଥିଲା। ଅର୍ଥାତ୍ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ୬୧ ହଜାରରୁ ଅଧିକ ନୂଆ ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅଦିନିଆ ପ୍ରବଳ ବର୍ଷା ଯୋଗୁଁ ଅନେକ ଚାଷୀ ନିର୍ଦ୍ଧାରିତ ସମୟ (ଅଗଷ୍ଟ ୩୧) ସୁଦ୍ଧା ପଞ୍ଜୀକରଣ କରିପାରିନଥିଲେ।

## ଗଞ୍ଜେଇ ସହ ଦୁଇଟି ଦେଶୀ ବନ୍ଧୁକ ଓ ବାଇକ ଜବତ, ୩ କୁଖ୍ୟାତ ଡକାୟତ ଗିରଫ



ଫୁଲବାଣୀ,୮।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ଏକ ବିଶ୍ୱସ୍ତ ସୂଚନା ଆଧାରରେ ବାଲିଗୁଡା ଥାନା ଅଞ୍ଚଳରେ ଗଞ୍ଜେଇ ସହ ଦୁଇଟି ଦେଶୀ ନିର୍ମିତ ବନ୍ଧୁକ, ବାଇକ ଜବତ କରିବା ସହ ତିନି କୁଖ୍ୟାତ ଡକାୟତଙ୍କୁ ଗିରଫ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ବାଲିଗୁଡ଼ା ପୋଲିସ ୪୨ କିଲୋ ୪୦୦ ଗ୍ରାମ ଚୋରା ଗଞ୍ଜେଇ, ଦୁଇଟି ଦେଶୀ ନିର୍ମିତ ବନ୍ଧୁକ (ଏସବିଏମଏଲ) ଏବଂ ଦୁଇଟି ମୋଟର ସାଇକେଲ ଜବତ କରିବା ସହ ଏହି ଘଟଣା ରେ ସଂଶ୍ଲିଷ୍ଟ ଥିବା ବାଲିଗୁଡ଼ା ଥାନା ଅନ୍ତର୍ଗତ ତଳିପଡ଼ା ଗ୍ରାମର ନୀଳାମ୍ବର ମଲ୍ଲିକ (୨୬), ବୌଦ୍ଧ ଜିଲ୍ଲା ଘଣ୍ଟପଡା ଥାନା ଅନ୍ତର୍ଗତ ବନ୍ଧଗିଡା ଗ୍ରାମର ବୀରେନ୍ଦ୍ର ମଲ୍ଲିକ (୨୦), କେନ୍ଦୁବାଡା ଗ୍ରାମର ରଞ୍ଜିତ ଭୋଇ (୨୧), ଏହି ତିନି ଜଣଙ୍କ ନାମରେ ବାଲିଗୁଡ଼ା ପୋଲିସ ମାମଲା ନଂ ୨୨୬/ ୨୬ ପ୍ରକାରେ ୨୦(ଖ)(ii)(ଗ) ଏନ ଡି ପି ଏସ ଆଇନ/ ଧାରା ୨୫(୧-ଖ)(କ) ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ଏହି ଘଟଣା ରେ ଆଉ କିଏ କିଏ ସଂଶ୍ଳିଷ୍ଟ ଅଛନ୍ତି ସେ ନେଇ ତଦନ୍ତ ଅବ୍ୟାହତ ଥିବା ବିଷୟ ବାଲିଗୁଡା ପୋଲିସ ଏସ ଡି ପି ଓ ଶୁଭମ ଭୋସଲେ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଏହି ତିନି ଅଭିଯୁକ୍ତ କନ୍ଧମାଳ ଏବଂ ବୌଦ୍ଧ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ରେ ପୂର୍ବରୁ ଡକାୟତି ଏବଂ ଡକାୟତି ର ବହୁ ମାମଲାରେ ଜଡିତ ଥିବା ଜଣାପଡିଛି।

## ଅବକାରୀ ଚଢ଼ାଉ, ୯୦ ଲିଟର ଦେଶୀ ମଦ ଜବତ: ଦୁଇ ଗିରଫ



ମାଲକାନଗିରି,୮।୯ (ସଂଚାର ବ୍ୟୁରୋ): ମଙ୍ଗଳବାର ଦିନ ନିୟମିତ ପାଟ୍ରୋଲିଂ ଡ୍ୟୁଟି ସମୟରେ ଜିଲ୍ଲା ମୋବାଇଲ୍ ୟୁନିଟ୍, ମାଲକାନଗିରି ପକ୍ଷରୁ ଚଢ଼ାଉ କରାଯାଇ ୨ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଚଢ଼ାଉ ସମୟରେ ୯୦ ଲିଟର ଅବୈଧ ଦେଶୀ ମଦ (ଆଇଡିଏଲ୍) ଏବଂ ୨ଟି ମୋଟରସାଇକେଲ୍ ଜବତ କରାଯାଇଛି। ଏହି ଘଟଣାରେ ତ୍ରିନାଥ ଭୂମିଆ, ଦୁର୍ଗାଗୁଡ଼ି ସାହି, ମାଲକାନଗିରି ଏବଂ ଓ୍ୱାଗା ପାଡ଼ିଆମୀ ଗ୍ରାମ-ତାଣ୍ଡପାଲି ଙ୍କୁ ଗିରଫ କରାଯାଇ ମାନ୍ୟବର ଅଦାଲତରେ ହାଜର କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ବିଙ୍ଗରାଜ ଦାମୀ, ଅବକାରୀ ଏସ୍ଆଇ ଦୀନବନ୍ଧୁ ଶିରା, କନଷ୍ଟେବଲ୍ ଜ୍ଞାନରଞ୍ଜନ ସାହୁ ଏବଂ ଶ୍ରୀ ପାଣ୍ଡବ ଟୁଡୁ ଅଂଶଗ୍ରହଣ କରିଥିଲେ। ଅବୈଧ ମଦ ପ୍ରସ୍ତୁତି, ପରିବହନ ଓ ବିକ୍ରୟ ବିରୋଧରେ ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗର ଏହିପରି ଚଢ଼ାଉ ଓ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

## ଗାଡ଼ି ଅଟକାଇ ଦାଦାବଟି ଆଦାୟ, ୩ ଗିରଫ



ସୁନ୍ଦରଗଡ଼,୮।୯ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗାଡ଼ି ଚାଳକଙ୍କୁ ଭୟଭୀତ କରି ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିଛି ଭଷ୍ମା ପୁଲିସ। ତାଙ୍କଠାରୁ ୩ ହଜାର ୫ଶହ ଟଙ୍କା ଜବତ କରାଯାଇଛି। ଗତ କିଛି ଦିନ ଧରି ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଏଭଳି ଢଙ୍ଗରେ ଦାଦାବଟି ଆଦାୟ କରି ଆତଙ୍କ ଖେଳାଇଥିବା ଅଭିଯୋଗ ହୋଇଥିଲା । ଭଷ୍ମା ଥାନା ଅନ୍ତର୍ଗତ ମସ୍ନିକାନି ରାଜ୍ୟ ରାଜପଥ-୧୦ରେ ସମାନ ଢଙ୍ଗରେ ଗାଡ଼ି ଅଟକାଇ ଦାଦାବଟି ଆଦାୟ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିବା ଜଣାପଡ଼ିଛି। ଗିରଫ ତିନି ଅଭିଯୁକ୍ତ ହେଲେ ୨୭ ବର୍ଷୀୟ ଲୋକନାଥ ତନ୍ତୀ ଓରଫ କାହ୍ନା,୩୦ ବର୍ଷୀୟ ମଣ୍ଟୁ ତନ୍ତୀ ଓରଫ ପିଣ୍ଟୁ ଏବଂ ଭଷ୍ମା ଥାନା ଅଞ୍ଚଳର ଗୈଜୋର ଗାଁର କେଶବ ବାଗ। ଏନେଇ ଭଷ୍ମା ଥାନାରେ କେସ୍ ନମ୍ବର ୩୪୪ରେ ମାମଲା ରୁଜୁ ହୋଇଛି। ବିଏନଏସର ଦଫା ୩୦୯(୪) ଅନୁଯାୟୀ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଡକାୟତି ମାମଲାରେ ପୁଲିସକୁ ବଡ଼ ସଫଳତା



ତେନ୍ତୁଲିଖୁଣ୍ଟି,୮।୯ (ସଂଚାର ବ୍ୟୁରୋ): ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦହଣା ଗ୍ରାମରେ ଗତ ୨୦ ଅଗଷ୍ଟ ୨୦୨୬ରେ ଘଟିଥିବା ସଶସ୍ତ୍ର ଡକାୟତି ଘଟଣାର ତଦନ୍ତରେ ତେନ୍ତୁଲିଖୁଣ୍ଟି ପୁଲିସକୁ ବଡ଼ ସଫଳତା ମିଳିଛି। ଦୀର୍ଘଦିନ ଧରି ତଦନ୍ତ ଓ ଛାନଭିନ୍ ପରେ ଘଟଣାରେ ସମ୍ପୃକ୍ତ ଡ୍ରାଇଭର ସାମୁଇଲ ହରିଜନଙ୍କୁ ନବରଙ୍ଗପୁର ନିକଟରୁ ଠାବ କରି ପୋଲିସ କାବୁ କରିଛି।

ପୁଲିସ ସୂଚନା ଅନୁଯାୟୀ, ଏହି ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ଟୁନା ହରିଜନଙ୍କୁ ବରୀଗୁମ୍ମା ଥାନା କେସ୍ ନଂ. ୨୪୯/୨୦୨୬ରେ ଛତିଶଗଡ଼ରୁ ଗିରଫ କରାଯାଇଛି। ସେହିପରି ଝରିଗାଁ ଥାନା କେସ୍ ନଂ. ୧୩୬/୨୦୨୬ରେ କଣ୍ଟ ହରିଜନ ଓ ଧନସାଇ ମୋହରାଙ୍କୁ ମଧ୍ୟ ଗିରଫ କରାଯାଇଛି। ଘଟଣାରେ ବ୍ୟବହୃତ ଗାଡ଼ି ଓ ଏହାର ଚାଳକଙ୍କ ସମ୍ପର୍କରେ ତଦନ୍ତ କରି ସାମୁଇଲ ହରିଜନଙ୍କୁ ଠାବ କରିବା ସହ ତାଠାରୁ ୨୭ ହଜାର ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଆହୁରି କିଛି ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଛି।

## ଡ୍ରେନ୍ ନାହିଁ, ମନରେଗା ବିଲ୍ ପାସ୍

# ଖବର ପ୍ରସାର ପରେ ତତ୍ପରତା

### ବିଡ଼ିଓ ସାଜିଛନ୍ତି କି ମୁଖ୍ୟ ସୂତ୍ରଧର, ଅଭିଯୋଗ ପରେ ବି କାହିଁକି ନୀରବ

### ଜେସିବିରେ ନାଳ ଖୋଳା ହେଲା, ଶ୍ରମିକଙ୍କୁ କୋଡ଼ି କୋଦାଳ ଧରେଇ ନିଆଗଲା ଫଟୋ



ଆନନ୍ଦପୁର,୮।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଶାଳବଣି ପଞ୍ଚାୟତ ବେଲଦା ଗ୍ରାମରୁ ଆସିଛି ପୁଣି ମନରେଗାକୁ ନେଇ ସଙ୍ଗୀନ ଅଭିଯୋଗ। ନିଜ ଦୋଷ ଘୋଡାଇବାକୁ ଯାଇ ଚଳାଇଛନ୍ତି ଅପଚେଷ୍ଟା। ଡ୍ରେନ୍ ନିର୍ମାଣ ନକରି ଲକ୍ଷାଧିକ ଟଙ୍କା ହଡ଼ପ୍ ଅଭିଯୋଗ ପରେ ଏବେ ଆରମ୍ଭ ହୋଇଛି କି ଆଉ ଏକ ପ୍ରହସନ?

ଅଭିଯୋଗ ଅନୁସାରେ, ଡ୍ରେନ୍ ନିର୍ମାଣ ପାଇଁ ୧ ଲକ୍ଷ ୨୪ ହଜାର ୨୧୫ ଟଙ୍କାର ଶ୍ରମିକ ମଜୁରୀ ଦର୍ଶାଯାଇଥିବା ବେଳେ, ମାଟିରେ ଡ୍ରେନ୍‌ର ଚିହ୍ନବର୍ଣ୍ଣ ନଥିବା ଅଭିଯୋଗ ଉଠିଥିଲା। ଶ୍ରମିକଙ୍କ ହାତରେ କୋଡ଼ି କୋଦାଳ ଧରାଇ ଫଟୋ ଉଠାଇ ମନରେଗା ଟଙ୍କା ଆତ୍ମସାତ୍ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ହଠାତ୍ ତତ୍ପରତା। ଜେସିବି ମେସିନ୍ ଲଗାଇ ଡ୍ରେନ୍ ପାଇଁ ନାଳ ଖୋଳାଯାଉଛି। ଆଉ ତା'ପରେ କିଛି ଶ୍ରମିକଙ୍କ ହାତରେ କୋଡ଼ି କୋଦାଳ ଧରାଇ ଚାଲିଛି କାମ। ତେବେ ପ୍ରଶ୍ନ ଉଠୁଛି, ଯଦି ମନରେଗା କାମ ଆଗରୁ ହୋଇଥିଲା, ଏବେ ଜେସିବି କାହିଁକି? ଆଉ ଯଦି ଏବେ କାମ ହେଉଛି, ତେବେ ପୂର୍ବରୁ ଶ୍ରମିକ ମଜୁରୀ ବାବଦରେ ଟଙ୍କା କିପରି ଖର୍ଚ୍ଚ ହେଲା?

ଏହାରି ଭିତରେ ଗ୍ରାମର କିଛି ମୁଷ୍ଟିମେୟ ଲୋକ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏହି କାମକୁ ନେଇ ଏକ ପ୍ରହସନ ଚଳାଇଥିବା ଅଭିଯୋଗ ମଧ୍ୟ ଆସିଛି। ତେବେ ସବୁଠାରୁ ବଡ଼ ପ୍ରଶ୍ନ, ମନରେଗା ଭଳି ଗରିବ ଲୋକଙ୍କ ଯୋଜନାରେ ଏଭଳି ଅନିୟମିତତା ହେଉଛି କି? ଅଭିଯୋଗ ଉପରେ ଜିଲ୍ଲାପାଳଙ୍କ ନିକଟରେ ପୂର୍ବରୁ ଅବଗତ କରାଯାଇଥିବା କୁହାଯାଉଥିଲେ ମଧ୍ୟ, ତଦନ୍ତ କାହିଁକି ହୋଇନାହିଁ, ତାକୁ ନେଇ ମଧ୍ୟ ଗୁରୁତର ପ୍ରଶ୍ନ।

ଏପଟେ ଆନନ୍ଦପୁର ବ୍ଲକ୍‌ରେ ମନରେଗାକୁ ନେଇ ଆହୁରି ଅନେକ ଅଭିଯୋଗ ରହିଥିବା ଦାବି କରାଯାଉଛି। ତେବେ ଏସବୁ ଅଭିଯୋଗର ସତ୍ୟତା କେତେ? କିଏ କରିଛି ଅନିୟମିତତା? କେଉଁ ଅଧିକାରୀଙ୍କ ତଦାରଖରେ ଏହି କାମ ହୋଇଛି? ଏବଂ ସରକାରୀ ଅର୍ଥର ଅନିୟମିତା ବ୍ୟବହାର ହୋଇଥିଲେ ଦାୟୀ କିଏ? ଏସବୁର ଉତ୍ତର ପାଇଁ ଦରକାର ନିରପେକ୍ଷ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ। ତେବେ ଜିଲ୍ଲାପାଳ କେବେ ଏହି ମାମଲାରେ ଦୃଷ୍ଟି ଦେବେ? କେବେ ହେବ ସ୍ୱତନ୍ତ୍ର ତଦନ୍ତ? ଏବଂ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ କେବେ ନିଆଯିବ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ? ଏବେ ନଜର ରହିଲା ଜିଲ୍ଲା ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ।

## ନୁଆଁପଦରରେ ବିପଦ ସଂକୁଳ ପୋଲ, ବଢୁଛି ଦୁର୍ଘଟଣା



ଫୁଲବାଣୀ,୮।୯ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଠାରୁ ସାର୍ତ୍ତୀଙ୍ଗିଆ ଯାଇଥିବା ମୁଖ୍ୟ ରାସ୍ତାର ନୁଆଁପଦର ଠାରେ ଥିବା ବହୁ ପୁରୁଣା ପୋଲ ବର୍ତମାନ ଖାଲ ହୋଇ ମେଟାଲ ବାହାରି ବିପଦ ସଂକୁଳ ଅବସ୍ଥା ରେ ରହିଛି । ଦୈନିକ ଏହି ରାସ୍ତାରେ ସହ ସହ ଯାନବାହାନ ଯାତାୟତ କରୁଥିବା ବେଳେ ଏହି ପୋଲ ପାଖରେ ଲାଗି ପଞ୍ଚାୟତ କାର୍ଯ୍ୟାଳୟ, ବନ ପାଳ ଙ୍କ କାର୍ଯ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଦ୍ୟାଳୟ ନୁଆଁ ପଦର ମେଡିକାଲ ସହ ଏକାଧିକ ମନ୍ଦିର ରହିଛି । ଦୈନିକ ତିରିଶରୁ ଉର୍ଦ୍ଧ ଗାଁର ଲୋକେ ପଞ୍ଚାୟତ ର ବିଭିନ୍ନ ସେବା ହେଉ କି ସ୍ୱାସ୍ଥ୍ୟ ସେବା, ବାଇକ ରେ ଯାତାୟତ କରୁଥିବା ବେଳେ ଦୈନିକ ସହ ସହ ଛାତ୍ର ଛାତ୍ରୀ ଏହି ପୋଲ ଦେଇ ଚାଲି ଚାଲି ଯାତାୟତ କରୁଛନ୍ତି । ବିପଦ ସଂକୁଳ ଅବସ୍ଥାରେ ଥିବା ପୋଲରେ ବାରମ୍ବାର ଛୋଟ ବଡ଼ ଦୁର୍ଘଟଣା ହେଉଥିବାରୁ ପୋଲ ନିର୍ମାଣ ହେଉନଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି ।

ଦୁର୍ଘଟଣା ଦୃଷ୍ଟିରୁ ପୋଲରେ ନୂଆ ପଦର ଗାଁର କିଛି ଯୁବକ ଖାଲ ଉପରେ କିଛି ମାଟି ପକାଇଥିଲେ କିନ୍ତୁ ବର୍ଷା ହେବାରୁ ତାହା ପୁଣି ସମାନ ଅବସ୍ଥାରେ ଅଛି । ପୋଲର ଉଭୟ ପାର୍ଶ୍ୱରେ ସମ୍ପୂର୍ଣ ରାସ୍ତା ନିର୍ମାଣ କାର୍ଯ୍ୟ ସରିଛି କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପୋଲ ନିର୍ମାଣ କରାଯାଉନାହିଁ ଯାହାଦ୍ୱାରା ଏଭଳି ଅବସ୍ଥା ଭୋଗୁଛନ୍ତି ଅଞ୍ଚଳବାସୀ। ସବୁଠାରୁ ବଡ଼ କଥା ହେଉଛି ଦୈନିକ ଏହି ବିପଦ ସଂକୁଳ ପୋଲ ଉପରେ ଠିକାଦାର ମାନଙ୍କ ଡମ୍ପର ଡାଲା ଗାଡ଼ିରେ ଲୋଡ ଲୋଡ ଭର୍ତି ଗାଡି ଅନ୍ୟ କାମ ପାଇଁ ଯାଉଛି କିନ୍ତୁ ଏହି ବିପଦ ସଂକୁଳ ରାସ୍ତା ଉପରେ ମରମ କିମ୍ବା ପଥର ଗୁଣ୍ଡ ଟିକେ ପକାଉ ନାହାନ୍ତି କି ବିଭାଗୀୟ ଅଧିକାରୀ ବାରମ୍ବାର ଏହି ରାସ୍ତାରେ ଯାଉଥିଲେ ମଧ୍ୟ କାହାର ନଜର ଏଠି ପଡି ପାରୁନାହିଁ ।

ପୋଲ ନିର୍ମାଣ ଅତିଶୀଘ୍ର କରିବାକୁ ଦାବି ହେଉଥିବା ବେଳେ ଏବେ ତୁରନ୍ତ ଏହି ପୋଲ ଉପରେ ମୋରମ କିମ୍ବା ପଥର ଗୁଣ୍ଡ ପକାଇ ସମତଳ କରି ଜନସାଧାରଣ ଯାତାୟତ ସୁବିଧା କରିବାକୁ ଦାବି ହେଉଛି ।

## ସଇଁତଲା ସହରରେ ଲାଗିଲା ଷ୍ଟ୍ରିଟ୍ ଲାଇଟ୍

### ବିଧାୟକଙ୍କୁ ଧନ୍ୟବାଦ ଦେଲେ ଜନସାଧାରଣ



ସଇଁତଲା,୮।୯ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ସଇଁତଲା ସହରର ବିଭିନ୍ନ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଲାଗିବା ପରେ ସହରର ରାତ୍ରିକାଳୀନ ଚିତ୍ର ବଦଳିବାରେ ଲାଗିଛି। ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ପାଣ୍ଠିରୁ ସଇଁତଲା ସହରର ବିଭିନ୍ନ ପ୍ରମୁଖ ରାସ୍ତା ଓ ଛକରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ଏହାଦ୍ୱାରା ଦୀର୍ଘଦିନ ଧରି ଅନ୍ଧାରରେ ରହୁଥିବା ସହରର ଅନେକ ଅଞ୍ଚଳ ଏବେ ଆଲୋକିତ ହୋଇଛି।

ସୂଚନା ଅନୁଯାୟୀ, ସଇଁତଲା ସହରର ଆଲୋକ ଛକଠାରୁ କଂସରପଡ଼ା, ପୁରୁଣା ବ୍ୟାଙ୍କ ଛକ, ଶିବମନ୍ଦିର ପଡା,ନବୀନ ଛକ, ଶଙ୍କର ଛକ ସମେତ ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ସେହିପରି କରଲାବାହାଲି ଓ ଡ଼ଙ୍ଗରପଡା ଗ୍ରାମ ଠାରେ ହାଇମାକ୍ସ ଲାଇଟ ଲଗାଯାଇଛି ସନ୍ଧ୍ୟା ହେବା ପରେ ଏହି ଅଞ୍ଚଳଗୁଡ଼ିକ ଆଲୋକିତ ହେଉଥିବାରୁ ଯାତାୟାତ କରୁଥିବା ଲୋକଙ୍କୁ ଏହା ବେଶ୍ ସୁବିଧା ଯୋଗାଇବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସହରର ବିଭିନ୍ନ ରାସ୍ତାରେ ରାତି ସମୟରେ ଆଲୋକର ଅଭାବ ଯୋଗୁଁ ଲୋକମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଷ୍ଟ୍ରିଟ୍ ଲାଇଟ୍ ଲାଗିବା ପରେ ଏହି ସମସ୍ୟା କିଛି ମାତ୍ରାରେ ଦୂର ହେବା ସହ ସହରର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇଛି। ସହରର ଅନ୍ୟାନ୍ୟ ଅନ୍ଧାର ଅଞ୍ଚଳରେ ମଧ୍ୟ ଆଗାମୀ ଦିନରେ ଆଲୋକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସଇଁତଲା ସହରର ବିଭିନ୍ନ ସ୍ଥାନକୁ ଆଲୋକୀକରଣ କରିବା ପାଇଁ ବିଧାୟକଙ୍କ ପାଣ୍ଠିରୁ ଏହି ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଜନସାଧାରଣ ବିଧାୟକ ନବୀନ ଜୈନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ସହରର ଅନ୍ୟାନ୍ୟ ଆବଶ୍ୟକତା ଦିଗରେ ମଧ୍ୟ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।

## ହିଞ୍ଜିଳିରେ ଗଞ୍ଜାମ ଏସପିଙ୍କ ଫ୍ଲାଗମାର୍ଚ୍ଚ

ହିଞ୍ଜିଳିକାଟୁ,୮।୯ (ସଂଚାର ବ୍ୟୁରୋ): ପାର୍ବଣ ଋତୁ ପୂର୍ବରୁ ହିଞ୍ଜିଳିକାଟୁ ସହରରେ ପୋଲିସର ଫ୍ଲାଗମାର୍ଚ୍ଚ। ଗଞ୍ଜାମ ଏସପି ଏସ.ହରିଶ ବିଶି, ଆସିକା ଏସଡିପିଓ ସୌରଭ ରଞ୍ଜନ ପ୍ରଧାନ ଓ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ଏଥିରେ ସାମିଲ ଥିଲେ।

ମିନି ଷ୍ଟାଡିୟମ ପରିସରରେ ସନ୍ଧ୍ୟାରେ ଅନ୍ଧାରର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ହେଉଥିବା ଯୋଗୁଁ ଇଣ୍ଡୋର ଷ୍ଟାଡିଅମ ଯା'ଆସ ବେଳେ ସାନ୍ଧ୍ୟ ଭ୍ରମଣକାରୀ ବରିଷ୍ଠ ନାଗରିକ, କ୍ରୀଡ଼ାବିତ ଓ ବୁଦ୍ଧିଜୀବୀମାନେ ସୁରକ୍ଷିତ ମଣୁ ନ ଥିବା ଏସପିଙ୍କୁ ଜଣାଇଥିଲେ |



ଏହାପରେ ଏସ୍‌ପି ଗୁପଚୁପ ବ୍ୟବସାୟୀ ଓ ଲୋକମାନଙ୍କୁ ଭେଟିବା ସହିତ ଭୟ ନ ହୋଇ ପୁଲିସ ସହ ମିଶିବାକୁ ପରାମର୍ଶ ଦେଇଥିଲେ।

## କୋରେଇ ବିଧାୟକଙ୍କ ଦ୍ୱାରା ବ୍ୟାସନଗରଠାରେ ଅର୍ବାନ୍ ପିଏଚ୍‌ସିର ଭିତ୍ତିପ୍ରସ୍ତର ସ୍ଥାପନ




ଯାଜପୁର ରୋଡ଼,୮।୯ (ସଂଚାର ବ୍ୟୁରୋ): କୋରେଇର ଜନପ୍ରିୟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ସମ୍ମାନୀୟ ଶ୍ରୀଯୁକ୍ତ ଆକାଶ ଦାସନାୟକ ଆଜି ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ କୋର୍ଟ ଛକ ସ୍ଥିତ ପାଛିକା ଠାରେ ଅର୍ବାନ୍ ପି.ଏଚ୍.ସି.ର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ତାପରେ ଏହି ସହରର ଧବଳଗିରି ଠାରେ ଥିବା ସିଟି ଏବଂ ଜି.ଏସ୍.ଟି ଅଫିସ'ର ନୂତନ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତନ ଏକକ, ଲାଗି ନୂତନ କାର୍ଯ୍ୟାଳୟର ୧୨ ଗୋଟି ସି-ଟାଇପ୍ କ୍ୱାର୍ଟର, ୧୨ ଗୋଟି ଇ-ଟାଇପ୍ କ୍ୱାର୍ଟର, ୧ ଗୋଟି ୫ ଆର୍-ଟାଇପ୍ କ୍ୱାର୍ଟର ନିର୍ମାଣ ନିମନ୍ତେ'ବି ମାନ୍ୟବର ବିଧାୟକ ଶ୍ରୀ ଦାସନାୟକ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ୟାସନଗର ପୌରପରିଷଦର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ବଳ, ମୁକ୍ତିରଞ୍ଜନ ଆଚାର୍ଯ୍ୟ, ଓ.ଏଫ୍.ସି. (ଏନ୍ଏଜି) ଅତିରିକ୍ତ ବାଣିଜ୍ୟକର ଏବଂ ସେବାକର ଆୟୁକ୍ତ କ୍ଷେତ୍ରୀୟ ଚକଲା, ଯାଜପୁର, ଯାଜପୁର ରୋଡ, ଲାଲ୍ ବାହାଦୁର ବିଶ୍ୱାଳ, ଓ.ଏଫ୍.ଏସ୍.-୧ (ଏସ୍.ଜି), ଯୁଗ୍ମ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ, ଯାଜପୁର ମଣ୍ଡଳ, ଯାଜପୁର ରୋଡ, ଟ୍ୟାକ୍ସ ବାର୍ ଆସୋସିଏସନ୍ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଗାଧୋଇବାକୁ ଯାଇ ବ୍ରାହ୍ମଣୀରେ ବୁଡି ଯୁବକ ମୃତ

ଢେଙ୍କାନାଳ,୮।୯ (ସଂଚାର ବ୍ୟୁରୋ): ନଦୀକୁ ଗାଧୋଇବାକୁ ଯାଇ ବୁଡ଼ିଗଲେ ଯୁବକ। ମୃତ ଯୁବକ ସଦର ଥାନା ଅନ୍ତର୍ଗତ ସାଙ୍କୁଲେଇ ଗ୍ରାମର କଷ୍ଟୁ ବେହେରାଙ୍କର ୧୯ବର୍ଷୀୟ ପୁଅ ପିଣ୍ଟୁ ବେହେରା ବୋଲି ଜଣାପଡିଛି। ପିଣ୍ଟୁ ତାଙ୍କ ଗ୍ରାମ ପାଖ ବ୍ରାହ୍ମଣୀ ନଦୀକୁ ସାଙ୍ଗ ମାନଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ମାତ୍ର ପାଣିରେ ବୁଡି ଯିବାରୁ ସାଙ୍ଗମାନେ ଗାଁରେ ଖବର ଦେଇଥିଲେ। ଖବର ପାଇ ଢେଙ୍କାନାଳ ଦମକଳ ବାହିନୀ ପହଁଚି ନଦୀରେ ଖୋଜା ଖୋଜି କରି ପିଣ୍ଟୁଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତରଖାନାରେ ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଛି।


# NILACHAL CARBO METALICKS LIMITED

**CIN: L23101OR2003PLC007061**
**Reg. Office- At - N/4 - 158 IRC Village, Bhubaneswar, Orissa, India, 751015 Mail id: ncmplho@gmail.com**
**Website: www.nilachalcoke.com**

## NOTICE OF 23RD ANNUAL GENERAL MEETING AND REMOTE E-VOTING

NOTICE IS HEREBY GIVEN THAT THE 23RD ANNUAL GENERAL MEETING (AGM) OF THE MEMBERS OF NILACHAL CARBO METALICKS LIMITED WILL BE HELD ON TUESDAY, 29TH SEPTEMBER, 2026 AT 12:30 PM (IST) AT: MAYFAIR HOTELS & RESORTS LTD, 8-B, JAYADEV VIHAR, BHUBANESWAR, ODISHA 751013

Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2026 have been sent in electronic mode on September 07, 2026 to the members whose e-mail IDs are registered with the Company or Depository Participant(s).

Members are hereby informed that the notice of the 23rd Annual General Meeting and 23rd Annual Report of the company are available on the website of the company www.nilachalcoke.com. The Notice & Annual Report are also available for inspection at the registered office of the company on all working days during business hours of the Company.

Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2025-26.

All members are hereby informed that:

1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: September 07, 2026;
3. The remote e-voting shall commence on **Friday, 25th September, 2026 at 9:00 am (IST)** and ends on **Monday, 28th September, 2026 at 5:00 pm (IST)**;
4. The remote e-voting shall not be allowed beyond Monday, 28th September, 2026 at 5: 00 pm (IST);
5. The cut-off date for determining the eligibility to vote through remote e-voting or at the AGM will be Tuesday, 22nd September, 2026;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at **www.evoting.nsdl.com, https://www.evotingindia.com and https:// evoting.kfintech.com**. However, if the person is already registered with NSDL & CDSL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Tuesday, 22nd September, 2026 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. KFin Technologies Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:
    a) Shareholders holding shares in physical form can register their email id with the RTA by sending an email along with the KYC forms with supporting documents at evoting@Kfintech.com (RTA Email ID) or to the Company E-mail Id: **secretarial.nilachalcoke@gmail.com.**
    b) In case of shares held in demat form, please provide Demat account details (CDSL: -16-digit beneficiary ID or NSDL: -16-digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to evoting@Kfintech.com or to the Company E-mail Id: **secretarial.nilachalcoke@gmail.com.**
11. In case of any query pertaining to e-voting, please contact KFin's toll free no. 1800-309 4001 or visit the FAQ's section available at KFin's website https: //evoting.kfintech.com. In case of grievances connected to the remote e-voting, please contact Mr. Sankara Gokavarapu, Senior Manager at KFin Technologies Limited, Selenium Tower B, Plot Nos. 31 & 32, Financial District, Nanakramguda, Serilingampally Mandal, Hyderabad - 500032, Telangana at email id einward.ris@kfintech.com, toll free number: 1800-309-4001. Alternatively, the Members may also write an e-mail secretarial@nilachalcoke.com to the Company at for any queries/ information.

By Order of the Board of Directors
For NILACHAL CARBO METALICKS LIMITED
SD/-
**Bibhu Datta Panda**
Managing Director
DIN: 01579026

**Place: Bhubaneswar**
**Date: 07.09.2026**


### ରେତଡ୍ୟାମ ଲେଫ୍ଟ କେନାଲରେ ପାଣି ପଞ୍ଚାୟତ ଅଚଳ ଅଭିଯୋଗ

# ୨୦୨୨ ପରଠାରୁ ଚାଷୀ ନିଜେ କରୁଛନ୍ତି କେନାଲ ସଫେଇ



କଳାହାଣ୍ଡି,୮।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ରେତଡ୍ୟାମ ଲେଫ୍ଟ କେନାଲ ଅଧୀନ ଉଲିକୁପା ଓ କୁଟିଙ୍ଗପଦର ଅଞ୍ଚଳର ଜଳସେଚନ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତା ପ୍ରକାଶ ପାଇଛି। କେରୋକୁଡା ପାଣି ପଞ୍ଚାୟତର କାର୍ଯ୍ୟକାଳ ୨୦୨୨ ମସିହାରେ ଶେଷ ହେବା ପରେ ଏଯାଏଁ ନୂତନ କମିଟି ଗଠନ ହୋଇନଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ଫଳରେ କେନାଲ ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ଚାଷୀମାନଙ୍କ କହିବା ଅନୁଯାୟୀ, ୨୦୨୨ରେ ପାଣି ପଞ୍ଚାୟତର କାର୍ଯ୍ୟକାଳ ଶେଷ ହେବା ପରେ ନୂତନ କମିଟି ଗଠନ ହୋଇନାହିଁ। ଫଳରେ ଜଳସେଚନ ବ୍ୟବସ୍ଥାରେ ଚାଷୀଙ୍କ ସଂଗଠିତ ଅଂଶଗ୍ରହଣ ଓ ପରିଚାଳନା ନେଇ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ, ମୁଖ୍ୟ କେନାଲ ସହିତ ଶାଖା କେନାଲଗୁଡ଼ିକରେ ସମୟକ୍ରମେ ଘାସ, ଲଟା, ମାଟି ଓ ଅନ୍ୟାନ୍ୟ ଅବରୋଧ ସୃଷ୍ଟି ହେଉଥିବାରୁ ଜଳପ୍ରବାହ ପ୍ରଭାବିତ ହେବାର ଆଶଙ୍କା ରହୁଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ଏହି ସମସ୍ୟାର ସମାଧାନ ପାଇଁ ସେମାନେ ନିଜେ ଶ୍ରମ ଦେଇ ମୁଖ୍ୟ କେନାଲ ଓ ଶାଖା କେନାଲ ସଫା କରିଆସୁଛନ୍ତି।

ଚାଷୀଙ୍କ ପ୍ରଶ୍ନ ହେଉଛି— ଯଦି ପାଣି ପଞ୍ଚାୟତର କାର୍ଯ୍ୟକାଳ ୨୦୨୨ରେ ଶେଷ ହୋଇଛି, ତେବେ ଏହା ପରେ ନୂତନ କମିଟି ଗଠନ ପ୍ରକ୍ରିୟା କାହିଁକି ସମ୍ପନ୍ନ ହୋଇନାହିଁ? ନୂତନ କମିଟି ଗଠନ ପାଇଁ ସଂପୃକ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇଛି କି? ଯଦି ନିଆଯାଇଛି, ତାହାର ବର୍ତ୍ତମାନ ସ୍ଥିତି କଣ? ଏହାର ସ୍ପଷ୍ଟ ଉତ୍ତର ସରକାର କିମ୍ବା ସଂପୃକ୍ତ ବିଭାଗ ପକ୍ଷରୁ ମିଳିବା ଆବଶ୍ୟକ ବୋଲି ଚାଷୀମାନେ ମତ ଦେଇଛନ୍ତି।

ଏହା ସହିତ ଆଉ ଏକ ବଡ଼ ପ୍ରଶ୍ନ ହେଉଛି କେନାଲର ନିୟମିତ ରକ୍ଷଣାବେକ୍ଷଣ। ଯଦି ଚାଷୀମାନେ ନିଜ ଉଦ୍ୟମରେ ବର୍ଷକୁ ବର୍ଷ କେନାଲ ସଫା କରୁଛନ୍ତି, ତେବେ ସରକାରୀ ବ୍ୟବସ୍ଥାରେ ଏହାର ରକ୍ଷଣାବେକ୍ଷଣ ପାଇଁ କେଉଁ ବ୍ୟବସ୍ଥା ରହିଛି? କେନାଲ ସଫେଇ ପାଇଁ କୌଣସି ଅର୍ଥ ମଞ୍ଜୁର ହେଉଛି କି? ଯଦି ମଞ୍ଜୁର ହେଉଛି, ତେବେ କେଉଁ କାର୍ଯ୍ୟରେ ଏହା ବ୍ୟବହାର ହେଉଛି? ଏସବୁ ବିଷୟରେ ସରକାରୀ ରେକର୍ଡ ଆଧାରରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବା ଆବଶ୍ୟକ।

ଚାଷୀମାନଙ୍କ ଦାବି ହେଉଛି, ସରକାର ଓ ସଂପୃକ୍ତ ବିଭାଗ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ରେତଡ୍ୟାମ ଲେଫ୍ଟ କେନାଲର ବର୍ତ୍ତମାନ ସ୍ଥିତିର ସ୍ଥଳ ଯାଞ୍ଚ କରନ୍ତୁ। ମୁଖ୍ୟ କେନାଲ ଓ ଶାଖା କେନାଲର ସଫେଇ, ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ।

### ରାଜଧାନୀରେ ମ୍ୟୁଲ୍ ଆକାଉଣ୍ଟ୍ ନେଟୱାର୍କର ପର୍ଦ୍ଦାଫାସ

# ବେକାର ଯୁବକ ସାଜିଥିଲେ ମୋହରା



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଏକ ବଡ଼ ଧରଣର ସାଇବର ଠକେଇ ନେଟୱାର୍କ ତଥା 'ମ୍ୟୁଲ୍ ଆକାଉଣ୍ଟ' ରାକେଟର ପର୍ଦ୍ଦାଫାସ କରିଛି ସାଇବର ପୁଲିସ। ସାଇବର ଅପରାଧୀଙ୍କ ଠକେଇ ଟଙ୍କା କାରବାର ପାଇଁ ବେଆଇନ ବ୍ୟାଙ୍କ ଆକାଉଣ୍ଟ (ମ୍ୟୁଲ୍ ଆକାଉଣ୍ଟ) ଯୋଗାଉଥିବା ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଏକ ଘରୋଇ ବ୍ୟାଙ୍କର ଫିଲ୍ଡ ଏଜେଣ୍ଟ ଜିତେନ୍ଦ୍ର କୁମାର ଖୁଣ୍ଟିଆ, ରଙ୍ଗମିସ୍ତ୍ରି ରାଜେଶ କୁମାର ଜେନା ଏବଂ ଟ୍ୟାକ୍ସି ଡ୍ରାଇଭର ପୁରୁଷୋତ୍ତମ ବେହେରା ସାମିଲ ଅଛନ୍ତି। ତେବେ ଏହି ସମଗ୍ର ରାକେଟର ମୁଖ୍ୟ କାର୍ପଟଦାର ତଥା ଏକ ବ୍ୟାଙ୍କର କର୍ମଚାରୀ କୃଷ୍ଣଚନ୍ଦ୍ର ବେହେରା ଏବେ ବି ଫେରାର୍ ଥିବା ଜଣାପଡ଼ିଛି।

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ମାନବ ସମ୍ବଳ ଏବଂ ଆତିଥେୟତା ସେବା ଯୋଗାଇଦେବା ବାହାନାରେ 'ପିପି ମ୍ୟାନପାୱାର ସପ୍ଲାଇ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ' ନାମରେ ଏକ ନକଲି କମ୍ପାନୀ ତିଆରି କରିଥିଲେ।

## ଖୋଲା ହୋଇଥିଲା ୨୫ ବ୍ୟାଙ୍କ ଆକାଉଣ୍ଟ

ଏହି ନକଲି କମ୍ପାନୀ ନାଁରେ ବିଭିନ୍ନ ସରକାରୀ ତଥା ଘରୋଇ ବ୍ୟାଙ୍କରେ ଏକାଧିକ କରେଣ୍ଟ ଆକାଉଣ୍ଟ ଖୋଲାଯାଇଥିଲା। ଏହି ନେଟୱାର୍କର ମାଷ୍ଟରମାଇଣ୍ଡ କୃଷ୍ଣଚନ୍ଦ୍ର ବେହେରା ଷଷ୍ଠ ଶ୍ରେଣୀ ପଢ଼ିଥିବା ରାଜେଶ ଓ ନବମ ଶ୍ରେଣୀ ପାସ୍ କରିଥିବା ପୁରୁଷୋତ୍ତମଙ୍କୁ ମୋଟା ଅଙ୍କର ଟଙ୍କା ଲୋଭ ଦେଖାଇ ଏହି ନକଲି କମ୍ପାନୀର ଯୁଗ୍ମ ନିର୍ଦ୍ଦେଶକ ବନାଇଥିଲେ।

କମ୍ପାନୀ ନାଁରେ ପ୍ରାୟ ୨୫ଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଆକାଉଣ୍ଟଗୁଡ଼ିକୁ ଦିଲ୍ଲୀ ଓ କୋଲକାତା ଭଳି ଦେଶର ବିଭିନ୍ନ ସ୍ଥାନରେ ସକ୍ରିୟ ଥିବା ସାଇବର ଠକମାନଙ୍କୁ ହସ୍ତାନ୍ତର କରାଯାଉଥିଲା। ସାଇବର ଠକମାନେ ଲୋକଙ୍କୁ ଠକି ଆଣୁଥିବା ଟଙ୍କାକୁ ଏହି ଆକାଉଣ୍ଟ ଜରିଆରେ କାରବାର କରୁଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଆକାଉଣ୍ଟଗୁଡ଼ିକ ଜରିଆରେ ପ୍ରାୟ ୩୦ରୁ ୩୫ ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ହୋଇଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି।

ଚଢ଼ାଉ ବେଳେ ଭୁବନେଶ୍ୱର ସାଇବର ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରିଛି। ସେଥିମଧ୍ୟରେ ଏକାଧିକ ବ୍ୟାଙ୍କ ପାସବୁକ୍, ସ୍ୱାଇପ୍ ମେସିନ୍, ନକଲି କମ୍ପାନୀର ସିଲ୍ ଓ ମୋହର, ଏକ ପ୍ରିଣ୍ଟର୍ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ସାମିଲ ରହିଛି। ସାଇବର ଅପରାଧୀମାନେ ନିରୀହ ଲୋକଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କ ଆକାଉଣ୍ଟକୁ 'ମ୍ୟୁଲ୍ ଆକାଉଣ୍ଟ' ଭାବେ ବ୍ୟବହାର କରୁଛନ୍ତି। ତେଣୁ ସାଧାରଣ ଲୋକେ ନିଜ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ କାହାକୁ ନ ଦେବାକୁ ପୁଲିସ ପକ୍ଷରୁ ବାରମ୍ବାର ସତର୍କ କରାଯାଉଛି। ସାଇବର ଅପରାଧ ଭଳି ଏକ ସମ୍ବେଦନଶୀଳ ଘଟଣାରେ ଖୋଦ୍ ବ୍ୟାଙ୍କ ଏଜେଣ୍ଟ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବାରୁ ପୁଲିସ ଘଟଣାକୁ ଗୁରୁତର ସହ ନେଇଛି। ଏହି ବିଶାଳ ନେଟୱାର୍କରେ ଅନ୍ୟ କେଉଁ କର୍ମଚାରୀଙ୍କ ସମ୍ପୃକ୍ତି ଅଛି କି ନାହିଁ, ତାହାର ଖୋଳତାଡ଼ ଜାରି ରହିଛି ଏବଂ ଫେରାର ଥିବା ମାଷ୍ଟରମାଇଣ୍ଡକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### କେଡିଏର ୧୪୪ତମ କର୍ତ୍ତୃପକ୍ଷ ବୈଠକ

# ବିକାଶମୂଳକ ପ୍ରକଳ୍ପ ଓ ମାର୍କେଟ୍ କମ୍ପ୍ଲେକ୍ସ ପୁନର୍ବିକାଶର ସମୀକ୍ଷା



କଟକ,୮।୯(ସଂଚାର ବ୍ୟୁରୋ): କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ)ର ୧୪୪ତମ କର୍ତ୍ତୃପକ୍ଷ ବୈଠକ ଆଜି କେଡିଏ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶତ୍ରୁଘ୍ନ କର, କେଡିଏ ଉପାଧ୍ୟକ୍ଷା କିରଣଦୀପ କୌର ସହୋତାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଥିଲେ। ବୈଠକରେ କଟକ ସହରର ନଗରୀୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନାଗରିକ ସୁବିଧାରେ ଉନ୍ନତି ଆଣିବା ଲକ୍ଷ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପଦକ୍ଷେପ ସମୀକ୍ଷା ଓ ଅନୁମୋଦନ କରାଯାଇଥିଲା। ସୁଚିନ୍ତିତ ଓ ସମନ୍ୱିତ ନଗରୀୟ ବିକାଶ ଉପରେ ଗୁରୁତ୍ୱ ଦେଇ ସେକ୍ଟର-୧୫ର ବିକାଶ କାର୍ଯ୍ୟକୁ କର୍ତ୍ତୃପକ୍ଷ ଅନୁମୋଦନ କରିଛନ୍ତି।

ଚଣ୍ଡୀପ୍ରସାଦ ଟାଉନ୍ ପ୍ଲାନିଂ ସ୍କିମ୍‌ର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଚାଲୁଥିବା ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ଯେ ବୈଠକରେ କଟକ ସହରର ବିକାଶ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସମୀକ୍ଷା କରାଯିବା ସହ କିଛି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏଥିସହ ଟାଉନ୍ ପ୍ଲାନିଂ ସ୍କିମ୍, ମହାନଦୀ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଓ ବିଭିନ୍ନ ସଡ଼କ ନିର୍ମାଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଛି। କଟକ ସହରର ଆବଶ୍ୟକତାକୁ ଦୃଷ୍ଟିରେ ରଖି କପଡ଼ା ମଣ୍ଡି ପ୍ରତିଷ୍ଠା କରିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏଥିସହ ସହରର ଟ୍ରାଫିକ୍ ଭିଡ଼ ଓ ଯାତାୟାତ ସମସ୍ୟା ହ୍ରାସ କରିବା ପାଇଁ ଏକ ସମନ୍ୱିତ ସିଟି ଡିକନଜେସନ୍ ପ୍ଲାନ୍ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରାଯିବ। ସହରର ବିଭିନ୍ନ ମାର୍କେଟ୍ କମ୍ପ୍ଲେକ୍ସର ପୁନର୍ବିକାଶକୁ ମଧ୍ୟ କର୍ତ୍ତୃପକ୍ଷ ଅନୁମୋଦନ କରିଛନ୍ତି। ପୁରୁଣା ବଜାର ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ସହ ମୌଳିକ ସୁବିଧାରେ ଉନ୍ନତି, ବ୍ୟବସାୟୀ, ବିକ୍ରେତା ଓ ଗ୍ରାହକଙ୍କ ପାଇଁ ଅଧିକ ସୁସଂଗଠିତ, ନିରାପଦ ଓ ସୁବିଧାଜନକ ପରିବେଶ ସୃଷ୍ଟି କରିବା ଏହି ପୁନର୍ବିକାଶର ମୁଖ୍ୟ ଉଦ୍ଦେଶ୍ୟ।

# ବାଲେଶ୍ୱରରେ ୫ ବିଦେଶୀ ଅତିଥି



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ବାଲେଶ୍ୱର ଭୋଗରାଇର ବିଚିତ୍ରପୁରରୁ ଏକାଥରେ ୫ଟି ଓରାଙ୍ଗଉଟାନ୍ ଠାବ ହେବା ପରେ ଚାରିଆଡ଼େ ଚର୍ଚ୍ଚା। ଭାରତରେ ଯାହାର ପ୍ରାକୃତିକ ବାସସ୍ଥାନ ନାହିଁ, ସେହି ବିରଳ ପ୍ରାଣୀ ଭୋଗରାଇରେ କେମିତି ପହଞ୍ଚିଲେ, କେଉଁଠୁ ଆସିଲେ, କିଏ ଆଣିଲା ? କେଉଁ ରାସ୍ତା ଦେଇ ଓଡ଼ିଶାରେ ପହଞ୍ଚିଲେ ? ଆଉ ଏହା ପଛରେ କୌଣସି ଅନ୍ତର୍ଜାତୀୟ ଚୋରାଚାଲାଣକାରୀଙ୍କ ଲିଙ୍କ୍ ରହିଛି କି ? ଏଭଳି ଅନେକ ପ୍ରଶ୍ନକୁ ନେଇ ତଦନ୍ତ ଆରମ୍ଭ କରିଛି ବନ ବିଭାଗର ୱାଇଲ୍ଡଲାଇଫ କ୍ରାଇମ ୱିଙ୍ଗ। ବାଲେଶ୍ୱର ଭୋଗରାଇର ବିଚିତ୍ରପୁର। ସମୁଦ୍ରକୂଳିଆ ଏହି ଅଞ୍ଚଳରେ ସକାଳୁ ସକାଳୁ ହଠାତ ନଜର ଆସିଥିଲେ ୫ଟି ଓରାଙ୍ଗଉଟାନ। ଓରାଙ୍ଗଉଟାନର ପ୍ରାକୃତିକ ବାସସ୍ଥାନ ଦକ୍ଷିଣ-ପୂର୍ବ ଏସିଆର ଇଣ୍ଡୋନେସିଆ ଓ ମାଲେସିଆ ଅଞ୍ଚଳ। ତେବେ ଭୋଗରାଇର ବିଚିତ୍ରପୁରରେ ଏକାଥରକେ ୫ଟି ଓରାଙ୍ଗଉଟାନ କେମିତି ପହଞ୍ଚିଲେ, ଏହି ପ୍ରଶ୍ନଗୁଡ଼ିକ ଏବେ ତଦନ୍ତର କେନ୍ଦ୍ରବିନ୍ଦୁ ପାଲଟିଛି। ଘଟଣା ସାମ୍ନାକୁ ଆସିବା ପରେ ବିଚିତ୍ରପୁରରେ ପହଞ୍ଚିଥିଲା ସ୍ଥାନୀୟ ପୁଲିସ। ଏହାପରେ ନନ୍ଦନକାନନରୁ ଭେଟେରିନାରୀ ଡାକ୍ତରଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ପହଞ୍ଚିଥିଲା। ପ୍ରଥମେ ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ସ୍ୱତନ୍ତ୍ର ଗାଡ଼ିରେ ବରଫ ରଖି ତାପମାତ୍ରା ନିୟନ୍ତ୍ରଣରେ ରଖି ସେମାନଙ୍କୁ ନନ୍ଦନକାନନ ଅଣାଯାଇଛି। ତେବେ ଏହି ପାଞ୍ଚ ବିଦେଶୀ ପ୍ରାଣୀଙ୍କ ଆଗମନ ପଛରେ ଲୁଚି ରହିଛି କି ବଡ଼ ରହସ୍ୟ ? ଯଦି ଏହା ପଛରେ ଚୋରାଚାଲାଣର କୌଣସି ଲିଙ୍କ୍ ରହିଛି, ତେବେ ଏହାର ଚେର କେଉଁଠି ? କିଏ ଆଣିଥିଲା ଓ କାହା ମାଧ୍ୟମରେ ଏମାନେ ଓଡ଼ିଶାରେ ପହଞ୍ଚିଥିଲେ ? ଏବେ ସେହି ସବୁ ପ୍ରଶ୍ନର ଉତ୍ତର ଖୋଜାଚାଲିଛି।

### ବାଲି ଚୋରାଚାଲାଣ ବିରୋଧରେ ବଡ଼ ଚଢ଼ାଉ

# ୧୨ ହାଇୱା ସହ ପୋକଲେନ୍ ଜବତ

ସୁନ୍ଦରଗଡ଼,୮।୯(ସଂଚାର ବ୍ୟୁରୋ): ଦୀର୍ଘଦିନର ଅଭିଯୋଗ ପରେ ଶେଷରେ ବାଲି ଚୋରାଚାଲାଣ ବିରୋଧରେ ଆକ୍ସନ୍ ମୋଡ୍‌କୁ ଆସିଛି ଖଣି ବିଭାଗ ଓ ଭଷ୍ମା ପୁଲିସ। ଭଷ୍ମା ଥାନା ଅନ୍ତର୍ଗତ ବିଭିନ୍ନ ବାଲିଘାଟରେ ମିଳିତ ଚଢ଼ାଉ କରି ବଡ଼ ସଫଳତା ହାସଲ କରିଛି ଖଣି ବିଭାଗ। ଆଜି ଭଷ୍ମା ଥାନା ଅନ୍ତର୍ଗତ କୁଣ୍ଡୁକେଳା, ଭଷ୍ମା, ଦଲଦଲି ଓ କୁଡ଼ାବଗା ଅଞ୍ଚଳର ବିଭିନ୍ନ ବାଲିଘାଟରେ ଖଣି ବିଭାଗ ଓ ଭଷ୍ମା ପୁଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ୧୨ଟି ହାଇୱା, ୨ଟି ପୋକଲେନ୍ ଓ ଗୋଟିଏ ଜେସିବି ଜବତ କରାଯାଇଛି। ସୂଚନାନୁସାରେ, ଦୀର୍ଘ ଦିନ ଧରି ଏହି ଅଞ୍ଚଳର ବିଭିନ୍ନ ବାଲିଘାଟରୁ ବିନାନୁମତିରେ ବାଲି ଉଠାଇ ବେଆଇନ ଭାବେ ଚୋରାଚାଲାଣ କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବିଶେଷକରି ଇବ ନଦୀର ବିଭିନ୍ନ ଘାଟରୁ ବିନାନୁମତିରେ ବାଲି ଉଠାଯାଇ ଭାରୀ ଯାନ ଯୋଗେ ଚୋରାଚାଲାଣ ହେଉଥିବା ଅଭିଯୋଗ ରହିଛି। ଫଳତଃ ଗୋଟିଏ ପଟେ ସରକାର ବିପୁଳ ରାଜସ୍ୱ ହରାଉଥିବା ବେଳେ ଅନ୍ୟପଟେ ଏହି ବେଆଇନ ଚାଲାଣ ଯୋଗୁଁ ଗ୍ରାମାଞ୍ଚଳର ରାସ୍ତାଘାଟ ଖରାପ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଦିନରାତି ବାଲି ବୋଝେଇ ଭାରୀ ଯାନବାହନ ଚଳାଚଳ କରିବା ଯୋଗୁଁ ଅନେକ ଗ୍ରାମୀଣ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ୁଛି। ତେବେ ହଠାତ୍ ଅଧରାତିରେ ଏଭଳି ବଡ଼ ଧରଣର ଚଢ଼ାଉ ଓ ଏତେସଂଖ୍ୟକ ଗାଡ଼ି ଓ ମେସିନ୍ ଜବତ ହେବା ପରେ ବାଲି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ମାଫିଆ ଙ୍କ ମଧ୍ୟରେ ଛନକା ପଶିଛି। ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବାଲି ଚୋରାଚାଲାଣ ନେଇ ସ୍ଥାନୀୟ ଲୋକେ ଅନେକ ଥର ଜିଲ୍ଲାପାଳ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ ଓ ଦାବି ଜଣାଇଆସୁଛନ୍ତି। ତଥାପି ବାଲି ଚୋରାଚାଲାଣକୁ ସମ୍ପୂର୍ଣ୍ଣ ଭାବେ ରୋକିବାରେ ପ୍ରଶାସନ କେତେ ସଫଳ ହୋଇଛି, ତାହାକୁ ନେଇ ଏବେ ବି ପ୍ରଶ୍ନ ଉଠୁଛି। ଖଣି ବିଭାଗ ପକ୍ଷରୁ କେତେବେଳେ କେମିତି ବାଲିଘାଟରେ ଚଢ଼ାଉ କରାଯାଇ ବାଲି ପରିବହନ କରୁଥିବା ଗାଡ଼ିକୁ ଜରିମାନା କରାଯାଉଛି। କିନ୍ତୁ ଏଭଳି ଅସ୍ଥାୟୀ କାର୍ଯ୍ୟାନୁଷ୍ଠାନରେ ପ୍ରତିଦିନ ଚାଲିଥିବା ବାଲି ଚୋରାଚାଲାଣକୁ ପୂରାପୂରି ରୋକାଯାଇପାରିବ କି ବୋଲି ପ୍ରଶ୍ନ ଉଠୁଛି।

# ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ନିଲମ୍ବିତ



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ଦୁର୍ଗା ଛୁରିଆଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ରାଜନୈତିକ କାର୍ଯ୍ୟକଳାପରେ ସମ୍ପୃକ୍ତି ଥିବା ଅଭିଯୋଗରେ ଓଡ଼ିଶା ସହକାରୀ ସମିତି ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ପୂର୍ବତନ ବିଧାୟିକା ଶ୍ରୀମତୀ ଛୁରିଆଙ୍କ ସ୍ୱାମୀ ଦୁର୍ଗା ଛୁରିଆ କନ୍ଧମାଳ ଡିଆରସିଏସରେ କାର୍ଯ୍ୟ କରୁଥିଲେ। ଏଥିସହ ଭୁବନେଶ୍ୱର ସମବାୟ ମୁଖ୍ୟାଳୟରେ ସେ ଏସଏଆରସିଏସ ଭାବେ କାର୍ଯ୍ୟରତ ଥିଲେ। ରାଜନୈତିକ ସମ୍ପୃକ୍ତି ନେଇ ଅଭିଯୋଗ ଆସିବା ପରେ ଏହା ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ନିୟମ, ୧୯୫୯ର ନିୟମ-୫ର ଉଲ୍ଲଂଘନ ବୋଲି ଆଦେଶରେ ଉଲ୍ଲେଖ ରହିଛି। ନିଲମ୍ବନ ସମୟରେ ସେ ମୁଖ୍ୟାଳୟ ଭୁବନେଶ୍ୱରରେ ରହିବେ ଏବଂ ଅନୁମତି ନ ନେଇ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଥିସହ ଓଡ଼ିଶା ସର୍ଭିସ କୋଡ୍‌ର ନିୟମ-୯ ଅନୁଯାୟୀ ତାଙ୍କୁ ନିର୍ଦ୍ଧାରିତ ଜୀବିକା ଭତ୍ତା ପ୍ରଦାନ କରାଯିବ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଇଆଇସି ପରିଚୟପତ୍ର ସହ ଆଧାର ଲିଙ୍କ ବାଧ୍ୟତାମୂଳକ




ନୂଆଦିଲ୍ଲୀ,୮।୯: କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ହିତାଧିକାରୀମାନଙ୍କୁ ସେମାନଙ୍କ ପରିଚୟପତ୍ର (ଇଏସ୍ଆଇସି ପେହଚାନ କାର୍ଡ) ସହ ଆଧାର କାର୍ଡ ଲିଙ୍କ୍ କରିବାକୁ ପଡ଼ିବ। ଇଏସ୍ଆଇସିର ବିଭିନ୍ନ ସୁବିଧା ପାଇବା ଲାଗି ସେମାନଙ୍କୁ ଆଧାର ପ୍ରମାଣୀକରଣ କରିବାକୁ ପଡ଼ିବ। ସାମାଜିକ ସୁରକ୍ଷା ସଂହିତା ୨୦୨୦ର ଧାରା ୧୪୨ ଅଧୀନରେ ଏହାକୁ ବାଧ୍ୟତାମୂଳକ କରାଯାଇଛି ବୋଲି ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ପ୍ରକାର କଳକାରଖାନା ଓ ସଂସ୍ଥାରେ କାର୍ଯ୍ୟ କରୁଥିବା ଯୋଗ୍ୟ କର୍ମଚାରୀମାନଙ୍କୁ ଇଏସ୍ଆଇସି ତରଫରୁ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦିଆଯାଉଛି। ମାସିକ ୨୧ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ପାଉଥିବା କର୍ମଚାରୀମାନଙ୍କୁ ଏହି ସ୍କିମ୍‌ରେ ସାମିଲ କରାଯାଇଛି। କିନ୍ତୁ ଦିବ୍ୟାଙ୍ଗ କର୍ମଚାରୀଙ୍କ କ୍ଷେତ୍ରରେ ଦରମା ସୀମାକୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଇଏସ୍ଆଇସି ୱେବ୍‌ସାଇଟ୍ ଜରିଆରେ ହିତାଧିକାରୀମାନେ ସେମାନଙ୍କ ଆଧାର ଲିଙ୍କ କରାଇପାରିବେ। ଇଏସ୍ଆଇସି ତରଫରୁ ଅସୁସ୍ଥତା କିମ୍ବା ସାମୟିକ ଭିନ୍ନକ୍ଷମ, କାମ କରିବା ବେଳେ ଆଘାତ ଯୋଗୁଁ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇପଡ଼ିଲେ ଦିବ୍ୟାଙ୍ଗ ପେନସନ, ନିଯୁକ୍ତି ସମ୍ପର୍କିତ ଆଘାତରୁ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ନିର୍ଭରଶୀଳ ଲୋକମାନଙ୍କୁ ଆର୍ଥିକ ସହାୟତା ଆଦି ଦିଆଯାଉଛି।

## ୩୦ ବର୍ଷ ପରେ ଗୋଟିଏ ଦିନରେ ୬ ଆଇପିଓ




ନୂଆଦିଲ୍ଲୀ,୮।୯:ଭାରତୀୟ ପୁଞ୍ଜି ବଜାରରେ ଆସନ୍ତାକାଲି ଗୋଟିଏ ଦିନରେ ୬ଟି ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜାରି ହେବ। ଦୀର୍ଘ ୩୦ ବର୍ଷ ପରେ ପୁଣି ଥରେ ଏଭଳି ଘଟିବାକୁ ଯାଉଛି। ଶେଷ ଥର ପାଇଁ ୧୯୯୬ ଅକ୍ଟୋବର ୧୪ରେ ଗୋଟିଏ ଦିନରେ ୬ଟି ଆଇପିଓ ଆସିଥିଲା। ଏହି ୬ଟି ଆଇପିଓ ଜରିଆରେ କମ୍ପାନିଗୁଡ଼ିକ ପ୍ରାୟ ୪,୩୮୬ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୧୯୯୬ରେ ଆସିଥିବା ୬ ଆଇପିଓ ମାଧ୍ୟମରେ କମ୍ପାନିଗୁଡ଼ିକ ମାତ୍ର ୨୨ କୋଟି ଟଙ୍କା ବଜାରରୁ ସଂଗ୍ରହ କରିଥିଲେ। ତିନି ଦଶନ୍ଧି ପରେ ସେଭଳି ସଂଯୋଗ ପୁଣିଥରେ ଆସିଛି। ଏଥର କିନ୍ତୁ କମ୍ପାନିଗୁଡ଼ିକ ବିପୁଳ ପରିମାଣର ପାଣ୍ଠି ସଂଗ୍ରହ କରିବାକୁ ଯାଉଛି ଯାହା ଭାରତୀୟ ପୁଞ୍ଜି ବଜାରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତିକୁ ଦର୍ଶାଉଛି। ରେଣ୍ଟୋମୋଜୋ, ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନି ଇଣ୍ଡିଆ, ମଣିପାଲ ପେମେଣ୍ଟ୍ ଆଣ୍ଡ ଆଇଡେଣ୍ଟିଟି ସଲ୍ୟୁସନ୍ସ, ଷ୍ଟିମ୍‌ହାଉସ୍ ଇଣ୍ଡିଆ, ଏଲସିସି ପ୍ରୋଜେକ୍ଟସ୍ ଓ କରମତାରା ଇଞ୍ଜିନିୟରିଂ ଏହି ଆଇପିଓଗୁଡ଼ିକୁ ଜାରି କରିବେ। ଚଳିତ ସପ୍ତାହରେ ୧୨ଟି ଆଇପିଓ ଆସିବା ଯୋଜନା ରହିଛି।

## ଏଆଇ+ର ନେକ୍ସଟ୍ କ୍ୱାଣ୍ଟମ୍ ଓଏସ୍

ଭୁବନେଶ୍ୱର,୮।୯: ଏଆଇ+ ସ୍ମାର୍ଟଫୋନ୍ ପକ୍ଷରୁ ନେକ୍ସଟ୍ କ୍ୱାଣ୍ଟମ୍ ଓଏସ୍ ଭି ୧.୧ ଉନ୍ମୋଚନ କରାଯାଇଛି। ଏଥିରେ ଦୃଢ଼ ଗୋପନୀୟତା ଫ୍ରେମ୍‌ୱର୍କ ରହିଛି। ଡିଜାଇସ୍ ଓ ଡାଟାକୁ କିଭଳି ଆପ୍ଲିକେସନଗୁଡ଼ିକ ବ୍ୟବହାର କରୁଛନ୍ତି ତାହାକୁ ଏହା ଜରିଆରେ ବ୍ୟବହାରକାରୀ ଭଲ ଭାବେ ଜାଣିପାରିବେ। ଏଥିରେ ଶତ ପ୍ରତିଶତ ଡାଟା ଟ୍ରାଫିକ୍ ଭାରତରେ ଥିବା ଭିତ୍ତିଭୂମି ଜରିଆରେ ପରିଚାଳିତ ହେବ। ଏଥିରେ ବ୍ୟବହାରକାରୀଙ୍କ ତଥ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ରହିପାରିବ। ଏଥିରେ ନେକ୍ସଟ୍‌ପ୍ରାଇଭେସି ଡ୍ୟାସ୍‌ବୋର୍ଡ ରହିଛି ଯାହା ସବୁ ଆପ୍ଲିକେସନ ଅନୁମତିକୁ ଗୋଟିଏ ଇଣ୍ଟରଫେସ୍‌କୁ ଆଣିପାରିଛି। ନେକ୍ସଟ୍‌କ୍ୱାଣ୍ଟମ୍ ସିଫ୍ଟ ଟେକ୍ନୋଲୋଜିସ୍‌ର ସିଇଓ ମାଧବ ସେଠ୍ କହିଛନ୍ତି ଯେ ପ୍ରଯୁକ୍ତିର ଭବିଷ୍ୟତ ଆମେ ତାହାକୁ କିଭଳି ବ୍ୟବହାର କରୁଛନ୍ତି ନୁହେଁ, ବରଂ କିଭଳି ବିଶ୍ୱାସ କରୁଛେ ତାହା ଉପରେ ନିର୍ଭର କରିବ। ଆମର ନେକ୍ସଟ୍‌କ୍ୱାଣ୍ଟମ୍ ଓଏସ୍ ଗଠରେ ମୂଳରେ ରହିଛି ବିଶ୍ୱାସ। ଗୋପନୀୟତା, ସୁରକ୍ଷା ଓ ବ୍ୟବହାରକାରୀ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରୁଥିବା ଏକ ପ୍ଲାଟଫର୍ମ ବିକାଶ କରିବା ପ୍ରତି ଆମର ରହିଥିବା ପ୍ରତିବଦ୍ଧତାର ଏକ ଅଂଶ ହେଉଛି ଏହି ଅପରେଟିଂ ସିଷ୍ଟମ।




## ସ୍ମାର୍ଟ ଓ ସ୍ୱାସ୍ଥ୍ୟକର ରୋଷେଇ ପାଇଁ କେନଷ୍ଟାରର ନୂଆ ଏୟାର ଫ୍ରାୟର୍

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଘରୋଇ ଉପକରଣ କ୍ଷେତ୍ରର ଅଗ୍ରଣୀ ବ୍ରାଣ୍ଡ କେନଷ୍ଟାର ଭାରତର ଏକ ବିସ୍ତୃତ ଏୟାର ଫ୍ରାୟର ସମ୍ଭାର ଶୁଭାରମ୍ଭ କରିଛି। ୪୫ରୁ ଅଧିକ ଏସକେୟୁ ଥିବା ଏହି ନୂଆ ପୋର୍ଟଫୋଲିଓରେ ବିଭିନ୍ନ କ୍ଷମତା, ଡିଜାଇନ ଓ କୁକିଙ୍ଗ ସୁବିଧା ସହ ଏୟାର ଫ୍ରାୟର ସାମିଲ ହୋଇଛି। ଆଧୁନିକ ରୋଷେଇ ଘରର ଆବଶ୍ୟକତାକୁ ଧ୍ୟାନରେ ରଖି ଡିଜାଇନ୍ ହୋଇଥିବା ଏହି ସମ୍ଭାରରେ ଷ୍ଟାର ସେଫ୍ ଏୟାର ଫ୍ରାୟର ଓଭେନ, ଡୁଓ ଫିଷ୍ଟ ଡୁଆଲ୍ ବାସ୍କେଟ, ପିଓର ଭ୍ୟୁ ଅଲ୍-ଗ୍ଲାସ୍, ଡେଲି କୁକ୍ ଏବଂ ସେଲିବ୍ରେସନ୍ ଗିଫ୍ଟିଙ୍ଗ୍ ଶୃଙ୍ଖଳ ରହିଛି। ଏହି ମଡ଼େଲଗୁଡ଼ିକ ବିଭିନ୍ନ ପରିବାରର ଆକାର ତଥା ରୋଷେଇ ଘରର ଆବଶ୍ୟକତା ଅନୁଯାୟୀ ବିଭିନ୍ନ କ୍ଷମତାରେ ଉପଲବ୍ଧ। ସାଢ଼େ ୪ ଲିଟରରୁ ୧୨ ଲିଟର ପର୍ଯ୍ୟନ୍ତ ବିଭିନ୍ନ କ୍ଷମତାର ମଡେଲ ଉପଲବ୍ଧ ରହିଛି। ଏହି ଏୟାର ଫ୍ରାୟରଗୁଡ଼ିକରେ ୩୬୦-ଡିଗ୍ରୀ ଟର୍ବୋ ଏୟାର ଓ ଡୁଓକୋର ଇଣ୍ଟେଲି ହିଟିଙ୍ଗ ଟେକ୍ନୋଲୋଜି ଭଳି ଉନ୍ନତ ବୈଶିଷ୍ଟ୍ୟ ରହିଛି। ଏହା ଉତ୍ତାପର ସମାନ ବଣ୍ଟନ ସହ କମ୍ ତେଲରେ କୁରକୁରିଆ ଓ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତିରେ ସହାୟତା କରେ। ନିର୍ଦ୍ଦିଷ୍ଟ ମଡେଲରେ ରିହିଟ୍, ଗ୍ରିଲ୍, ଟୋଷ୍ଟ, ତନ୍ଦୁର, ଡିହାଇଡ୍ରେଟ୍ ଓ ବେକ୍ ଭଳି ବିଭିନ୍ନ କୁକିଙ୍ଗ ମୋଡ୍ ରହିଛି।



କେନଷ୍ଟାର ସିଇଓ ସୁନୀଲ ଜୈନ କହିଛନ୍ତି ଯେ, ଆଧୁନିକ ଭାରତୀୟ ପରିବାରର ବଦଳୁଥିବା ରୋଷେଇ ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ସମ୍ଭାର ପ୍ରସ୍ତୁତ କରାଯାଇଛି। ଏହା ଗ୍ରାହକଙ୍କୁ ସୁବିଧା, ବହୁମୁଖୀ ବ୍ୟବହାର ଓ ଆଧୁନିକ ଡିଜାଇନର ସମନ୍ୱୟ ପ୍ରଦାନ କରିବ। ଔରଙ୍ଗାବାଦସ୍ଥିତ କେନଷ୍ଟାରର ନିଜସ୍ୱ ଉତ୍ପାଦନ କାରଖାନାରେ ଏହି ଉତ୍ପାଦଗୁଡ଼ିକ ନିର୍ମାଣ ହେଉଛି। ଏଗୁଡ଼ିକ ଖୁଚୁରା ଆଉଟଲେଟ୍ ସହ ଫ୍ଲିପକାର୍ଟ, ଆମାଜନ, କ୍ୱିକ୍-କମର୍ସ ଓ ଆଧୁନିକ ଟ୍ରେଡ୍ ଆଉଟଲେଟ୍‌ରେ ଉପଲବ୍ଧ। ଏହି ସମ୍ପୂର୍ଣ୍ଣ ଏୟାର ଫ୍ରାୟର ସମ୍ଭାର ୨-ବର୍ଷର ୱାରେଣ୍ଟି ସହ ଆରଓଏଚଏସ, ଆଇଏସଆଇ ଏବଂ ଆଇଏସଓ ପ୍ରମାଣପତ୍ର ପ୍ରାପ୍ତ, ଯାହା ପ୍ରତ୍ୟେକ କ୍ରୟ ସହ ଗ୍ରାହକଙ୍କୁ ଅଧିକ ଆଶ୍ୱାସନା ପ୍ରଦାନ କରେ।

## ଆମେରିକାରେ ଭାରତୀୟ କୋଟିପତିଙ୍କ ପତିଆରା

ନୂଆଦିଲ୍ଲୀ: ଆମେରିକାରେ ରହୁଥିବା ପ୍ରବାସୀ ବିଲିଅନେୟାରଙ୍କ ମଧ୍ୟରେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କ ପତିଆରା ବଢ଼ିଛି। ୨୦୨୬ରେ ପ୍ରକାଶିତ ଫୋର୍ବସ୍ ତାଲିକା ଅନୁସାରେ, ଆମେରିକାରେ ରହୁଥିବା ସବୁଠାରୁ ଅଧିକ ବିଦେଶ ଜନ୍ମିତ ବିଲିଅନେୟାରଙ୍କ ଉତ୍ସ ଭାବେ ଭାରତ ଶୀର୍ଷରେ ରହିଛି। ତାଲିକାରେ ମୋଟ ୧୯ ଜଣ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସ୍ଥାନ ପାଇଛନ୍ତି। ଏହା ପୂର୍ବରୁ ୨୦୨୫ ମସିହାରେ ପ୍ରକାଶ ପାଇଥିବା ତାଲିକାରେ ଆମେରିକାରେ ଥିବା ଭାରତ ଜନ୍ମିତ କୋଟିପତିଙ୍କ ସଂଖ୍ୟା ଥିଲା ୧୨ ଜଣ। ସେତେବେଳେ ଏହା ଅନ୍ୟ ବିଦେଶୀ ରାଷ୍ଟ୍ର ଠାରୁ ସର୍ବାଧିକ ଥିଲା।

ଚଳିତ ବର୍ଷ ଏହି ତାଲିକାରେ ୭ ଜଣ ନୂଆ ଭାରତୀୟ-ଆମେରିକୀୟ ବିଲିଅନେୟାର ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଭେଞ୍ଚର କ୍ୟାପିଟାଲିଷ୍ଟ ହେମନ୍ତ ତନେଜା, ପାଲାଣ୍ଟିରର ଚିଫ୍ ଟେକ୍ନୋଲୋଜି ଅଫିସର ଶ୍ୟାମ ସଙ୍କର ଏବଂ ସେମିକଣ୍ଡକ୍ଟର କମ୍ପାନୀ (ଆଷ୍ଟେରା ଲ୍ୟାବ୍ସ) ଇତ୍ଥବ୍ୱରକ୍ସବ ଖବଭତ୍ୱର ପ୍ରତିଷ୍ଠାତା ସଂଜୟ ଗଜେନ୍ଦ୍ର ଏବଂ ଜିତେନ୍ଦ୍ର ମୋହନ ରହିଛନ୍ତି। ଭାରତ ପରେ ଆମେରିକାରେ ଇସ୍ରାଏଲ, ତାଇୱାନ ଓ ଚୀନ୍ ଜନ୍ମିତ କୋଟିପତିଙ୍କ ସଂଖ୍ୟା ଅଧିକ ରହିଛି। ତେବେ ଆମେରିକାର ବ୍ୟବସାୟ ଓ ଟେକ୍ନୋଲୋଜୀ କ୍ଷେତ୍ରରେ ଭାରତୀୟ ପ୍ରବାସୀଙ୍କ ବଢ଼ୁଥିବା ପ୍ରଭାବର ଚିତ୍ର ସାମ୍ନାକୁ ଆସିଛି।




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୦୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୮୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୫୬ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୮.୯୬ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୬୫ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ସମସ୍ୟା ଘେରରେ ଗୋଛାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ

### ଭଙ୍ଗା ଗୃହରେ ଖାଉଛନ୍ତି ପିଲା

### ଶୌଚାଳୟରେ ତାଲା

### ନାହିଁ ପାନୀୟ ଜଳର ସୁବିଧା




ଫୁଲବାଣୀ,୮।୯ (ସଂଚାର ବ୍ୟୁରୋ)ଃ ସରକାର ସବୁବେଳେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି । ଏବେ ନୂତନ ଭାବେ ଶିଶୁ ବାଟିକା ଖୋଲା ଯାଇଛି। ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ବହୁ କାର୍ଯ୍ୟକ୍ରମ କରାଯାଉଛି । ଅଭିଭାବକ ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼ାଇବାକୁ ଆଗଭର ହେଉଛନ୍ତି । କିନ୍ତୁ ବିଦ୍ୟାଳୟରେ ଆନୁସଙ୍ଗିକ ଅବ୍ୟବସ୍ଥା ଯୋଗୁ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରଙ୍କ ମନ ଭାଙ୍ଗି ଯାଉଛି । ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ପାଖରେ ଆନୁସଙ୍ଗିକ ବ୍ୟବସ୍ଥା ଠିକ କରିବା ପାଇଁ ଅଭିଯୋଗ କରୁଥିଲେ ହେଁ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ବଜାର ପାଖରେ ଥିବା ଗୋଛାପଡା ପ୍ରାଥମିକ ବିଦ୍ୟାଳୟକୁ ଗଲେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ସ୍ପଷ୍ଟ ବାରି ହୋଇପଡୁଛି ।

୧୮୮୦ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଏଠାରେ ଶିଶୁ ବାଟିକାଠାରୁ ଆରମ୍ଭ କରି ୫ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଶିଶୁ ବାଟିକାରେ ୩୭, ପ୍ରଥମ ଶ୍ରେଣୀରେ ୪୨, ଦ୍ୱିତୀୟ ଶ୍ରେଣୀରେ ୨, ତୃତୀୟ ଶ୍ରେଣୀରେ ୨୭, ଚତୁର୍ଥ ଶ୍ରେଣୀରେ ୨୧ ଓ ପଂଚମ ଶ୍ରେଣୀରେ ୨୭ ଜଣ ପିଲାଙ୍କୁ ମିଶାଇ ମୋଟ ୧୫୬ ଜଣ ପିଲା ପଢୁଛନ୍ତି । ବିଦ୍ୟାଳୟରେ ଅବ୍ୟବସ୍ଥା କାରଣରୁ ନିକଟରେ ୪ ଜଣ ପିଲା ଟିସି ନେଇ ଅନ୍ୟତ୍ର ଚାଲି ଯାଇଛନ୍ତି । ଏମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଶିଶୁ ବାଟିକାରେ ଜଣେ ଶିକ୍ଷୟିତ୍ରୀ, ୨ ଜଣ ଶିକ୍ଷକ ଏବଂ ୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି ।

ବିଦ୍ୟାଳୟରେ ଏବେ ମୁଖ୍ୟ ସମସ୍ୟା ହେଉଛି ପିଲାଙ୍କ ଖାଇବା ସ୍ଥାନ, ଶୌଚାଳୟ, ପାନୀୟ ଜଳ, ଭଙ୍ଗା ପାଚେରୀ ଏବଂ ଖେଳ ପଡିଆ । ବିଦ୍ୟାଳୟରେ ଥିବା ପୁରୁଣା ଶ୍ରେଣୀଗୃହ ଯାହା ବିପଦ ସଙ୍କୁଳ ଘୋଷଣା କରାଯାଇଛି, ସେହି ଘର ଭିତରେ ଏବଂ ବାରଣ୍ଡାରେ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ଖାଇବା ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ ହୋଇନି । ପୁରୁଣା ନୂଆକୁ ମିଶାଇ ବିଦ୍ୟାଳୟରେ ୮ଟି ଶୌଚାଳୟ ଅଛି। ସେଥିମଧ୍ୟରୁ ୫ଟି ପୁରୁଣା ହୋଇଥିବା ବେଳେ ନିକଟରେ ୩ଟି ନୂଆ ନିର୍ମାଣ ହୋଇଛି । ପାଣିର ଅଭାବରୁ ସେଥିରେ ତାଲା ପଡିଛି । ଅତି ଜରୁରୀ ହେଲେ ପିଲାମାନେ ପାଣି ବୋହିକି ନେଇ ତାଲା ଖୋଲି ବ୍ୟବହାର କରୁଛନ୍ତି । ଯାହା ସବୁବେଳେ ସମ୍ଭବ ନୁହେଁ । ଏତେ ସଂଖ୍ୟକ ପିଲାମାନଙ୍କ ପାଇଁ ପାନୀୟ ଜଳର ସୁବିଧା ନାହିଁ । ଗୋଟିଏ ନଳକୂପ ଅଛି। ସେଥିରୁ ଆଇରନ ମିଶ୍ରିତ ପାଣି ବାହାରୁଛି । ଚଳିତ ଲଘୁଚାପ ଜନୀତ ଲଗାଣ ବର୍ଷା ଯୋଗୁ ବିଦ୍ୟାଳୟ ପଛ ପାଖ ପାଚେରୀ ଭୁଷୁଡି ପଡିଛି । ଫଳରେ ବିଭିନ୍ନ ଶରୀସୃପ, ସାପ ଆଦି ଭିତରକୁ ପସି ଆସିବାର ଭୟ ରହୁଛି । ବିଦ୍ୟାଳୟର ନିଜସ୍ୱ ଖେଳ ପଡିଆ ନାହିଁ । ପିଲାମାନେ ଖେଳି ପାରୁ ନାହାନ୍ତି। ତେଣୁ ଏହି ସମସ୍ୟା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## କେଓମାଲ ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ




ସଇଁତଳା,୮।୯ (ସଂଚାର ବ୍ୟୁରୋ)ଃ ସଇଁତଳା ବ୍ଲକ୍ ଅଧୀନସ୍ଥ ଯୁରାବନ୍ଧ ଗ୍ରାମ ପଞ୍ଚାୟତର କେଓମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭେଲାରାମ ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷାର ବିଶେଷତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

କଳା ଶିକ୍ଷକ ସୁଶାନ୍ତ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଦୟାସାଗର ପାଣ୍ଡେ ଓ ରାଜେଶ କୁମାର ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାତୃଭାଷାର ସୁରକ୍ଷା, ପ୍ରସାର ଓ ଏହାର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ତଥ୍ୟ ଦିଆଯାଇଥିଲା। ଶେଷରେ ସଂସ୍କୃତ ଶିକ୍ଷକ ସଞ୍ଜୀବ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାଲା ପିକଅପ ସହ ୧୦୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଫୁଲବାଣୀ,୮।୯ (ସଂଚାର ବ୍ୟୁରୋ)ଃ ଫୁଲବାଣୀ ସଦର ଅବକାରୀ ବିଭାଗ ଦ୍ୱାରା ଏକ ଡାଲା ବୋଲେରୋ ପିକଅପ ସହ ୧୦୫ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ଗଞ୍ଜେଇ ଚାଲାଣ କରୁଥିବା ଚାଲାଣ କାରୀ କୁ ଗିରଫ କରିବାରେ ସଫଳ ହୋଇଛି । ତେବେ ସୂଚନା ଅନୁସାରେ ଅବକାରୀ ସୁପାରିଟେଣ୍ଟ ସୁଶାନ୍ତ କୁମାର ପାଢ଼ୀ ଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ବିଭାଗ ର ଏକ ଟିମ ପେଟ୍ରୋଲିଙ୍ଗ କରୁଥିବା ସମୟରେ ସନ୍ଦେହ ରେ ସୁଡ଼ରୁକୁମ୍ପା ନିକଟ ବାରହାପଦା ଛକ ରେ ଫୁଲବାଣୀ ପଟୁ ଜାଉଥିବା ଡାଲା ବୋଲେରୋ ଗାଡିକୁ ଅଟକାଇଥିଲେ ଗାଡ଼ିରୁ ତନଖି ପରେ ଗଞ୍ଜେଇ ଚାଲାଣ ହେଉଥିବା ଜଣା ପଡିଥିଲା ତେବେ ଘଟଣା ସ୍ଥଳ ରୁ ଡାଲା ବୋଲେରୋ ସହ ୧୦୫ କେଜି ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ଚାଲାଣ କାରୀ ଅନଗୁଳ ଜିଲ୍ଲା କିଆ କଟା ଥାନା ଟୋଶର ବେଡା ଗାଁର ନବୀନ ପୋଢ଼ ବୟସ ୨୨ କୁ ଗିରଫ କରିଥିଲେ । ଅନ୍ୟପଟେ ଏହି ଗଞ୍ଜେଇ ଗୋଛାପଡା ଅଞ୍ଚଳ ରୁ ଅନଗୁଳ ଯାଉଥିବା ସୂଚନା ମିଳିଛି । ଅନ୍ୟପଟେ ସଦର ଅବକାରୀ ଥାନାରେ ୧୨୬/୨୬ ରେ ଗଞ୍ଜେଇ ଚାଲାଣ କୁ ନେଇଁ ଏକ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରୀ ଭକ୍ତ ଚରଣ ସ୍ୱାଇଁ ସୂଚନା ଦେଇଛନ୍ତି ।

## କଲମ ମୁନରୁ ମୂର୍ତ୍ତୀ କାରୀଗର

### *ଘରର ପରିସ୍ଥିତି ଆଜି ଧରେଇ ଦେଇଛି ରଙ୍ଗତୁଳି*



ନୀଳଗିରି,୮।୯ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ୍ ମହିଷାପଟା ଅଞ୍ଚଳରଜଗଦୀଶ କୁମାର ସିଂ ଜଣେ ବାଣିଜ୍ୟ ବିଭାଗର ଛାତ୍ର । ଜୀବନରେ ଇଛା ଥିଲା ଯେ , ସେ ପାଠପଢ଼ି ଉଚ୍ଚ ସ୍ତରରେ ଏକ ଚାକିରି କରି ନିଜର ସ୍ୱପ୍ନ ଏବଂ ଘରର ସମସ୍ତ ଦାୟିତ୍ୱ ନେବେ। ହେଲେ ଘରର ପରିସ୍ଥିତି ଆଜି ଧରେଇ ଦେଇଛି ତାଙ୍କୁ ରଙ୍ଗତୁଳି। ସେ ଆଜି ଜଣେ ମୂର୍ତ୍ତୀ କାରୀଗର ଭାବେ ମୂର୍ତ୍ତୀ ପ୍ରସ୍ତୁତି କରି ନିଜର ଏବଂ ଘରର ଭରଣ ପୋଷଣ ଦାୟିତ୍ୱ ତୁଲାଉଛନ୍ତି। ଜଗଦୀଶ ବାଣିଜ୍ୟ ବିଭାଗରେ ଜଣେ ଭଲ ଛାତ୍ର ଥିଲେ। ହେଲେ ଘରର ପରିସ୍ଥିତି ପାଇଁ ସେ ପାଠପଢ଼ା ଛାଡ଼ି, ମୂର୍ତ୍ତୀ କାର୍ଯ୍ୟ ଶିକ୍ଷା ଆରମ୍ଭ କରିଥିଲେ। ବେଙ୍ଗଲରେ ଏକ ମୂର୍ତ୍ତୀ କାରୀଗର ସେଣ୍ଟର୍ ରେ ପ୍ରାୟ ୮ ବର୍ଷ ଧରି ସେ ମୂର୍ତ୍ତୀ ନିର୍ମାଣ ଶିକ୍ଷା ଲାଭ ପରେ, ନିଜ ଅଞ୍ଚଳରେ ଏବେ ସେ ମୂର୍ତ୍ତୀ ପ୍ରସ୍ତୁତି କରି ନିଜର ଏବଂ ଘରର ସମସ୍ତ ଦାୟିତ୍ୱ ତୁଲାଉଛନ୍ତି। ଚଳିତ ବର୍ଷ ସେ ୨୧ରୁ ଉର୍ଦ୍ଧ ଶ୍ରୀ ଗଣେଶଙ୍କ ମୂର୍ତ୍ତି ପ୍ରସ୍ତୁତି କରିଛନ୍ତି। ଲୋକମାନଙ୍କ ପସନ୍ଦ ଅନୁଯାୟୀ ଜଗଦୀଶ ଏ ବର୍ଷ ସୁନ୍ଦର ବାଲ୍ ଗଣେଶଙ୍କ ମୂର୍ତ୍ତି ପ୍ରସ୍ତୁତି କରିଥିବା ଦେଖିବାକୁ ମିଳିଛି। ମୂର୍ତ୍ତି ନିର୍ମାଣ ସହିତ ଏବେବି ସେ ପଢ଼ାପଢ଼ିରେ ସମୟ ଦେଉଥିବାରୁ ନିଜ ସ୍ୱପ୍ନ ନିଶ୍ଚୟ ଦିନେ ନା ଦିନେ ପୂରଣ ହେବ ବୋଲି ସେ ଦୃଢ଼ ବିଶ୍ୱାସ ରଖିଛନ୍ତି।

## ଚାଲାଣ ବେଳେ ୨ଗୋରୁ ଉଦ୍ଧାର, ଗାଡ଼ି ଜବତ



ଧାମନଗର,୮।୯ (ସଂଚାର ବ୍ୟୁରୋ)ଃ ଧାମନଗର ଏନ ଏ ସି ଅନ୍ତର୍ଗତ ହବିବନଗର ନିକଟସ୍ଥ କଟଣାପାହି ପଡ଼ିଆ ବାଟରେ ଯାଉଥିବା ଏକ କାରରେ ଗୋରୁ ଚାଲାଣ ହେଉଥିବା ଏକ ବିଶେଷ ସୂତ୍ରରୁ ଖବର ପାଇବା ପରେ ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ନାରାୟଣ ନାୟକ ସଦଳେବଳ ଉକ୍ତ ଗାଡିକୁ ଚଢ଼ାଉ କରି ଦୁଇଟି ଗୋରୁ ଉଦ୍ଧାର ସହ ଗାଡ଼ି ଜବତ କରିଛନ୍ତି। ତେବେ ପୁଲିସକୁ ଦେଖି କାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବ୍ୟବହୃତ କାରକୁ ପୁଲିସ ଜବତ କରି ଥାନାକୁ ଆଣି ଅଟକ ରଖିଛନ୍ତି। ଏହି ଘଟଣାର ଧାମନଗର ଥାନା କେସ୍ ନମ୍ବର ୩୭୮/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## କୋରୁଆ କନ୍ୟାଶ୍ରମରେ ପ୍ରତିଭା ପୂଜା ସଂସଦ ପକ୍ଷରୁ ସ୍ମୃତି ସଭା



ଗରଦପୁର,୮।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା କୋରୁଆ ସ୍ଥିତ କନ୍ୟାଶ୍ରମରେ ପ୍ରତିଭା ପୂଜା ସଂସଦ ପକ୍ଷରୁ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତା ରେ ସ୍ୱର୍ଗତ ଇଂ ରାଧାଚରଣ ଦାସ ଓ ନିମାଇଁ ଚରଣ ଦାସଙ୍କ ସ୍ମୃତିରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ତାଙ୍କର ତ୍ୟାଗପୁତ ଜୀବନ ଉପରେ ଆଲୋକପାତ କରା ଯାଇଥିଲା। କନ୍ୟାଶ୍ରମ ସହିତ ଉଭୟଙ୍କର ନିବିଡ ସମ୍ପର୍କ ଓ ଅନ୍ତେବାସୀ ମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ପୂର୍ବକ ବ୍ୟବହାର ର ସ୍ମୃତିଚାରଣ କରା ଯାଇଥିଲା । କାର୍ଯ୍ୟକ୍ରମରେ ସମାଜସେବ ଶ୍ରୀକାନ୍ତ ନାୟକ, ଭାଗିରଥୀ ଜେନା, ସତ୍ୟ ରଂଜନ ଦାସ, ରଜତ କୁମାର ଦାସ ଓ ସମବାୟବିତ୍ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଅସ୍ତରଙ୍ଗ-କାକଟପୁରରେ ଶିକ୍ଷା ବିଭାଗ ଭୁଶୁଡିଲା

## ୩୧ ପଞ୍ଚାୟତରେ ଶିକ୍ଷାର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି ଜଣେ ବ୍ୟକ୍ତି

### ଶ୍ରୀକାନ୍ତ ସ୍ୱାଇଁ ଏକାକୀ ୩ ପଦରେ

### ଅବଧି ସରିଲେ ମଧ୍ୟ ସିଆରସି ପଦ ମାଡି ବସିଛନ୍ତି

### ପୋଷାକ-ମଧ୍ୟାହ୍ନ ଭୋଜନରେ ଲୁଟ୍ ଅଭିଯୋଗ

କାକଟପୁର/ଅସ୍ତରଙ୍ଗ,୮।୯ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲାର ଦୁଇ ବଡ ବ୍ଲକ - ଅସ୍ତରଙ୍ଗର ୧୫ ପଞ୍ଚାୟତ, କାକଟପୁରର ୧୬ ପଞ୍ଚାୟତ। ମୋଟ ୩୧ ପଞ୍ଚାୟତରେ ଶହେରୁ ଅଧିକ ସରକାରୀ ବିଦ୍ୟାଳୟ, ହଜାର ହଜାର ଛାତ୍ରଛାତ୍ରୀ। ହେଲେ ଏହି ୩୧ ପଞ୍ଚାୟତର ଶିକ୍ଷାର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି ଜଣେ ବ୍ୟକ୍ତି। ନାଁ - ଶ୍ରୀକାନ୍ତ କୁମାର ସ୍ୱାଇଁ। ଏ ଘଟଣା ଜାଣି ଅଭିଭାବକ କହୁଛନ୍ତି - ଶିକ୍ଷା ବିଭାଗ ଭୁଶୁଡି ଯାଇଛି।

ଆଶ୍ଚର୍ଯ୍ୟ କରିଦେବ ଭଳି ତଥ୍ୟ। ଶ୍ରୀକାନ୍ତ କୁମାର ସ୍ୱାଇଁ ହେଉଛନ୍ତି ପିଏମ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ସେହି ବ୍ୟକ୍ତି ପୁଣି ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ। ସେହି ବ୍ୟକ୍ତି ପୁଣି କାକଟପୁର ମଣ୍ଡଳ ଶିକ୍ଷା ଅଧିକାରୀ। ମାନେ ଗୋଟିଏ ମୁଣ୍ଡରେ ୩ଟି ଟୋପି। ପ୍ରଧାନ ଶିକ୍ଷକ ହୋଇ ସ୍କୁଲ ସମ୍ଭାଳିବେ ନା ୨ ବ୍ଲକର ଶହ ଶହ ସ୍କୁଲ ବୁଲି ପରିଦର୍ଶନ କରିବେ? ଏଠି ସବୁ କାଗଜରେ ଚାଲିଛି।

ଏହାର ସୁଯୋଗ ନେଉଛନ୍ତି ତଳ ଅଧିକାରୀ। ଅନେକ ସିଆରସିସିଙ୍କ କାର୍ଯ୍ୟକାଳ କେବେଠୁ ସରିଛି। ନିୟମ କହୁଛି ମୂଳ ବିଦ୍ୟାଳୟକୁ ଫେର। ହେଲେ ସେମାନେ ପଦ ମାଡି ବସିଛନ୍ତି। କିଛି ବିଭାଗୀୟ ଅଧିକାରୀ ଗୋଟେ ସ୍କୁଲରେ ପ୍ରଧାନ ଶିକ୍ଷକ ଥାଇ ବି ଅନେକ ଦାୟିତ୍ୱ ରଖିଛନ୍ତି। ଅଫିସରୁ ସ୍କୁଲ, ସ୍କୁଲରୁ ଅଫିସ କରୁଛନ୍ତି। ପାଠ ପଢ଼ା ବେସାହାରା।

ପରିଣାମ ଭୟଙ୍କର। ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀ ସଠିକ ସମୟରେ ଆସୁନାହାନ୍ତି। ପଚାରିବାକୁ କେହି ନାହିଁ। ଛାତ୍ରଛାତ୍ରୀଙ୍କୁ ମିଳୁଥିବା ପୋଷାକ ନିମ୍ନ ମାନର। ମଧ୍ୟାହ୍ନ ଭୋଜନରେ ମହା ଲୁଟ। ଡାଲି ପତଳା, ଅଣ୍ଡା ବଣ୍ଟନରେ ଅନିୟମିତତା, ଚାଉଳ ହଡପ ଅଭିଯୋଗ ହେଉଛି। କେହି ଦେଖିବା ବାଲା ନାହିଁ ବୋଲି ସବୁ ଚାଲିଛି। ଅସ୍ତରଙ୍ଗ, କାକଟପୁରର ଅଭିଭାବକ ଏବେ ଗର୍ଜୁଛନ୍ତି। ପ୍ରଶ୍ନ ପଚାରୁଛନ୍ତି - ଜିଲ୍ଲା ଶିକ୍ଷା ଅଧିକାରୀ କ'ଣ କରୁଛନ୍ତି? କାହିଁକି ଜଣେ ବ୍ୟକ୍ତିକୁ ୩ଟି ପଦ? ଏହା ପଛରେ କାହାର ସ୍ୱାର୍ଥ? ତୁରନ୍ତ ୨ ବ୍ଲକ ପାଇଁ ୨ ଜଣ ସ୍ୱତନ୍ତ୍ର ମଣ୍ଡଳ ଶିକ୍ଷା ଅଧିକାରୀ ନିଯୁକ୍ତି, କାର୍ଯ୍ୟକାଳ ସରିଥିବା ସିଆରସିସିଙ୍କୁ ହଟାଇ ସ୍କୁଲକୁ ପଠାଇବା, ପୋଷାକ ଓ ମଧ୍ୟାହ୍ନ ଭୋଜନ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି ଜୋର ଧରିଛି। ଶିକ୍ଷା ବିଭାଗ ଜାଗ୍ରତ ହେବ କି?

## ପୌର କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୮।୯ (ସଂଚାର ବ୍ୟୁରୋ)ଃ ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ ତଥା ସମୟୋଚିତ ସମାଧାନ ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ବନଖଣ୍ଡ ଅଧିକାରୀ ଶ୍ରୀ ଉଦୟନ୍ ସୁବୁଦ୍ଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଆଜିର ଶିବିରରେ ମୋଟ ୪୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସହିତ ବିଭିନ୍ନ ସାମୂହିକ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ବିଷୟ ଉପସ୍ଥାପିତ ହୋଇଥିଲା।

ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣିବା ସହିତ ଅଭିଯୋଗର ପ୍ରକୃତି ଓ ତଥ୍ୟ ଅନୁଧ୍ୟାନ କରିଥିଲେ। ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ଯାଞ୍ଚ କରି ତ୍ୱରିତ ଓ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏଥିସହିତ, ପୋଲିସ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶ ଶୁଣାଣି କରିଥିଲେ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବୋର୍ଡରେ ଅଧା ଫର୍ମୁଲା, ଚାଲିଗଲେ ଯାଦୁଗର

### 'ସଂଚାର'କୁ ଶେଷ ପ୍ରତିକ୍ରିୟା ଦେଇଥିଲେ

### ନିରବିଗଲେ ଜଚିନ୍ଦ୍ର ସାର୍

### ବିଜ୍ଞାନ -ଗଣିତର ଯାଦୁଗର ଜଚିନ୍ଦ୍ର ଗୁରୁଜୀ




କାକଟପୁର/ଅସ୍ତରଙ୍ଗ,୮।୯ (ସଂଚାର ବ୍ୟୁରୋ)ଃ କ୍ଲାସରୁମର ଚକ୍ ଡଷ୍ଟର ଗନ୍ଧ ଏବେ ବି ବାକି ଅଛି, କଳା ବୋର୍ଡରେ ଅଧା ଲେଖା ହୋଇ ରହିଛି ବିଜ୍ଞାନର ଫର୍ମୁଲା। ହେଲେ ସେ ଯାଦୁଗର ଆଉ ନାହାଁନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରିୟ ଶିକ୍ଷକ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଜଚିନ୍ଦ୍ର କୁମାର ବିଶ୍ୱାଳ(୫୮)ଙ୍କ ପରଲୋକରେ ସାରା ଅସ୍ତରଙ୍ଗ କାନ୍ଦୁଛି। ସବୁଠୁ ବଡ ଦୁଃଖର କଥା ହେଲା, ଯେଉଁ ମଣିଷ ଗୁରୁଙ୍କୁ ଭଗବାନ କହୁଥିଲେ, ସେ ଆଜି ନିଜେ ଭଗବାନଙ୍କ ପାଖକୁ ଚାଲିଗଲେ। ଗତ ୫ ତାରିଖ ଗୁରୁ ଦିବସରେ "ସଂଚାର" ପ୍ରତିନିଧି ମଳୟ ବେହେରା ଯେତେବେଳେ ତାଙ୍କୁ ଗୁରୁ ଦିବସ ବାବଦରେ ପଚାରିଥିଲେ, ସେ ଆଖିରେ ଲୁହ ଆଣି ନିଜ ଗୁରୁ ରବୀନ୍ଦ୍ର ମହାନ୍ତିଙ୍କ କଥା କହିଥିଲେ - "ମୋ ଜୀବନରେ ଯାହା କିଛି ଅଛି ସବୁ ମୋ ଗୁରୁଙ୍କ ଦୟାରୁ। ଗୁରୁ ବିନା ଜୀବନ ଅଧୁରା।" ଏହି ଭାବପୂର୍ଣ ପ୍ରତିକ୍ରିୟା ଥିଲା "ସଂଚାର"କୁ ତାଙ୍କର ଶେଷ ପ୍ରତିକ୍ରିୟା। ଗୁରୁଙ୍କୁ ସମ୍ମାନ ଦେବାର ୭୨ ଘଣ୍ଟା ଭିତରେ ସେ ନିଜେ ସବୁଦିନ ପାଇଁ ଚାଲିଗଲେ। ତାଙ୍କର ସେହି ଶେଷ ବାର୍ତ୍ତା ଏବେ ଅସ୍ତରଙ୍ଗର ପ୍ରତିଟି ଘରେ ଚର୍ଚ୍ଚା ହେଉଛି।

ସୋମବାର ରାତି । ସବୁଦିନ ପରି ସାର୍ ଶୋଇଥିଲେ। ହଠାତ୍ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ କିଛି ବୁଝିବା ଆଗରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ହେଲେ ନିୟତିକୁ ଅନ୍ୟ କିଛି ମଞ୍ଜୁର ଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

## ପାଣି ମାଗିବା ବାହାନାରେ ସୁନା ଚେନ୍ ଲୁଟ୍, ଜଣେ ଗିରଫ



ଢେଙ୍କାନାଳ,୮।୯ (ସଂଚାର ବ୍ୟୁରୋ)ଃ ପାଣି ମାଗିବା ବାହାନାରେ ଘରେ ପଶି ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଲୁଟ୍ ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଢେଙ୍କାନାଳ ଟାଉନ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଭୁବନ ଓରଫ ସୁଶାନ୍ତ କୁମାର ସାହୁ (୪୭)। ତାଙ୍କ ଘର ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ କାନ୍ଦରପୁର ଗ୍ରାମରେ। ପୁଲିସ ତାଙ୍କଠାରୁ ଘଟଣାରେ ବ୍ୟବହୃତ ବାଇକ୍, ଲୁଟ୍ ସୁନା ଚେନ୍, ମୋବାଇଲ ଫୋନ୍ ସମେତ ବିଭିନ୍ନ ସାମଗ୍ରୀ ଜବତ କରିଛି ।

ଘଟଣାଟି ଗତ ୩ ତାରିଖ ଅପରାହ୍ନରେ ଢେଙ୍କାନାଳ ଟାଉନ ପ୍ଲାନିଂ ଅଞ୍ଚଳର ଟିଚର୍ସ କଲୋନୀରେ ଘଟିଥିଲା। ୭୬ ବର୍ଷୀୟା ଦ୍ରୌପଦୀ ସ୍ୱାଇଁ ଘର ସମ୍ମୁଖରେ ବସିଥିବା ବେଳେ ଜଣେ ଅଜଣା ବ୍ୟକ୍ତି ତାଙ୍କ ନିକଟକୁ ଆସି ପିଇବା ପାଣି ମାଗିଥିଲେ। ବୃଦ୍ଧା ଜଣକ ପାଣି ଦେବା ସମୟରେ ଅଭିଯୁକ୍ତ ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଘଟଣା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ର ସହାୟତା ନିଆଯିବା ସହ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ସିଡିଆର, ଏସ୍ଡିଆର, ସିଏଏଫ୍ ଓ ଟାୱାର ଡମ୍ପ୍ ଯାଞ୍ଚ ପରେ ଚୋରି ହୋଇଥିବା ମୋବାଇଲର ଆଇଏମ୍ଇଆଇ ନମ୍ବରକୁ ଟ୍ରାକ୍ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ପୁଲିସ। ଲୁଟ୍ ହୋଇଥିବା ପ୍ରାୟ ୧୫.୫୧ ଗ୍ରାମର ସୁନା ଚେନ୍, ସୁନା ଚେନ୍ର ଅଂଶ, ଘଟଣାରେ ବ୍ୟବହୃତ ବାଇକ୍, ହେଲମେଟ୍, ପ୍ଲାଷ୍ଟିକ୍ ବ୍ୟାଗ୍ ଓ ୱାନ୍ପ୍ଲସ୍ ମୋବାଇଲ ଫୋନ୍ ଜବତ କରିଛି ପୁଲିସ। ଏହି ଘଟଣାରେ ଅଭିଯୁକ୍ତ ଭୁବନ ଓରଫ ସୁଶାନ୍ତ କୁମାର ସାହୁଙ୍କୁ ଗିରଫ କରାଯାଇଥିବା ବେଳେ ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ପକ୍ଷରୁ ଗୁରୁଦିବସ ପାଳିତ



ପାରାଦୀପ,୮।୯ (ସଂଚାର ବ୍ୟୁରୋ)ଃ ପାରାଦୀପର ପ୍ରମୁଖ ଯୋଗଶିକ୍ଷା ଅନୁଷ୍ଠାନ 'ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ' ପକ୍ଷରୁ ପବିତ୍ର ଗୁରୁଦିବସ ଆନନ୍ଦ ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଶିଷ୍ୟମାନେ ନିଜର ପ୍ରିୟ ଯୋଗଗୁରୁ ବିଭୁତି ଭୂଷଣ ସାହୁ (ଟୁଲୁବାବା)ଙ୍କୁ ପୁଷ୍ପଗୁଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ।

ପ୍ରତ୍ୟେହ ସକାଳେ ଯୋଗଗୁରୁ ବିଭୁତି ଭୂଷଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରାଦୀପ ଅଞ୍ଚଳର ବିଭିନ୍ନ ବର୍ଗର ଲୋକେ କପିଳମୁନି ଆଶ୍ରମ ପରିସରରେ ଯୋଗାଭ୍ୟାସ କରିଥାନ୍ତି। ଶାରୀରିକ ସୁସ୍ଥତା ସହ ମାନସିକ ସତେଜତା ପାଇଁ ନିୟମିତ ଯୋଗାଭ୍ୟାସର ଗୁରୁତ୍ୱ ସମ୍ପର୍କରେ ଗୁରୁଙ୍କ ମାର୍ଗଦର୍ଶନ ଶିଷ୍ୟମାନଙ୍କୁ ପ୍ରେରଣା ଯୋଗାଇଆସୁଛି।

ଗୁରୁଦିବସ ଅବସରରେ ଶିଷ୍ୟମାନେ ଗୁରୁପୂଜା କରିବା ସହ ଯୋଗଗୁରୁଙ୍କ ପ୍ରତି ନିଜର ଶ୍ରଦ୍ଧା, ସମ୍ମାନ ଓ କୃତଜ୍ଞତା ପ୍ରକାଶ କରିଥିଲେ। ଗୁରୁ ହିଁ ଜୀବନର ଅନ୍ଧକାର ଦୂର କରି ଜ୍ଞାନ ଓ ସୁସ୍ଥ ଜୀବନର ପଥ ଦେଖାଇଥାନ୍ତି ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

କାର୍ଯ୍ୟକ୍ରମରେ ଆଲୋକ ମହାପାତ୍ର, ମନୋଜ ମହାନ୍ତି, ପ୍ରତାପ ଚନ୍ଦ୍ର ସାହୁ, ଆଲୋକ ସ୍ୱାଇଁ, ପ୍ରଶାନ୍ତ ରାଉତ, କୃପାସିନ୍ଧୁ ଦାସ (ମେଘା), ପ୍ରଭାତ ମହାପାତ୍ର, ଆଲୋକ ଦାସ, ସୁରେନ୍ଦ୍ର ମହାପାତ୍ର, ସୁନୀଲ ପରିଡ଼ା, ଅମୀୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଗୁରୁପୂଜା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ପୋଲ ଅଛି, ରାସ୍ତା ନାହିଁ

## ୩୦ କୋଟିର 'ବିକାଶ' ଫସିଛି କେନାଲରେ

### ସଂଯୋଗୀକରଣ ରାସ୍ତା ନଥିବାରୁ ଲୋକଙ୍କ କାମରେ ଲାଗୁନି

### 'ବିକାଶ' ନାଁରେ ଅର୍ଥ ବରବାଦ ଅଭିଯୋଗ



ଯାଜପୁର,୮।୯ (ସଂଚାର ବ୍ୟୁରୋ)ଃ ବିକାଶ ନାଁରେ ଖର୍ଚ୍ଚ ହେଲା କୋଟି କୋଟି ଟଙ୍କା। ନିର୍ମାଣ ହେଲା ଏକାଧିକ ପ୍ରକଳ୍ପ। ଠିକାଦାର ବିଲ୍ ନେଲେ, ସରକାରୀ ଅର୍ଥ ଖର୍ଚ୍ଚ ହେଲା। ହେଲେ ଯେଉଁ ଉଦ୍ଦେଶ୍ୟରେ ପ୍ରକଳ୍ପ ନିର୍ମାଣ ହୋଇଥିଲା, ତାହା ଯଦି ଲୋକଙ୍କ କାମରେ ନ ଆସେ, ତେବେ ଏହା କେତେଦୂର ସାର୍ଥକ? ଯାଜପୁର ଜିଲ୍ଲାର ଷଠିପୁର-ଯାଜପୁର ଓ ମଙ୍ଗଳପୁର-କୟାଁଗୋଲା ରାସ୍ତାରେ ନିର୍ମିତ ୧୨ଟି ବକ୍ସ କଲଭର୍ଟକୁ ନେଇ ଏବେ ଏଭଳି ପ୍ରଶ୍ନ ଉଠିଛି। ପ୍ରାୟ ୩୦ କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ୧୨ଟି ପୋଲ ନିର୍ମାଣ ପରେ ମଧ୍ୟ ଦୀର୍ଘଦିନ ଧରି ଅବ୍ୟବହୃତ ଅବସ୍ଥାରେ ରହିଥିବା ଅଭିଯୋଗ ହେଉଛି। ମୁଖ୍ୟ ରାସ୍ତାର ସ୍ତରଠାରୁ ପୋଲଗୁଡ଼ିକ ପ୍ରାୟ ୨୦ରୁ ୨୫ ଫୁଟ୍ ଉଚ୍ଚରେ ଥିବାରୁ ଏଗୁଡ଼ିକୁ ସଂଯୋଗ କରିବା ପାଇଁ ଆବଶ୍ୟକ ରାସ୍ତା ନିର୍ମାଣ ହୋଇନଥିବା କୁହାଯାଉଛି। ଫଳରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଥିଲେ ମଧ୍ୟ ଏହାର ସୁଫଳ ସାଧାରଣ ଲୋକ ପାଇପାରୁନାହାନ୍ତି।

ଉପଲବ୍ଧ ତଥ୍ୟ ଅନୁସାରେ, ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ ପକ୍ଷରୁ ଚିଠି ନମ୍ବର ୪୩୦୦-୨୦୨୨ ମାଧ୍ୟମରେ ଷଠିପୁର-ଯାଜପୁର ଓ ମଙ୍ଗଳପୁର-କୟାଁଗୋଲା ରାସ୍ତାରେ ଥିବା ମାଇନର କେନାଲ ଉପରେ ୧୨ଟି କ୍ରସିଂ ପୋଲ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା। ଏହି କାମ ପାଇଁ ଷ୍ଟେଟ୍ ପ୍ଲାନ୍ ୨୦୨୧-୨୨ରୁ ୨୯ କୋଟି ୯୯ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟ କରିବାକୁ ଅନୁମୋଦନ ମିଳିଥିଲା। ପରବର୍ତ୍ତୀ ସମୟରେ ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ କରାଯାଇଥିଲା। ୧୨ଟି ବକ୍ସ ସେଲ୍ କଲଭର୍ଟ ସହ ତିନୋଟି ଫୁଟ୍ ଓଭରବ୍ରିଜ୍ ପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା ରହିଥିଲା। ରାସ୍ତା, ସିଡି ୱାର୍କ, ଟିକସ, ଗଛକଟା ଓ କ୍ୱାଲିଟି କଣ୍ଟ୍ରୋଲ୍ ଆଦିକୁ ମିଶାଇ ପ୍ରକଳ୍ପର ମୋଟ ବ୍ୟୟ ପ୍ରାୟ ୩୦ କୋଟି ଟଙ୍କାରେ ପହଞ୍ଚିଥିଲା।

ସବୁଠାରୁ ବଡ଼ ପ୍ରଶ୍ନ ଏବେ ଏହାକୁ ନେଇ। ଯେଉଁ ପୋଲ ଉପରେ ଦେଇ ଲୋକେ ଯାତାୟାତ କରିବା କଥା, ସେହି ପୋଲଗୁଡ଼ିକ ମୁଖ୍ୟ ରାସ୍ତା ସ୍ତରଠାରୁ ବହୁ ଉଚ୍ଚରେ ରହିଛି। ପୋଲଗୁଡ଼ିକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରିବାକୁ ଉଚ୍ଚ ବନ୍ଧ ଆକାରର ରାସ୍ତା ନିର୍ମାଣ ଆବଶ୍ୟକ ହେବ। ଏଥିପାଇଁ ଭବିଷ୍ୟତରେ ପୁଣି ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ ହେବାର ଆଶଙ୍କା ରହିଛି। ଏପରି ସ୍ଥିତିରେ ପ୍ରକଳ୍ପ ଅନୁମୋଦନ ପୂର୍ବରୁ ଏହାର ସମ୍ପୂର୍ଣ୍ଣ ଡିଜାଇନ୍, ରାସ୍ତାର ସ୍ତର ଓ ଭବିଷ୍ୟତ ବ୍ୟବହାରକୁ କାହିଁକି ବିଚାର କରାଯାଇନଥିଲା— ସେ ନେଇ ପ୍ରଶ୍ନ ଉଠିଛି।

ଯାଜପୁରରେ ଏଭଳି ଅନେକ ପ୍ରକଳ୍ପ ରହିଥିବା ଅଭିଯୋଗ ହେଉଛି, ଯେଉଁଥିରେ ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ଆଶାନୁରୂପ ଲୋକୋପଯୋଗୀ ହୋଇପାରିନାହିଁ।ପ୍ରକଳ୍ପର ଡିଜାଇନ୍ଠାରୁ ଆରମ୍ଭ କରି ଏଷ୍ଟିମେଟ୍, ଟେଣ୍ଡର, ନିର୍ମାଣ, ତଦାରଖ ଓ ବିଲ୍ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟର ସ୍ୱାଧୀନ ଯାଞ୍ଚ ହେଲେ ହିଁ ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ। ନଚେତ୍ କାଗଜରେ 'ବିକାଶ' ଚାଲିଥିବ, ଆଉ ମାଟିରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଅବ୍ୟବହୃତ ହୋଇ ପଡ଼ିରହିବ।




# ସକାଳୁ ହଳଦୀ ପାଣି ପିଉଛନ୍ତି କି ?

## ଶରୀରକୁ ମିଳିବ ଚମତ୍କାରୀ ଫାଇଦା



**ଡ଼ାକ୍ତର ଏବଂ ବଡ଼ ଲୋକମାନେ ସକାଳୁ ଉଠି ଖାଲି ପେଟରେ ହାଲୁକା ଉଷୁମ ପାଣି ପିଇବା ପାଇଁ ପରାମର୍ଶ ଦେଇଥାନ୍ତି। ଏପରି କରିବା ଦ୍ୱାରା ସହଜରେ ପେଟ ସଫା ହୋଇଯାଏ ଏବଂ ଏସିଡିଟି ସମସ୍ୟା ଥିବା ଲୋକମାନଙ୍କ ପାଇଁ ଲାଭକାରୀ ହୋଇଥାଏ। ଆମ ରୋଷଇ ଘରେ ଏପରି କିଛି ଜିନିଷ ଅଛି ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ଆରାମ ଦେଇଥାଏ। ତେବେ ହାଲୁକା ଉଷୁମ ପାଣିରେ ଏକ ଚାମଚ ହଳଦୀ ପକାଇ ସେବନ କରିବା ଦ୍ୱାରା କେଉଁ ପ୍ରକାର ଲାଭ ମିଳିଥାଏ ଆସନ୍ତୁ ସେ ସମ୍ପର୍କରେ ଜାଣିବା।**

**ହଳଦୀରେ ମିଳୁଥିବା ଲାଭଃ** ସମସ୍ତେ ଜାଣନ୍ତି ହଳଦୀକୁ ଆଣ୍ଟିସେପ୍ଟିକ କୁହାଯାଇଥାଏ। ଏହା ଆମକୁ ବିଭିନ୍ନ ସଂକ୍ରମଣ ରୋଗ ସହ ଲଢ଼ିବା ପାଇଁ ଶକ୍ତି ପ୍ରଦାନ କରିଥାଏ। ଶରୀର ଭିତରର ରୋଗ ଏବଂ ଶରୀର ବାହାରରର ରୋଗକୁ ଭଲ କରିବାରେ ହଳଦୀ କାମ କରିଥାଏ। ଏହି କାରଣରୁ ଭାରତୀୟ ପରିବାରରେ ଅଧିକରୁ ଅଧିକ ହଳଦୀ ବ୍ୟବହାର କରାଯାଇଥାଏ। ସକାଳୁ ଉଠିବା ପରେ ହାଲୁକା ଉଷୁମ ହଳଦୀ ପାଣି ସେବନ କରିବା ଦ୍ୱାରା ଆପଣଙ୍କର ପେଟ ଏବଂ ଛାତି ଜଳା ପୋଡ଼ା କମ ହୋଇଥାଏ। କିଛି ଲୋକମାନେ ମଧ୍ୟ ରାତିରେ ଅଧିକ ଖାଦ୍ୟ ଖାଇବା କାରଣରୁ ସକାଳୁ ଉଠିବା ପରେ ଛାତି ଜଳା ପୋଡ଼ା ହେବା ଭଳିଲାଗିଥାଏ। ଏହି ସମୟରେ ହଳଦୀ ପାଣି ସେବନ କରିବା ଦ୍ୱାରା ଆରାମ ମିଳିଥାଏ। ଯେଉଁ ଲୋକମାନଙ୍କର ସର୍ବଦା ଏସିଡିଟି ଏବଂ ଛାତି ଜଳିବାର ସମସ୍ୟା ରହିଛି ସେହି ବ୍ୟକ୍ତିମାନେ ସର୍ବଦା ହଳଦୀ ପାଣି ସେବନ କରିବା ଉଚିତ। ଏକ ସପ୍ତାହ ମଧ୍ୟରେ ଆପଣ ଏହାର ପ୍ରଭାବ ଦେଖିବାକୁ ପାଇବେ।

**ମାନସିକ ରୋଗ ଦୂର କରିଥାଏଃ** ହଳଦୀରେ ଥିବା 'କର୍କମିନ' ତତ୍ତ୍ୱ ଥାଏ। ଯାହା ଆମର ମସ୍ତିଷ୍କ ପାଇଁ ଲାଭକାରୀ ହୋଇଥାଏ। ମାନସିକ ରୋଗକୁ ରକ୍ଷା ପାଇବା ପାଇଁ ବ୍ରେନ- ଡିରାଇଣ୍ଡ ନ୍ୟୁଟ୍ରୋଫିକ ଫ୍ୟାକ୍ଟରର ଆବଶ୍ୟକତା ରହିଥାଏ। ଯାହା ହଳଦୀର କର୍କମିନ ତତ୍ତ୍ୱରୁ ମିଳିଥାଏ। ଏହାକୁ ସକାଳୁ ସେବନ କରିବା ଅତ୍ୟଧିକ ଲାଭକାରୀ ହୋଇଥାଏ।

**କ୍ୟାନ୍ସର ରୋଗରୁ ରକ୍ଷା କରିଥାଏଃ** ହଳଦୀ ପାଣିରେ ଆଣ୍ଟି-ଅକ୍ସିଡେଣ୍ଟ ବା ଆଣ୍ଟିଥେସିସ୍ ରହିଥାଏ। ଯାହା ଏହି ରୋଗରୁ ମୁକ୍ତି ଦେବାରେ ସହାୟକ କରିଥାଏ। ଏହି ରୋଗ ପାଇଁ ହଳଦୀ ପାଣି ବେଷ୍ଟ ବୋଲି ବିବେଚନା କରାଯାଉଛି।

**ପେଟ ରୋଗ ଏବଂ ଛାତି ରୋଗ ପାଇଁ ଲାଭକାରୀ ହୋଇଥାଏଃ** ସକାଳୁ ଖାଲି ପେଟରେ ହଳଦୀ ପାଣି ସେବନ କରିବା ଦ୍ୱାରା ଆମର ପାଚନ ଶକ୍ତି ମଜବୁତ ହୋଇଥାଏ। ଏହା ସେବନ କରିବା ଦ୍ୱାରା ପେଟ ସଫା ରହିଥାଏ ଏବଂ ଭୋକ ମଧ୍ୟ ଲାଗିଥାଏ। ଏହା ବ୍ୟତୀତ ହଳଦୀ ଅତ୍ୟଧିକ ମୋଟାପଣ ଏବଂ କୋଲେଷ୍ଟ୍ରଲର ମାତ୍ରାକୁ କମ୍ କରିଥାଏ।

**ଗଣ୍ଠିଜନିତ ସମସ୍ୟା ଦୂର କରିଥାଏଃ** ଗଣ୍ଠି ଜନିତ ସମସ୍ୟା ଥିବା ଲୋକମାନଙ୍କ ପାଇଁ ହଳଦୀ ପାଣି ବହୁତ ଫଳପ୍ରଦ ହୋଇଥାଏ। ହଳଦୀ ଗଣ୍ଠି ଯନ୍ତ୍ରଣାକୁ ଦୂର କରିବାରେ ସାହାଯ୍ୟ କରିଥାଏ।

**ମଧୁମେହରୁ ରକ୍ଷା କରିଥାଏଃ** ହଳଦୀ ସେବନ କରିବା ଦ୍ୱାରା ମଧୁମେହ ରୋଗକୁ ନିୟନ୍ତ୍ରଣ କରିଥାଏ। ଏହା ବ୍ୟତୀତ ହଳଦୀ ପାଣି କିଡନି ପାଇଁ ଲାଭକାରୀ ହୋଇଥାଏ।

# କେଶ ପାଇଁ ମେଥି ହେୟାର ମାସ୍କ

**ବର୍ତ୍ତମାନର ଖରାପ ଲାଇଫ୍‌ଷ୍ଟାଇଲ୍ ଏବଂ ଖାଇବା ଅଭ୍ୟାସ ହେତୁ ଲୋକଙ୍କ କେଶ ବହୁତ ଅଧିକ ଝଡିବାକୁ ଲାଗୁଛି। ଏଭଳି ପରିସ୍ଥିତିରେ ଲୋକମାନେ କେଶ ଝଡ଼ିବା ପାଇଁ ଦାମୀ ତେଲ, ସାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରନ୍ତି। କିନ୍ତୁ ଏସବୁ କରିବା ପରେ ମଧ୍ୟ କେଶ ମୋଟା ଏବଂ ଲମ୍ବା ହେବା ପରିବର୍ତ୍ତେ ଝଡ଼ିବାକୁ ଲାଗୁଛି। ତେବେ କେଶ ପାଇଁ କେମିକାଲ ପ୍ରଡକ୍ଟରେ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ, ଆପଣ ନିଜ ରୋଷେଇ ଘରେ ଥିବା ଏହି ଜିନିଷଗୁଡିକ ବ୍ୟବହାର କରିବା ଉଚିତ୍। କେବଳ ଆପଣଙ୍କ କେଶ ଝଡ଼ିବା ବନ୍ଦ କରେ ନାହିଁ ବରଂ ସେମାନଙ୍କୁ ମୂଳରୁ ଷ୍ଟ୍ରଙ୍ଗ କରେ। ଯଦି ଆପଣ ମଧ୍ୟ କେଶ ଝଡ଼ିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ ଏକ ଉପଚାର ସମ୍ପର୍କରେ ଜଣାଇବୁ।**

ପ୍ରଦୂଷଣ ଏବଂ ବଦଳୁଥିବା ଜୀବନଶୈଳୀ କାରଣରୁ କେଶରେ ଖରାପ ପ୍ରଭାବ ପକାଇଥାଏ। ଯଦି କେଶର ଚିକିତ୍ସା ନ କରନ୍ତି ତାହେଲେ ବହୁତ ସମସ୍ଯା ସୃଷ୍ଟି ହୋଇପାରେ ଯଥା-କେଶ ଝଡିବା,ଡେନଡ୍ରଫ,ସୁକ୍ଷ୍ମ କେଶ ଆଦି। କିନ୍ତୁ ଏହାଠାରୁ ଦୁରେଇ ରହିବା ପାଇଁ ଜରୁରୀ ନୁହେଁ ଯେ ଆପଣ ଦାମୀ ପ୍ରଡକସନ ବ୍ଯବହାର କରନ୍ତୁ କିମ୍ବା ପାର୍ଲରରେ ପଇସା ଖର୍ଚ୍ଚ କରନ୍ତୁ। ରୋଷେଇରେ ବ୍ଯବହାର ହେଉଥିବା ମେଥିକୁ ଆପଣ କେଶ ସମ୍ବନ୍ଧୀୟ ସମସ୍ତ ସମସ୍ଯାକୁ ଦୂର କରିପାରିବେ। ମେଥୀରେ ପ୍ରୋଟିନ,ଭିଟାମିନ ସି,ପୋଟାସିୟମ,ଆଇରନ,ନିକୋଟିନିକ ଏସିଡ ଏବଂ ଲେସିଥିନ ପ୍ରଚୁର ପରିମାଣରେ ମିଳିଥାଏ।ଏହିସବୁ ତତ୍ତ୍ୱ କେଶରେ ମଜଭୁତୀ ଏବଂ ଚମକ ବଢ଼ାଇବାରେ ସାହାଯ୍ଯ କରିଥାଏ। ଏହାର ବ୍ଯବହାର କରିବାକୁ ହେଲେ ପ୍ରଥମେ ଗରମ ପାଣିରେ ମେଥି ଦାନାକୁ ରାତିସାରା ଫୁଲିବା ପାଇଁ ଛାଡିଦେବେ। ପରେ କେଶର ସମସ୍ଯା ହିସାବରେ ଆପଣ ଏଥିରେ ବାକି ଜିନିଷ ମିଶାଇ ହେୟାର ମାସ୍କ ତିଆରି କରିବେ। ଯଦି ଆପଣ କେଶ ଝଡିବା ବନ୍ଦ କରିବାକୁ ଚାହୁଁଛନ୍ତି ତାହେଲେ ରାତିସାରା ଭିଜେଇକରି ରଖିଥିବା ମେଥି ଦାନାକୁ ପେଶି ପେଷ୍ଟ ପ୍ରସ୍ତୁତ କରିଦିଅନ୍ତୁ। ଏହାପରେ ଏଥିରେ ନଡିଆ ତେଲକୁ ମିଶାଇ କେଶର ମୂଳରେ ଲଗାନ୍ତୁ। ହେୟାର ମାସ୍କକୁ ୩୦ ରୁ ୪୦ ମିନିଟ ପର୍ଯ୍ଯନ୍ତ ଶୁଖିବାକୁ ଛାଡି ଦିଅନ୍ତୁ। ଏହାପରେ ସାମ୍ପୁରେ କେଶକୁ ଭଲଭାବେ ଧୋଇ ଦିଅନ୍ତୁ। ସପ୍ତାହରେ ଏହିଭଳି ଥରେ ବ୍ଯବହାର କଲାପରେ କେଶ ଉଠିବା ଆରମ୍ଭ ହୋଇଯିବ।

ରାତିସାରା ଗରମ ପାଣିରେ ଭିଜା ହୋଇ ରଖାଯାଇଥିବା ମେଥି ଦାନାକୁ ଦହି ସହିତ ପେସି ଦିଅନ୍ତୁ। ଏହାପରେ ଏହି ପେଷ୍ଟକୁ କେଶରେ ଲଗାଇ ଘଣ୍ଟାଏ ପରେ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇଥର ଏହି ମାସ୍କକୁ ବ୍ଯବହାର କଲେ ଫରକ ଅଳ୍ପ ଦିନରେ ଜାଣିପାରିବେ।

ପୁରୁଣା କେଶର ଚମକ ଆଣିବା ଏବଂ ସ୍କାଲ୍ପରେ ଶୁଷ୍କତା ଦୂର କରିବାକୁ ହେଲେ ରାତିସାରା ଭିଜାଇ ରଖିଥିବା ମେଥି ଦାନାକୁ ପେସି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏଥିରେ ଅଣ୍ଡାର ହଳଦିଆ ଅଂଶକୁ ମିଶାଇ କେଶରେ ଅଧଘଣ୍ଟା ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହାପରେ ସାମ୍ପୁ ଲଗାଇ କେଶକୁ ଧୋଇ ଦିଅନ୍ତୁ। ମାସରେ ହାରାହାରି ଦୁଇଥର ଏପରି କରିବା ଦ୍ୱାରା ଆପଣଙ୍କୁ ଫାଇଦା ମିଳିଥାଏ।





# ନେଲ ପେଣ୍ଟ ବୃଦ୍ଧି କରିପାରେ ଚର୍ମ କର୍କଟ ଆଶଙ୍କା



ନିକଟରେ ନେଲ ପେଣ୍ଟକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ନେଲ ରିମୁଭର ସହିତ ନେଲପେଣ୍ଟକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏହି ରାସାୟନିକ ପଦାର୍ଥଗୁଡ଼ିକ ଚର୍ମ କର୍କଟ ରୋଗର ଆଶଙ୍କାକୁ ଯଥେଷ୍ଟ ବୃଦ୍ଧି କରେ। ଥରେ ଏଗୁଡ଼ିକ ଆମ ଶରୀରରେ ପ୍ରବେଶ କରିବା ପରେ, ଏଗୁଡ଼ିକ ଚର୍ମ ଏବଂ କୋଷଗୁଡ଼ିକୁ କ୍ଷତି ପହଞ୍ଚାନ୍ତି। ଅନେକ ନେଲପଲିସରେ ଫର୍ମାଲ୍ଡିହାଇଡ, ଟୋଲୁଇନ ଏବଂ ଡିବ୍ୟୁଟିଲ ଫାଥଲେଟ ଭଳି ରାସାୟନିକ ପଦାର୍ଥ ଥାଏ। ଯାହା କ୍ୟାନ୍ସର ଭଳି ବଡ଼ ରୋଗ କରିପାରେ। ଏଭଳି ଏକ ଚାଞ୍ଚଲ୍ୟକର ରିପୋର୍ଟ ଦେଇଛି ହାର୍ଭାର୍ଡ ହେଲଥ।

ନେଲପେଣ୍ଟ ମହିଳାଙ୍କ ମଧ୍ୟରେ ଏକ ପ୍ରସାଧନର ସାମଗ୍ରୀ। କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ କେତେ ପ୍ରଭାବିତ କରେ, ଯଦି ଜାଣିନାହାଁନ୍ତି, ତେବେ ଜାଣିରଖନ୍ତୁ ଯେ ନେଲପେଣ୍ଟ ବ୍ୟବହାର ଚର୍ମ ପାଇଁ ବିପଦ ସୃଷ୍ଟି କରେ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ସାନ ଡିଏଗୋର ଗବେଷକମାନେ ଜାଣିପାରିଲେ ଯେ ୟୁଭିରୁ ପ୍ରାପ୍ତ ନେଲପଲିସର ବାରମ୍ବାର ବ୍ୟବହାର ସିଧାସଳଖ କୋଷଗୁଡ଼ିକୁ ପ୍ରଭାବିତ କରେ। ପରୀକ୍ଷଣରୁ ଜଣାପଡ଼ିଛି ଯେ କେବଳ ୨୦ ମିନିଟର ୟୁଭି ଏକ୍ସପୋଜର ୨୦ରୁ ୩୦% କୋଷ ନଷ୍ଟ କରିଦିଏ। ନିରନ୍ତର ଏକ୍ସପୋଜର ଏହି ସଂଖ୍ୟାକୁ ୬୦ରୁ ୭୦%କୁ ବୃଦ୍ଧି କରିଛି। ଡିଏନଏ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଥିଲା ଯାହା ଚର୍ମ କର୍କଟ ରୋଗର ବିପଦକୁ ବୃଦ୍ଧି କରିପାରେ। ତେବେ ଏଥିପାଇଁ କ'ଣ କରିବେ ଆସନ୍ତୁ ଜାଣିବା। ପ୍ରତିଦିନ ନେଲପଲିସ ବ୍ୟବହାର ଏଡ଼ାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ମାସକୁ ଗୋଟିଏରୁ ଦୁଇ ସପ୍ତାହ ପାଇଁ ନେଲପଲିସ ବ୍ୟବହାର ବନ୍ଦ କରିବା ଉଚିତ। ପବ ମେଡରେ ପ୍ରକାଶିତ ଏକ ପଦ୍ଧତିଗତ ସମୀକ୍ଷାରୁ ଜଣାପଡ଼ିଛି ଯେ, ଜେଲ୍ ମାନିକ୍ୟୁରରେ ବ୍ୟବହୃତ ୟୁଭି ଲ୍ୟାମ୍ପରୁ ଚର୍ମ କର୍କଟ ହେବାର ଆଶଙ୍କା ଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ପ୍ରମାଣିତ କରାଯାଇପାରିବ ନାହିଁ। ତଥାପି, ବୈଜ୍ଞାନିକମାନଙ୍କ ମତରେ, ନିରନ୍ତର ଏବଂ ଦୀର୍ଘ ସମୟ ଧରି ବ୍ୟବହାର କରିବା ଦ୍ୱାରା କର୍କଟ ରୋଗର ବିପଦ ବଢ଼ିପାରେ।

କେଉଁମାନେ ନେଲପେଣ୍ଟ ଆଦୌ ଲଗାଇବା ଉଚିତ ନୁହେଁ ଆସନ୍ତୁ ଜାଣିବା। ଗର୍ଭାବସ୍ଥାରେ, ଏହାକୁ ଯଥାସମ୍ଭବ ଏଡ଼ାଇବା ପାଇଁ ବିଶେଷ ଯତ୍ନ ନେବା ଉଚିତ, କାରଣ ଖାଇବା ବେଳେ ଏହା ଭୁଲବଶତଃ ପେଟ ଭିତରକୁ ଗଲେ ସମସ୍ୟା ସୃଷ୍ଟି କରିପାରେ। ଏହା ବ୍ୟତୀତ, ଛୋଟ ପିଲାମାନଙ୍କୁ ନେଲପେଣ୍ଟଠାରୁ ଦୂରରେ ରଖିବା ଉଚିତ। ଏହା ସହିତ, ସମ୍ବେଦନଶୀଳ ଚର୍ମ ଥିବା, ପିଢ଼ି ବା ଜିନରେ କର୍କଟ ରୋଗର ଥିଲେ ଏବଂ ଯେଉଁମାନେ ବାରମ୍ବାର ଜେଲ ପଲିସ ଏବଂ ୟୁଭି ଲ୍ୟାମ୍ପ ବ୍ୟବହାର କରନ୍ତି ସେମାନେ ସତର୍କତା ଅବଲମ୍ବନ କରିବା ଉଚିତ।

# ରକ୍ତରେ ଶର୍କରାସ୍ତରକୁ ପ୍ରଭାବିତ କରିପାରେ

## ଘଣ୍ଟା ଘଣ୍ଟା ଧରି ଏସି ତଳେ ବସୁଥିଲେ

ଆମେ ଯଦି ଆପଣଙ୍କୁ ପ୍ରଶ୍ନ ପଚାରିବୁ ଏସିରେ ଆପଣ କେତେ ସମୟ ବିତାଉଛନ୍ତି ? ୩ ଘଣ୍ଟା କିମ୍ବା ୪ ଘଣ୍ଟା। ଅଫିସ ଯାଉଥିଲେ ଏହି ସମୟ ଆହୁରି ବଢ଼ିଯିବ। ଯାହା ପାଖାପାଖି ୮ରୁ ୧୦ ଘଣ୍ଟା। ଅଫିସ ହେଉ କି ଘର, ଘଣ୍ଟା ଘଣ୍ଟା ଧରି ଏସି ତଳେ ବସି ରହୁଥିଲେ ଏହାକୁ ଆପଣ ହାଲୁକା ଭାବେ ନେଉଥିବେ। କିନ୍ତୁ, ନିକଟରେ ବିଶେଷଜ୍ଞ ଏସିରେ ବିତାଉଥିବା ଲୋକଙ୍କ ଶାରୀରିକ ସମସ୍ୟା ଉପରେ ଏକ ରିପୋର୍ଟ ଦେଇଛନ୍ତି। ଅତ୍ୟଧିକ ଏୟାର କଣ୍ଡିସନର ବ୍ୟବହାର ରକ୍ତ ଶର୍କରା ସ୍ତରକୁ ବିଚଳିତ କରିପାରେ।

ଗରମରୁ ଆରାମ ପାଇବା ପାଇଁ ଲୋକମାନେ ଏୟାର କଣ୍ଡିସନର (ଏସି) ବ୍ୟବହାର କରନ୍ତି। କିନ୍ତୁ ଏହା ଆପଣଙ୍କ ରକ୍ତ ଶର୍କରା ସ୍ତରକୁ ପ୍ରଭାବିତ କରିପାରେ। ଖାସ୍ କରି ମଧୁମେହ ରୋଗୀଙ୍କ ପାଇଁ। ଅନେକ ଅଧ୍ୟୟନ ଏବଂ ବିଶେଷଜ୍ଞମାନେ ସହମତ ଯେ, ଏସିର ଅତ୍ୟଧିକ ବ୍ୟବହାର ମଧୁମେହ ରୋଗୀଙ୍କ ପାଇଁ ବିପଦ ସଙ୍କେତ ହୋଇପାରେ। ପ୍ରାରମ୍ଭରେ, ଏସିର ପ୍ରଭାବ ତୁରନ୍ତ ଅନୁଭୂତ ହୁଏ ନାହିଁ। ଥଣ୍ଡା ପବନରେ ବସିବା ଦ୍ୱାରା ଆରାମ ଅନୁଭବ ହୁଏ। କିନ୍ତୁ, ବାସ୍ତବରେ ଶରୀରର ମେଟାବୋଲିକ କାର୍ଯ୍ୟକଳାପକୁ ଏହା ଧୀର କରିଦିଏ। ଯେତେବେଳେ ମେଟାବୋଲିକ୍ସ ମନ୍ଥର ହୋଇଯାଏ ଏବଂ ରକ୍ତରେ ଶର୍କରା ସ୍ତର ଧୀରେ ଧୀରେ ଖରାପ ହେବାକୁ ଆରମ୍ଭ କରେ। ଦିଲ୍ଲୀର ଜିଟିବି ହସ୍ପିଟାଲର ମେଡିସିନ ବିଭାଗର ଡାକ୍ତର ଅଜିତ କୁମାରଙ୍କ କହିବାନୁସାରେ, ଏୟାର କଣ୍ଡିସନିଂର ଦୀର୍ଘ ସମୟ ଧରି ରହିବାର ଆଉ ଏକ ପ୍ରମୁଖ ସମସ୍ୟା ହେଉଛି "ଶାରୀରିକ ନିଷ୍କ୍ରିୟତା"। ଯେତେବେଳେ ପରିବେଶ ଥଣ୍ଡା ଥାଏ, ଶରୀର କମ ସକ୍ରିୟ ଥାଏ। ଏହି କାରଣରୁ ଲୋକମାନେ ଅଧିକ ସମୟ ପାଇଁ ଏୟାର କଣ୍ଡିସନିଂ ରୁମରେ ବସିବାକୁ ଏବଂ କମ ଶାରୀରିକ କାର୍ଯ୍ୟ କରିଥାନ୍ତି। ଏହି ହ୍ରାସ ପାଇଥିବା କାର୍ଯ୍ୟକଳାପ ଇନସୁଲିନ ସମ୍ବେଦନଶୀଳତାକୁ ସିଧାସଳଖ ପ୍ରଭାବିତ କରେ ଏବଂ ଶରୀର ରକ୍ତରେ ଗ୍ଲୁକୋଜକୁ ଶକ୍ତିରେ ପରିଣତ କରିବାକୁ ସଂଘର୍ଷ କରେ। ସାଧାରଣତଃ ଯେତେବେଳେ ଗରମରେ ଝାଳ ବାହାରେ, ଏହା ଶରୀରର କ୍ୟାଲୋରି ଜାଳିଦିଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। କିନ୍ତୁ, ଏସିରେ ବସିବା ଦ୍ୱାରା ଆପଣଙ୍କ ଶରୀରରୁ ଆଦୌ ଝାଳ ବାହାରିନଥାଏ। ଏହାର ଅର୍ଥ ହେଉଛି ଝାଳ ମାଧ୍ୟମରେ ନଷ୍ଟ ହୋଇପାରୁଥିବା କ୍ୟାଲୋରି ଆପଣଙ୍କ ରକ୍ତରେ ସଂରକ୍ଷିତ ରହିଥାଏ।

ତେବେ କଳ୍ପନା କରନ୍ତୁ ଯେ ଜଣେ ମଧୁମେହ ରୋଗୀ ଯଦି ପ୍ରତିଦିନ ୮ରୁ ୧୦ ଘଣ୍ଟା ଏୟାର କଣ୍ଡିସନରରେ ବିତାଇବେ, ତେବେ ତାଙ୍କର ଶର୍କରା ସ୍ତର ନିୟନ୍ତ୍ରଣ ପ୍ରକ୍ରିୟା କେତେ ଧୀର ହୋଇଯିବ। ଏହି କାରଣରୁ ଅତ୍ୟଧିକ ଏୟାର କଣ୍ଡିସନର ବ୍ୟବହାରକୁ ମଧୁମେହ ରୋଗୀଙ୍କ ପାଇଁ ଏକ ବିପଦର କାରଣ ଭାବରେ ବିବେଚନା କରାଯାଏ। ତେବେ ଏହାର ଅର୍ଥ କ'ଣ ଆମେ ଏସି ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିଦେବା ଉଚିତ ? ଯଦି ଆପଣ ଅଧିକ ସମୟ ପାଇଁ ଏସିରେ ରହୁଛନ୍ତି, ମଝିରେ ମଝିରେ ହାଲୁକା ଚଲାବୁଲା କରନ୍ତୁ। ଘରେ ଥିବା ସମୟରେ ଷ୍ଟ୍ରେଚିଂ କରନ୍ତୁ ଏବଂ ପର୍ଯ୍ୟାପ୍ତ ପାଣି ପିଅନ୍ତୁ। ଘରେ ଥିବା ସମୟରେ ଏସିର ବ୍ୟବହାର କମ କରିବା ସହ ଘରର ତାପମାତ୍ରାକୁ ଅତ୍ୟଧିକ ଥଣ୍ଡା ରଖନ୍ତୁ ନାହିଁ।



ଦିବ୍ୟାଙ୍ଗ ପୁଅକୁ ମିଳୁନଥିଲା ଭତ୍ତା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତୁରନ୍ତ ସହାୟତା



**ବଲାଙ୍ଗିର,୮।୯ (ସଂଚାର ବ୍ୟୁରୋ):** ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରି ଥକିଗଲେ। ହେଲେ ସମସ୍ୟାର ସମାଧାନ ହେଲାନି। ଶେଷରେ ନିରାଶ ହୋଇ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ପହଞ୍ଚିଲେ ଏକ ଅସହାୟ ପରିବାର। ଅଭିଯୋଗ ଶୁଣିବା ପରେ ତୁରନ୍ତ ପଦକ୍ଷେପ ନେଇଛନ୍ତି ବଲାଙ୍ଗିର ଜିଲ୍ଲାପାଳ। ବଲାଙ୍ଗିର ସଦର ମହକୁମାଠାରୁ ପ୍ରାୟ ୫୦ କିଲୋମିଟର ଦୂର ଲୁହାକାନ ଗାଁର ଅଶ୍ୱିନୀ ପ୍ରଧାନଙ୍କ ପରିବାରର ଏଭଳି ଦୁର୍ଦ୍ଦଶା ସାମ୍ନାକୁ ଆସିଛି। ଅଶ୍ୱିନୀଙ୍କ ପୁଅ ମାନସିକ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ତାଙ୍କୁ ମିଳୁନଥିଲା ଦିବ୍ୟାଙ୍ଗ ଭତ୍ତା। ପୁଅର ଆଧାର କାର୍ଡ ନଥିବାରୁ ଏହି ସମସ୍ୟା ଦେଖାଦେଇଥିଲା। ପୂର୍ବରୁ ବାପାଙ୍କ ଆଧାର କାର୍ଡ ସହ ଲିଙ୍କ କରାଯାଇ ପୁଅଙ୍କୁ ଭତ୍ତା ଦିଆଯାଉଥିଲା। କିନ୍ତୁ ଅଶ୍ୱିନୀ ପକ୍ଷାଘାତରେ ପୀଡ଼ିତ ହେବା ପରେ ସେହି ଆଧାର କାର୍ଡ ଆଧାରରେ ଆଉ ଭତ୍ତା ମିଳିନଥିଲା। ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିଲା। ଶେଷରେ ଅଟୋ ଭଡ଼ା କରି ଅଶ୍ୱିନୀ, ତାଙ୍କ ସ୍ତ୍ରୀ ଓ ଦିବ୍ୟାଙ୍ଗ ପୁଅ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳଙ୍କୁ ନିଜ ପରିବାରର ଦୁଃଖ ଜଣାଇଥିଲେ। ଅଶ୍ୱିନୀ ପକ୍ଷାଘାତରେ ପୀଡ଼ିତ ହେବା ପରେ ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏପଟେ ଆବାସ ଯୋଜନାରୁ ମଧ୍ୟ ପରିବାରଟି ବଞ୍ଚିତ। ଭଙ୍ଗା ଝାଟିମାଟି ଘରେ ଦିନ କାଟୁଛନ୍ତି ପରିବାରର ସଦସ୍ୟ। ଏଭଳି ସ୍ଥିତିରେ ଜିଲ୍ଲାପାଳଙ୍କ ନିକଟରେ ସହାୟତା ପାଇଁ ଗୁହାରି କରିଥିଲେ ପରିବାର। ଅଭିଯୋଗ ଶୁଣିବା ପରେ ତୁରନ୍ତ ପଦକ୍ଷେପ ନେଇଛନ୍ତି ଜିଲ୍ଲାପାଳ। ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଦେଓଗାଁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ମୁଖ୍ୟମନ୍ତ୍ରୀ ରେଡକ୍ରସ ପାଣ୍ଠିରୁ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏହାସହ ବାପା ଓ ପୁଅଙ୍କ ପାଇଁ ପୃଥକ୍ ପୃଥକ୍ ଆଧାର କାର୍ଡ କରିବା ସହ ସମସ୍ତ ଯୋଗ୍ୟ ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଗରିବ ଓ ଅସହାୟଙ୍କ ପାଇଁ ସରକାର ଅନେକ ଯୋଜନା କରୁଥିବାବେଳେ, ତଳସ୍ତରରେ କିଛି ଅଧିକାରୀଙ୍କ ଉଦାସୀନତା ଯୋଗୁଁ ପ୍ରକୃତ ହିତାଧିକାରୀ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ଏମିତି ବି ଆସେ ମୃତ୍ୟୁ

# ଗାଡ଼ି ଚଳାଉଥିବା ବେଳେ ହୃଦ୍‌ଘାତିର ଶିକାର ହେଲେ ମକାରୁ



**ସୁବର୍ଣ୍ଣପୁର, ୮।୯ (ସଂଚାର ବ୍ୟୁରୋ):** ଜଣେ ଅତ୍ୟନ୍ତ ଭଦ୍ର, ମେଳାପୀ ତଥା ପରିଶ୍ରମୀ ଗ୍ୟାରେଜ ମିସ୍ତ୍ରୀ ତଥା ମାଲିକ ଙ୍କ ଦୁଃଖଦ ମୃତ୍ୟୁ ହୋଇଛି। ଏମିତି ବି ଆସେ ମୃତ୍ୟୁ। ଗାଡ଼ି ଚଳାଉଥିବା ବେଳେ ଅସୁସ୍ଥତା ଅନୁଭବ କରି ଗାଡ଼ିକୁ ରାସ୍ତା କଡରେ ଠିଆ କରି ସିଟ୍ ରେ ବସିଥିବା ଅବସ୍ଥା ରେ ଚାଳକଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅଧିନସ୍ଥ ଗନିଆଁ ଫାଣ୍ଡି ଅନ୍ତର୍ଗତ କେନାଲ ରାସ୍ତା ଗନିଆ ଛକ ପାଖରେ। ଲଛିପୁର ଥାନା କୁଦୋପାଲି ଗ୍ରାମର ମକାରୁ ବାଗ (୪୧) ନିଜ ଗାଡି ସ୍ୱିଫ୍ଟ ଡିଜାୟାର ଓଡ଼ି୨୭ଏ ୦୧୬୬ ରେ ବରପାଲିକୁ କାମ ପାଇଁ ଯାଇଥିବା ସମୟରେ ଗନିଆଁ ଗାଁ ଛକ ନିକଟରେ କାର ଚଳାଉଥିବା ବେଳେ ଅସୁସ୍ଥତା ଅନୁଭବ କଲେ ତେଣୁ କାର ଟିକୁ ରାସ୍ତା କଡରେ ଅଟକାଇ ଦେଇ ଷ୍ଟାଟ ବନ୍ଦ କରି ବିଶ୍ରାମ ନେଉଥିଲେ। ହଠାତ ହୃଦଘାତ ହୋଇ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା ଉପରେ କାର ଛିଡାକରି କାର ଭିତରେ ଦୀର୍ଘ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିଲେ। କାର ଟି ଛିଡା ହୋଇଥିଲା କିନ୍ତୁ କାରର ୱାଇଫର ଚାଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳକୁ ପୋଲିସ ପହଞ୍ଚି କାର ଭିତରୁ ମକାରୁଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଥିବା ବେଳେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ମକାରୁଙ୍କ ଭାଇ ରାମେଶ୍ୱର ବାଗ ବିନିକା ଥାନାରେ ଲିଖିତ ଏତଲା ଦେଇଥିବା ବେଳେ ଏତଲାକୁ ଆଧାର କରି ବିନିକା ଥାନାରେ ୨୧/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୁଲିସ ସୂଚନା ଯୋଗ୍ୟ ଯେ ଅତ୍ୟନ୍ତ ଗରିବ ପରିବାର ରୁ ଆସିଥିବା ମକାରୁ ପ୍ରଥମେ ମନମୁଣ୍ଡା ର ଏକ ଗ୍ୟାରେଜରେ ହେଲପର୍ ଭାବରେ କାମ ଶିଖିବା ପରେ ମିସ୍ତ୍ରୀ ଭାବରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପଲସାଗୁଡା ଠାରେ ଗ୍ୟାରେଜ କରି ଅତ୍ୟନ୍ତ ପରିଶ୍ରମୀ ହେତୁ ଭଲ ଦୁଇ ପଇସା ରୋଜଗାର କରୁଥିଲେ।

୭୦ ବର୍ଷ ଧରି ବିକାଶରୁ ଦୂରରେ ଗାଁ ରାସ୍ତା

# ବିଜୁଳି, ପାଣି ନାହିଁ; ଖଟିଆରେ ବୁହା ହୁଅନ୍ତି ରୋଗୀ

**ଧରାକୋଟ,୮।୯ (ସଂଚାର ବ୍ୟୁରୋ):** ଏମିତି ଏକ ଗାଁ, ଯେଉଁଠି ଆଜି ବି ବିକାଶର ଛାଇ ପଡ଼ିନାହିଁ। ପାହାଡ଼ ଓ ଜଙ୍ଗଲ ଘେରା ଏହି ଉପାନ୍ତ ଗାଁରେ ମୌଳିକ ସୁବିଧା ଏବେ ବି ସାତ ସପନ। ନାହିଁ ଭଲ ରାସ୍ତା, ନାହିଁ ବିଜୁଳି, ନାହିଁ ସ୍ୱଚ୍ଛ ପାନୀୟ ଜଳ। ଗାଁକୁ ଯିବା ପାଇଁ ଅଙ୍କାବଙ୍କା ପଥୁରିଆ ରାସ୍ତା ହିଁ ଏକମାତ୍ର ଭରସା। ଏହି ଅଭାବ ଅନାଟନର ଗାଁ ହେଉଛି 'ବେତବଣ'। ଧରାକୋଟ ସାଆନ୍ତ ପଞ୍ଚାୟତର ପାହାଡ଼ ଓ ଜଙ୍ଗଲ ଘେରା ଏହି ଗାଁରେ ୨୦ରୁ ଅଧିକ ପରିବାର ରହୁଛନ୍ତି। ହେଲେ ଏପାଏଁ ଗାଁ ମାଟି ମାଡ଼ିନି ବିକାଶ। ପକ୍କା ରାସ୍ତା ତ ଦୂରର କଥା, ଗାଁକୁ ଯାତାୟାତ ପାଇଁ ଜଙ୍ଗଲ ଭିତର ଦେଇ ଯାଇଥିବା ପଥୁରିଆ ରାସ୍ତା ଉପରେ ନିର୍ଭର କରୁଛନ୍ତି ଲୋକେ। ରାସନ ଆଣିବା ହେଉ କି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଏପରିକି ଭତ୍ତା ପାଇଁ ମଧ୍ୟ ପ୍ରାୟ ୪ କିଲୋମିଟର ରାସ୍ତା ପାଦରେ ଚାଲି ଯିବାକୁ ପଡୁଛି। ଗାଁକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ପହଞ୍ଚିବା ସମ୍ଭବ ହେଉନାହିଁ। ଫଳରେ ଗୁରୁତର ରୋଗୀଙ୍କୁ ଖଟିଆରେ ବୁହାଇ ନେବାକୁ ପଡୁଛି। କେବଳ ଦିନେ ଦୁଇ ଦିନର ସମସ୍ୟା ନୁହେଁ, ଗତ ୭୦ ବର୍ଷ ଧରି ଏଭଳି ସଂଘର୍ଷ କରୁଛନ୍ତି ଗାଁ ଲୋକେ। ଗାଁରେ ନାହିଁ ବିଜୁଳି, ନାହିଁ ସ୍ୱଚ୍ଛ ପାଣି। ପିଲାଙ୍କ ପାଇଁ ସ୍କୁଲ ନାହିଁ କି ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ମୌଳିକ ସୁବିଧା ଅଭାବରୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ଯୋଜନାର ଲାଭରୁ ମଧ୍ୟ ବଞ୍ଚିତ ହେଉଛନ୍ତି ଲୋକେ। ଗାଁର ଏଭଳି ସମସ୍ୟା ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଏପାଏଁ କୌଣସି ସୁଧାର ଆସିନାହିଁ। ପ୍ରଶାସନର ନଜର ଏହି ଗାଁ ଉପରେ ପଡୁନଥିବା ଅଭିଯୋଗ କରିଛନ୍ତି ଗାଁ ଲୋକେ। ମୌଳିକ ସୁବିଧା ଅଭାବରୁ ଅନେକ ପରିବାର ଗାଁ ଛାଡ଼ି ଅନ୍ୟତ୍ର ଚାଲିଗଲେଣି।



## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

**ସୁବର୍ଣ୍ଣପୁର,୮।୯ (ସଂଚାର ବ୍ୟୁରୋ):** ସୋନପୁର ସହରର ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ନବଭାରତ କାର୍ଯ୍ୟକ୍ରମରେ



ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗ ଦେଇ ନିରକ୍ଷରତା ଦୂରୀକରଣ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଳାନ ପାଣ୍ଡିଆ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାଲାଜୀ ବିଶ୍ୱନାଥ ଯୋଗ ଦେଇଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁଲିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ବ୍ରତାନନ୍ଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବକ୍ତୃତା, ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବିଚାରକ ଭାବରେ ଶିକ୍ଷୟିତ୍ରୀ ଜୟନ୍ତୀ ମେହେର ପ୍ରଜ୍ଞା ପରିମିତା ମିଶ୍ର,ଦମୟନ୍ତୀ ଜଗଦଲା,ଏସ ଏସ ପ୍ରିୟଦର୍ଶିନୀ,ଶିକ୍ଷକ ଚିତ୍ରସେନ କଳତା, ଆଲୋକ ଗହନ, ଗିରିଶ କୁମାର ତ୍ରିପାଠୀ ଯୋଗଦେଇଥିଲେ।

## ଦିନ ଦ୍ୱିପ୍ରହରରେ ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି



**ବାଲିଆପାଳ,୮।୯ (ସଂଚାର ବ୍ୟୁରୋ):** ମଙ୍ଗଳବାର ଦିନ ଦ୍ୱିପ୍ରହରରେ ବାଲିଆପାଳ ଥାନା ଅନ୍ତର୍ଗତ ଖାରପଦା ଗ୍ରାମିଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି ହୋଇଯାଇଛି।ଏଥିରେ ଦଶ ଲକ୍ଷରୁ ଅଧିକ ଟଙ୍କା ଲୋଟ ହୋଇଥିବା ଅନୁମାନ।ସୂଚନା ମୁତାବକ ଆଜି ଅପରାହ୍ନ ୧ ଟା ୪୦ ମିନିଟ ସମୟ ରେ ୬ଜଣ ଶସ୍ତ୍ର ଡକାୟତ ତିନିଟି ବାଇକ ଯୋଗେ ଖାରପଦା ଗ୍ରାମିଣ ବ୍ୟାଙ୍କ ଭିତରୁ ଗ୍ରାହକ ଭାବରେ ପଶିଥିଲେ। କେହି କିଛି ଭାବିବା ପୂର୍ବରୁ ବ୍ୟାଙ୍କ ର ଗେଟ କୁ ବନ୍ଦ କରି ଦେଇଥିଲେ। ପରେ ବନ୍ଧୁକ ଓ ତେଲେଙ୍ଗା କାତି ଦେଖାଇ ବ୍ୟାଙ୍କ କର୍ମଚାରୀ ଓ କିଛି ଗ୍ରାହକଙ୍କ ଠାରୁ ପ୍ରଥମେ ମୋବାଇଲ ଛଡାଇ ନେଇ ସମସ୍ତଙ୍କୁ ଏଣେତେଣେ ଠେଲି ଦେଇଥିଲେ। ପରେ ମ୍ୟାନେଜର ଅଜୟ କୁମାର ସେଠିଙ୍କୁ ବନ୍ଧୁକ ଦେଖାଇବା ସହିତ ଆକ୍ରମଣ କରି ଥିଲେ। ପରେ ମ୍ୟାନେଜର ଶ୍ରୀ ସେଠୀ ଭୟଭୀତ ହୋଇ ଷ୍ଟ୍ରଙ୍ଗ ରୋମ ଚାବି ଖୋଲିଥିଲେ। ପରେ ଡକାୟତ ମନେ ଷ୍ଟ୍ରଙ୍ଗରୋମ ଓ ଆକାଉଣ୍ଟ ସେକସନରୁ ଅନୁମାନିକ ଦଶ ଲକ୍ଷ ରୁ ଅଧିକ ଟଙ୍କା ଲୋଟ କରି ସମସ୍ତଙ୍କୁ ଷ୍ଟ୍ରଙ୍ଗରୋମ ଭିତରେ ପୂରାଇ ଚାବି ପକାଇ ଦେଇ ଚଂପଟ ମାରିଥିଲେ ବୋଲି ମ୍ୟାନେଜର ଶ୍ରୀ ସେଠୀ କହନ୍ତି। ତେବେ ସମସ୍ତ ଡକାୟତ ବଙ୍ଗଳାର କଥା ବାର୍ତ୍ତା କରୁଥିବାରୁ ଏହି ଡକାୟତି ରେ ବାହାର ରାଜ୍ୟର ଡକାୟତ ମାନଙ୍କର ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି। ଏହି ଡକାୟତି ବ୍ୟାଙ୍କରେ ଦୁଇ ଜଣ ହେଲମେଟ ପିନ୍ଧି ଥିବା ବେଳେ ଚାରି ଜଣ ମାସ୍କ ମୁହଁରେ ଲଗେଇ ଥିଲେ। ଅନ୍ୟ କେତେ ଜଣ ଖୋଲା ମୁହଁରେ ଥିଲେ। ସେମାନଙ୍କ ମଧ୍ୟରେ ଜଣେ ଛୋଟା ଖୋଲା ମୁହଁରେ ଥିବା ନେଇ ପାଖରେ ଥିବା ଏକ ସିସିଟିଭି ଫୁଟେଜରୁ ଜଣା ପଡ଼ିଛି। ମାତ୍ର ଡକାୟତ ମନେ ପ୍ରଥମେ ବ୍ୟାଙ୍କ ରେ ଲାଗି ଥିବା ସିସିଟିଭି କ୍ୟାମରାର ହାଡ଼ଡିସ୍କ ଖୋଲି ନେଇ ଯାଇଥିବାର ସୂଚନା ମିଳିଛି।

## ଛକ ରାସ୍ତା ଶୋଚନୀୟ: ନିଦାବିଷ୍ଟ ପ୍ରଶାସନ

**କନ୍ଧମାଳ,୮।୯ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଗାଁ କୁ ଭଲ ରାସ୍ତା ନାହିଁ। କାଦୁଅ ପଚପଚ ରେ ଯାତାୟାତ କରି ଜୀବନ ବିତାଉଛନ୍ତି ଗ୍ରାମବାସୀ ଓ ହାଇସ୍କୁଲ ଛାତ୍ରଛାତ୍ରୀମାନେ। ବର୍ଷା ଦିନ ଅବସ୍ଥା ନ କହିବା ଭଲ। ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀ ମଧ୍ୟ ଏହି ରାସ୍ତାକୁ ଦେଖିଲେ ଭୟ କରନ୍ତି। ଆମ୍ବୁଲାନ୍ସ ବି ପହଞ୍ଚି ପାରେନି ଗ୍ରାମ ପର୍ଯ୍ୟନ୍ତ। ସବୁ ଜାଣି ନେତାଙ୍କ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଏ ସମସ୍ୟା ପ୍ରତି ଆଖି ବୁଜି ଦେଇଛନ୍ତି। ନିର୍ବାଚନ ସମୟରେ କେବଳ ଦେଖିବାକୁ ମିଳେ ନେତା ମାନଙ୍କର ଲମ୍ବା ଲମ୍ବା ପ୍ରତିଶ୍ରୁତି ହେଲେ ନିର୍ବାଚନ ପରେ ସବୁ ପ୍ରତିଶ୍ରୁତି ପ୍ରତାରଣାରେ ପାଲଟିଯାଏ। ଏମିତି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡ଼ା ପଞ୍ଚାୟତ ଅଧିନରେ ଥିବା ୧୨ ନମ୍ବର ୱାର୍ଡ ର ମୁଣ୍ଡାସାହି ଛକ ଠାରୁ କୁମ୍ଭାର ଖୋଲ ରାସ୍ତା ପର୍ଯ୍ୟନ୍ତ ରାସ୍ତା। ଦୀର୍ଘ ୩ କିଲୋମିଟର ଏହି ମାଟି ରାସ୍ତା ପାଇଁ ଲୋକଙ୍କ କଷ୍ଟ କହିଲେ ନସରେ। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ କିନ୍ତୁ ଏଥିପାଇଁ ନଜର ନଦେଇ ନିଘୋଡ଼ ନିଦରେ ଶୋଇ ପଡ଼ିଥିବା ଗ୍ରାମବାସୀ କହିଛନ୍ତି। ଏବେ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର।ଲୋକଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ କୁ ତ୍ୱରିତ ପଦକ୍ଷେପ ନେବାକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ହେଲେ କୁମ୍ଭାର ଖୋଲ ଗ୍ରାମବାସୀ ଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ ଏତେ ବୈମାତୃକ ମନୋଭାବ କଣ ପାଇଁ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜିଲ୍ଲାପାଳ ଏହି ଘଟଣାରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ଗ୍ରାମବାସୀ ଙ୍କ ଦୀର୍ଘ ଦିନର ଥିବା ରାସ୍ତା ସମସ୍ୟା ସମାଧାନ କରିବାକୁ ଶ୍ରୀ ଜମ୍ବିରା କହଁର, ରଞ୍ଜିତ କହଁର, ଗଣପତି ଦିଗାଲ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ପରିଷଦ ଗଠନ



**ସୁବର୍ଣ୍ଣପୁର,୮।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଜଟେସିଂହା ଗ୍ରାମ ପଞ୍ଚାୟତର ପଞ୍ଚାୟତ ସ୍ତରୀୟ ବ୍ରାହ୍ମଣ ଏକତା ମଞ୍ଚର ବୈଠକ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଶ୍ୟାମସୁନ୍ଦର ମଠ ବଡଖମାର ଠାରେ ଆୟୋଜିତ ବ୍ରାହ୍ମଣ ସମାବେଶରେ ପ୍ରଥମେ ବ୍ରାହ୍ମଣ ପାଦଧୌତ ସେବାପରେ ସାମୂହିକ ବିଷ୍ଣୁ ସହସ୍ରନାମ ପଠନ କରାଯାଇଥିଲା। ପରେ ପରେ ଆୟୋଜିତ ଏକ ସାଧାରଣ ସଭାରେ ଜଗଦୀଶ ପଣ୍ଡା ସଭାପତିତ୍ୱ କରିଥିଲେ। ବ୍ଲକ୍ ସଂପାଦକ ଡ ଦ୍ୱିତୀକୃଷ୍ଣ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ ସହିତ ସଭା ସଂଯୋଜନା କରିଥିବା ବେଳେ ସନ୍ତୋଷ ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ରାହ୍ମଣ ଏକତା ସମନ୍ୱୟ କମିଟିର ଅଧ୍ୟକ୍ଷ ଡ ପ୍ରଫୁଲ୍ଲ କୁମାର ରଥ, ବ୍ଲକ୍ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟ କାରୀ ସଦସ୍ୟ ସତ୍ୟଞ୍ଜିବ ମିଶ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାପତି ଶ୍ୟାମସୁନ୍ଦର ପଣ୍ଡା, ସୋନପୁର ବ୍ଲକ୍ ପ୍ରତିନିଧି ସୁରେଶ୍ କୁମାର ମିଶ୍ର ପ୍ରମୁଖ ଏକତା ମଞ୍ଚର ଭବିଷ୍ୟତ କାର୍ଯ୍ୟପନ୍ଥା ଓ ଜାଗରଣ ସଂପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ।ଏନ୍ ଏ ସି ସଂପାଦକ ନାରାୟଣ ରଥ, ବ୍ଲକ୍ କୋଷାଧ୍ୟକ୍ଷ ସୂର୍ଯ୍ୟ କୁମାର ନନ୍ଦ, ଉପଦେଷ୍ଟା ଦାମୋଦର ହୋତା, ଆଚାର୍ଯ୍ୟ ସୁଶାନ୍ତ କୁମାର ପୁରୋହିତ, ସତ୍ୟ ନାରାୟଣ ନାୟକ, ନିତ୍ୟାନନ୍ଦ ପଣ୍ଡା ରବିନ୍ଦ୍ରନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

**କେନ୍ଦୁଝର,୮।୯(ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଆଜି ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ସମାଜର ପ୍ରତ୍ୟେକ ନାଗରିକଙ୍କୁ ସାକ୍ଷର କରିବା ଏବଂ "ସମସ୍ତଙ୍କ ପାଇଁ ଶିକ୍ଷା"ର ମହତ୍ୱପୂର୍ଣ୍ଣ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମର ଶୁଭାରମ୍ଭରେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଏକ ବିଶାଳ ସାକ୍ଷରତା ସଚେତନତା ରାଲି ବାହାରିଥିଲା। ରାଲିରେ ସ୍ୱତନ୍ତ୍ର ପ୍ରଚାର ଯାନ ସହିତ ମାଇକ୍ ମାଧ୍ୟମରେ ସାକ୍ଷରତା ସମ୍ପର୍କିତ ସଚେତନତା ବାର୍ତ୍ତା, ପ୍ରେରଣାଦାୟକ ଗୀତ ଓ ସ୍ଲୋଗାନ ପ୍ରଚାର କରାଯାଇଥିଲା। ରାଲି ମାଧ୍ୟମରେ ନିରକ୍ଷରତା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ସାକ୍ଷରତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଏହି ରାଲି ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତିରାଜ ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ-ଶିକ୍ଷୟିତ୍ରୀ, (ଉଲ୍ଲାସ) ( ସମାଜରେ ସମସ୍ତଙ୍କ ପାଇଁ ଆଜୀବନ ଶିକ୍ଷା) କାର୍ଯ୍ୟକ୍ରମ ଅଧୀନରେ ସାକ୍ଷର ହୋଇଥିବା ନବସାକ୍ଷର ଏବଂ ନିରକ୍ଷର ବ୍ୟକ୍ତିମାନେ ଏଥିରେ ଉତ୍ସାହର ସହ ଯୋଗଦେଇଥିଲେ।

ଡମସୁଲିମରେ ବସୁଧା ଯୋଜନା ଫେଲ୍

# ଉଗ୍ର ରୂପ ନେଲାଣି ପାନୀୟ ଜଳ ସଂକଟ



**ଲାଞ୍ଜିଗଡ଼,୮।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଡ଼ାଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡମସୁଲିମ ଗ୍ରାମରେ ରାଜ୍ୟ ସରକାରଙ୍କ ବସୁଧା ଯୋଜନା ଅଚଳ ହୋଇ ପଡ଼ିଛି। ସୂଚନା ଅନୁସାରେ ଏଠାରେ ୬୫ରୁ ଉର୍ଦ୍ଧ୍ୱ ଆଦିବାସୀ ଓ ହରିଜନ ପରିବାରଙ୍କ ପାଇଁ ନିର୍ମାଣ କରାଯାଇଛି ବସୁଧା ପାଣି ଟାଙ୍କି। ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଦୁଇ ବର୍ଷରୁ ଅଧିକ ସମୟ ବିତିଗଲାଣି। ହେଲେ ଆଜି ପର୍ଯ୍ୟନ୍ତ ଲୋକଙ୍କ ଘରକୁ ପାଣି ଟୋପାଏ ଆସିପାରୁନାହିଁ।ଘରକୁ ଘର ପାଇପ୍ ସଂଯୋଗ ହୋଇଛି ସତ ହେଲେ ଏକାଧିକ ସ୍ଥାନରେ ପାଇପ୍ ଗୁଡ଼ିକ ମାଟି ଉପରେ ପଡ଼ି ରହିଥିବାବେଳେ କୌଣସି ଷ୍ଟାଣ୍ଡପୋଷ୍ଟରେ ଟ୍ୟାପ୍ ମଧ୍ୟ ଲାଗିନଥିବା ଦେଖିବାକୁ ମିଳିଛି। ଫଳରେ ଗ୍ରାମବାସୀ ଏକମାତ୍ର ସୌରଚାଳିତ ପାଣି ଟାଙ୍କି ଉପରେ ନିର୍ଭର କରି ଚଳୁଥିବା ବେଳେ ପିଇବା ପାଣିର ଅଭାବ ଦେଖାଦେଇଛି।ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀ ଓ ପଞ୍ଚାୟତକୁ ଜଣାଇଲେ ମଧ୍ୟ ସମସ୍ୟାର ସମାଧାନ ହେଉନ'ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ କେବଳ ପାନୀୟ ଜଳ ନୁହେଁ, ରାସ୍ତା ସମସ୍ୟା ମଧ୍ୟ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ାଇଛି। ଗାଁ ନିକଟରେ ଏକ ସ୍ଥାନରେ ରାସ୍ତା ଖରାପ ହୋଇ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତରେ ସମସ୍ୟା ଉପୁଜୁଥିବା ଗ୍ରାମବାସୀ କହିଛନ୍ତି। ଏପରିକି ଜରୁରୀ ସମୟରେ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ଯାଇପାରୁନ'ଥିବା ଅଭିଯୋଗ ହୋଇଛି।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅଭିନବ ଢ଼ଙ୍ଗରେ ଗୁରୁପୂଜନ

**ବୈଶିଙ୍ଗା,୮।୯ (ସଂଚାର ବ୍ୟୁରୋ):** ଗଡ଼ଦେଉଳିଆ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଜୟନ୍ତୀ ଅବସରରେ ପେନସନଧାରୀ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ବ୍ୟାଙ୍କ କୁ ନିମନ୍ତ୍ରଣ କରି ଶାଖା ପରିଚାଳକ ବିବେକାନନ୍ଦ ବେହେରା ଗୁରୁ ପୂଜନ କରିଥିଲେ। ପେନସନଭୋଗୀ ସଂଘର ସଭାପତି ପଦ୍ମଲୋଚନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ମନ୍ମଥ କୁମାର ସାହୁ ପରିଚାଳନା କରିଥିଲେ। ଅନ୍ୟ ପୋଲସନ୍ ଭୋଗୀ ଶିକ୍ଷକ ମାନଙ୍କ ମଧ୍ୟରେ ଉମାକାନ୍ତ ବେହେରା, ବିଜୟ କୁମାର ପରିଡ଼ା, ସଞ୍ଜୟ କୁମାର ମିଶ୍ର, ସୀତାନାଥ ବେହେରା, ମୂରଲୀଧର ମହାନ୍ତି, ଅଭିଳାଷ ଗିରି ହରିଶ ଚନ୍ଦ୍ର ରାଉତ, କୈଳାସ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅମୂଲ୍ୟ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଗଦାଧର ପ୍ରଧାନ, ହରେକୃଷ୍ଣ ବିନ୍ଧାଣୀ, ନୀଦ୍ରାମଣୀ ପାଣି, କଳ୍ପନା ପତି ପ୍ରମୁଖ ଉପସ୍ଥିତ ରହି ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶାଖା ପରିଚାଳକ ଶ୍ରୀଯୁକ୍ତ ବେହେରା ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ବନ୍ୟା ବିପନ୍ନଙ୍କୁ ଶିକ୍ଷୟିତ୍ରୀଙ୍କ ସହାୟତା



**ବାଲିଆପାଳ,୮।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଲଗାତାର ତିନିଥର ବନ୍ୟା ଆସି ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଛି। ସରକାରୀ ସ୍ତରରେ ସେମିତି କିଛି ଆଖି ଦୃଶିଆ କୌଣସି ସହାୟତା ମିଳିନାହିଁ। ସାତ ଦିନର ରିଲିଫ ସହାୟତା ଯୋଗାଇଦେବାକୁ ସରକାରୀ ଘୋଷଣା ହୋଇଥିଲେ ମଧ୍ୟ ବିପନ୍ନଙ୍କ ପାଖରେ ରିଲିଫ ପହଞ୍ଚି ପାରିନି। ତେବେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢାଇ ଥିବା ଦେଖିବାକୁ ମିଳୁଛି। ବିଭିନ୍ନ ବଦାନ୍ୟ ବ୍ୟକ୍ତି ବିଶେଷ ମଧ୍ୟ ବନ୍ୟା ବିପନ୍ନଙ୍କ ପାଖରେ ଛିଡ଼ା ହେବାର ଦେଖିବାକୁ ମିଳୁଛି। ସେହିପରି ମଙ୍ଗଳବାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତର ବିଭିନ୍ନ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ବନ୍ୟା ପ୍ରଭାବିତ ଭିନ୍ନକ୍ଷମ ଓ ଅସହାୟ ମାନଙ୍କୁ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମାମିଲତା ବେହେରା ୩୦ ଦିନର ରେଶନ ସାମଗ୍ରୀ ପ୍ରଦାନ କରିଥିବା ଦେଖିବାକୁ ମିଳିଛି।

## ଭୂ-ବିଜ୍ଞାନ ଛାତ୍ରୀ ସ୍ୱାତୀ ସୂଚନାଙ୍କୁ ସ୍ୱର୍ଣ୍ଣ ପଦକ

**କେନ୍ଦୁଝର,୮।୯(ସଂଚାର ବ୍ୟୁରୋ):** ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷରେ ଭୂ-ବିଜ୍ଞାନରେ ଶତକଡା ୯୦.୦୫ ନମ୍ବର ସିଜିପିଏ ରଖି ଉତୀର୍ଣ୍ଣ ହୋଇଥିବା ଘଟଗାଁ ବ୍ଲକ ଗଦାଧରପୁର ବାସିନ୍ଦା ସୁରେଶ ଚନ୍ଦ୍ର ବେହେରାଙ୍କ ଝିଅ ସ୍ୱାତୀ ସୂଚନା ବେହେରା କୃତିତ୍ୱ ହାସଲ କରିବା ସହିତ ଆଜି ଏହି ବିଶ୍ୱ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସ୍ୱର୍ଣ୍ଣ ପଦକ ସହ ଉପଢୌକନ ପ୍ରାପ୍ତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଛାତ୍ରୀ ସ୍ୱାତୀ ସୂଚନା ସମ୍ବର୍ଦ୍ଧିତ ହୋଇଛନ୍ତି। କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶି ସୁରଜ, କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କୁମ୍ଭମ୍ ପଛି ପ୍ରମୁଖ ଉପସ୍ଥିତ ଥିଲେ। ଘଟଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ସ୍ୱାତୀ ସୂଚନା ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀର ପରିଚୟ ସୃଷ୍ଟି କରିଥିଲେ।

## ଗଛ କାଟିବା ବେଳେ ତଳେପଡ଼ି ଶ୍ରମିକ ମୃତ୍ୟୁ

**ବୈଶିଙ୍ଗା,୮।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ସନ୍ତରା ଗ୍ରାମ ର ଗଛ କାଟୁଥିବା ବେଳେ ତଳକୁ ପଡ଼ି ଜଣଙ୍କର ମୃତ୍ୟୁ। ଘଟଣାରୁ ପ୍ରକାଶ ସନ୍ତରା ଗ୍ରାମର କାହ୍ନୁ ନାଏକ, ଗଦାଧର ଦଳେଇ ବିଶ୍ୱନାଥ ବିନ୍ଧାଣି ଙ୍କ ଏକ ଭେରାଇଟି ଷ୍ଟୋର ଉପରେ ଗଡ଼ି ରହିଥିବା ଗଛଟିକୁ କାଟୁଥିବା ସମୟରେ କାହ୍ନୁ ନାଏକ (୩୫) ଗଛ ଉପରେ ଚଢି ଡାଳ କାଟୁଥିବା ସମୟରେ ଅସାବଧନତା ବସତଃ ଗଛରୁ ତଳକୁ ଖସି ପଡ଼ିଥିଲେ। ସଙ୍ଗେ ସଙ୍ଗେ ବୈଶିଙ୍ଗା ଡାକ୍ତରଖାନା ଆଣିଥିଲେ ମଧ ଛାତିରେ ଆଘାତ ହୋଇଥିବା ଜାଣି ଡାକ୍ତର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନା କୁ ରେଫର କରିଦେଇଥିଲେ। ସେଠାରେ ଚିକିତ୍ସିତ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ବୈଶିଙ୍ଗା ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସନ୍ଧ୍ୟାରେ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଗ୍ରାମ ଶ୍ମଶାନ ରେ ଶବ ସତ୍କାର କରାଯାଇଥିଲା।

## ଉଷୁରେ ପଦକ ବିଜେତାଙ୍କୁ ମହିଳା କଲେଜ ତରଫରୁ ସମ୍ବର୍ଦ୍ଧନା



**ବଲାଙ୍ଗିର,୮।୯ (ସଂଚାର ବ୍ୟୁରୋ):** ୩୨ତମ ଓଡ଼ିଶା ରାଜ୍ୟ ଉଷୁ ପ୍ରତିଯୋଗିତା ୨୧ ରୁ ୨୩ ପର୍ଯ୍ୟନ୍ତ ଝାରସୁଗୁଡା ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗିର ର ମହିଳା କଲେଜ ର ଦୁଇ ଛାତ୍ରୀ ସନ୍ଧ୍ୟା ନାଗ ସ୍ୱର୍ଣ୍ଣ ପଦକ ଓ ଦିୟା ସାଗର ସ୍ୱର୍ଣ୍ଣ ପଦକ ସହିତ ପ୍ରତିଯୋଗିତା ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମନୋନିତ ହୋଇଥିଲେ। ଆଜି ମହିଳା କଲେଜର ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା, କଲେଜ ପିଇଟି ଉପେନ୍ଦ୍ର ସାହୁ ଉଷୁ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଉଷୁ କୋଚ ଯୁଧିଷ୍ଠିର ଗୁରାଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

# ଋଷିକୁଲ୍ୟା ପାଇଁ ବିପଦ ସାଜିଛି କାଶତଣ୍ଡୀ



**ଧରାକୋଟ,୮।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲାର ଋଷୀମାଳ ପର୍ବତରୁ ଋଷିକୁଲ୍ୟା ନଦୀ ଜନ୍ମନେଇ ଗଞ୍ଜାମ ଜିଲାର ସୋରଡା, ଧାକୋଟ, ଆସିକା, ହିଞ୍ଜିଳି, ପୁରୁଷୋତ୍ତମପୁର ବ୍ଲକ୍ ପରେ ଗଞ୍ଜାମ ବ୍ଲକ୍ ଦେଇ ବଙ୍ଗୋପସାଗରରେ ମିଶିଛି। ଗଞ୍ଜାମ ଜିଲାବାସୀଙ୍କ ପିଇବା ପାଣି, ଜଳସେଚନରେ ଋଷିକୁଲ୍ୟା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଣୁ ଏହାକୁ ଗଞ୍ଜାମ ଜିଲାର ଜୀବନରେଖା କୁହାଯାଏ। ହେଲେ ଏହି ପୁରାତନ ଋଷିକୁଲ୍ୟା ନଦୀ ଏବେ ବିପଦରେ ରହିଛି। ଦିନକୁ ଦିନ ନଦୀର ଗର୍ଭ ପୋତି ହୋଇଗଲାଣି। ବର୍ଷା ଦିନେ ନଦୀର ବନ୍ୟାଜଳ ଦୁଇ କୂଳ ଖାଇବା ଯୋଗୁ ଧୀରେ ଧୀରେ ଏହା ଜନବସତି ଆଡ଼କୁ ମାଡି ଯାଉଥିବା ଦେଖାଯାଉଛି। ଅନୁସନ୍ଧାନ ବେଳେ ଦେଖାଯାଇଛି, ନଦୀର ଗର୍ଭ କାଶତଣ୍ଡୀ ସହ ବିଭିନ୍ନ ଲତା ଜାତୀୟ ଗଛରେ ଭରି ଗଲାଣି। ଅନ୍ୟପକ୍ଷେ ବେଲଗାମ ଭାବେ ବାଲି ଖନନ ଯୋଗୁ ନଦୀ ସ୍ଥାନେ ସ୍ଥାନେ ଗତିପଥ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଲାଣି। ଏହା ମଧ୍ୟରେ ଭଞ୍ଜନଗର ଜଳସେଚନ ବିଭାଗ ପକ୍ଷରୁ ଦୁର୍ବଳ ନଦୀ ହିଡ଼ର ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି। ସେହିପରି ବିଭାଗ ପକ୍ଷରୁ ସୋରଡା ବ୍ଲକ୍‌ର ପିପଳପଙ୍କା, ଧରାକୋଟ ବ୍ଲକ୍‌ର ଜାନବିଲି ଓ ଛତ୍ରପୁର ବ୍ଲକ୍‌ର କଂସାରୀଗଣ୍ଡ ଠାରେ ଜିଲାର ଜଳସେଚନ ଓ ପିଇବାପାଣି ସମସ୍ୟାର ସମାଧାନ ପାଇଁ ନୂତନ ବ୍ୟାରେଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନଦୀ ଭିତରେ ମାଇଲ ମାଇଲ ଧରି କାଶତଣ୍ଡୀ ବଂଶ ବିସ୍ତାର କରିବାରେ ଲାଗିଛି। ନିଜର ସୌନ୍ଦର୍ଯ୍ୟରେ ଲୋକଙ୍କୁ ଆକର୍ଷିତ କରିବା ସହ ପାର୍ବଣ ଆଗମନର ସୂଚନା ଦେଉଥିବା କାଶତଣ୍ଡୀ ଋଷିକୁଲ୍ୟା ପାଇଁ ଅଭିଶାପ ପାଲଟିଥିବା ଦେଖା ଦେଇଛି। କାଶତଣ୍ଡୀର ବଂଶ ବିସ୍ତାର ନଦୀର ସୁରକ୍ଷାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନଦୀର ସୁରକ୍ଷା ପାଇଁ କାଶତଣ୍ଡୀ ହଟାଇବା ଜରୁରୀ ହୋଇପଡ଼ିଥିବା ବେଳେ ଏହାର ଶୁଭ୍ରତା ପାର୍ବଣ ଋତୁ ଆଗମନର ସୂଚନା ଦେଉଛି । ଏଣୁ ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।